

দীপিকাଙ୍କ ପରେ ଅଲ୍ଲୁ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-349 ♦BHUBANESWAR ♦TUESDAY ♦17 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୪୯ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୭ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





No.1 Residential Institution

A School of Excellence For
Board / IIT-JEE / NEET / CUET / CA / UPSC Programme

## KRISHNA VIKASH GROUP, BARGARH

# NTA-NEET UG 2025 Result

Krishna Vikash Edu. Network | Odisha | Chhattisgarh | Andhra Pradesh

Krishna Vikash Group of Institutions

| Name | AIR* | Category | Marks | Percentile |
|---|---|---|---|---|
| PRATYUSH | 1178 | OBC | 582 | 99.85 |
| NAVNEET | 292 | ST | 500 | 97.61 |
| RITIKA | 1972 | GEN | 578 | 99.82 |
| RUPA RANJITA | 2242 | GEN | 575 | 99.79 |
| PIYUSH SAHU | 1891 | OBC | 573 | 99.77 |
| PIYUSH MISHRA | 2926 | GEN | 567 | 99.71 |
| RONAK | 2679 | OBC | 565 | 99.68 |
| MUKESH | 3558 | GEN | 562 | 99.64 |
| RAKESH | 2641 | OBC | 561 | 99.70 |
| SUBHAM | 5063 | GEN | 552 | 99.47 |
| HARSHIT | 6189 | OBC | 546 | 99.34 |
| DEEPAL | 9258 | OBC | 535 | 99.05 |
| AMARNATH | 8639 | GEN | 534 | 99.02 |
| NAMITA | 9653 | OBC | 534 | 99.02 |
| ASHUTOSH | 11349 | GEN | 524 | 98.68 |
| ARYYAN | 14146 | OBC | 522 | 98.61 |
| LISA | 14432 | OBC | 521 | 98.57 |
| APARNA | 4061 | EWS | 518 | 98.45 |
| RAJAT | 15712 | OBC | 518 | 98.45 |
| NAMRATA | 14952 | GEN | 512 | 98.20 |
| MADHUSUDAN | 19134 | OBC | 511 | 98.15 |
| NIRLIPTA | 16032 | OBC | 509 | 98.61 |
| JATINDRA | 24217 | OBC | 501 | 97.66 |
| ROHAN | 2501 | SC | 478 | 96.34 |
| HEMAKSHI | 3082 | SC | 470 | 95.82 |
| TAMANNA | 3892 | SC | 460 | 95.15 |
| SAMBHAVNA | 2092 | ST | 424 | 92.46 |
| PRAGYA | 2472 | ST | 416 | 91.80 |
| CHHAYAKANTA | 3602 | ST | 395 | 89.98 |
| PRERIT | 4776 | ST | 379 | 88.51 |
| BABITA | 27280 | OBC | 496 | 97.40 |
| JIYA | 21017 | GEN | 495 | 97.35 |
| CHINMAYANANDA | 22760 | GEN | 491 | 97.12 |
| MONALISA | 22963 | GEN | 490 | 97.06 |
| RAJASHREE | 32770 | OBC | 487 | 96.89 |
| RIDDHI | 26745 | GEN | 482 | 96.59 |
| PRAGATI | 28140 | GEN | 479 | 96.40 |
| TAPASWINI | 38285 | OBC | 479 | 96.40 |
| SOUMYA RANJAN | 41375 | OBC | 474 | 96.08 |
| SHIVAM | 29764 | GEN | 470 | 96.15 |
| ROHAN | 45207 | OBC | 469 | 95.76 |
| SOUMYA RANJAN | 32233 | GEN | 469 | 95.76 |
| DEVESH | 10075 | ST | 327 | 83.13 |
| SIKHA RANI | 9146 | SC | 422 | 92.29 |

## NTA-NEET (UG) 2025 Results Analysis

- 02 Eligible for AIIMS
- 43 Eligible for Govt. Seats
- 13 Above 99 Percentile
- 63 Above 90 Percentile

## JEE Adv. 2025 Results

| Name | Category | AIR |
|---|---|---|
| HEMANEEL | ST | 366 |
| SAMBHAVNA | ST | 726 |
| TUSHARAKANTA | SC | 3573 |
| PARTHA | SC | 4742 |

## JEE Mains 2025 Final Results

PRATYUSH 99.39 Percentile TOTAL

Students Eligible to get Admissions in NITs (as per 2024 Cut-off): 53

| Percentile & Above in Total | Students |
|---|---|
| 98 | 04 |
| 97 | 14 |
| 96 | 21 |
| 95 | 29 |

## ADMISSIONS OPEN (Co-Ed. Day/Residential)
## Nursery to IX & XI CBSE & +2 CHSE
(XI Science / Commerce / Humanities | +2 Science / Commerce)

krishnavikash.com

23 Vibrant Years

SUPER 40 (For 12th Pass Out Students) — 1 Year Extended NEET/JEE/CUET Regular Classroom Programme

CBSE & SUPER40: 99376 18855, 63707 04779, 91245 99099, 93373 10441

CHSE : 70641 40000, 94393 53433, 94380 69105, 94375 89101

• ANGUL: 91246 09681 / 82 • ROURKELA: 70778 53111 • FIRST STEP, BARGARH: 70644 13477 • CEMENT NAGAR: 94396 65394 • BRAHMAPUR: 91246 09687 / 88 • RAIPUR: 77519 93222 • BHILAI: 91245 71067 / 68 / 69 • JAGDALPUR: 91240 87305 / 06 / 07 • VISAKHAPATNAM: 99662 12217 / 63014 64656.

*Category Rank

## ଅଣସର ଘରେ ମହାପ୍ରଭୁଙ୍କ ସେବା: ଆଜି ଓଷୁଅ ଲାଗି

# ଲାଗିହେଲା ଫୁଲୁରୀ ତେଲ

ପୁରୀ,୧୬।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ସୁବାସିତ ଜଳରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦାରୁବିଗ୍ରହଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ସେବା କରୁଛନ୍ତି। ସୋମବାର ଦାରୁଦିଅଁଙ୍କୁ ଲାଗି ହୋଇଛି ଫୁଲୁରୀ ତେଲ। ମଙ୍ଗଳବାର ଠାକୁରଙ୍କୁ ଓଷୁଅ ଲାଗି କରାଯିବ। ତେବେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଫୁଲୁରୀ ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ମଠ ୬ ସେର ଏବଂ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଯୋଗାଇ ଦେଇଥାଏ।



ବର୍ଷକ ଆଗରୁ ୨୪ ପ୍ରକାର ସାମଗ୍ରୀରେ ଏହାକୁ ପ୍ରସ୍ତୁତି କରାଯାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ କେତକୀ, ମଲ୍ଲୀ, ଚମ୍ପା, ଜୁଇ, ଜାଇ, ହେନା ଭଳି ୧୪ ପ୍ରକାର ଫୁଲ, ବେଣାଚେର, ଗୁଲୁଚି ଭଳି ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଇଥାଏ ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ପାଇଁ ସୋମବାର ଅପରାହ୍ଣରେ ମଠର ଦୁଇଜଣ କର୍ମଚାରୀ ୨ଟି ହାଣ୍ଡିରେ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିର ଗାରଦରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ଫୁଲୁରୀ ତେଲକୁ ପତିମହାପାତ୍ର ସେବକ ତିନିଟି ରୁପା ପିଙ୍ଗଣରେ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ।

ଫୁଲୁରୀ ତେଲ ଲାଗି ପରେ ପ୍ରଭୁଙ୍କୁ ଶୟନ ଅବସ୍ଥାରୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଲୋକମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡ଼ାଇବାକୁ କରାଯାଉଛି ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହୋଇଛି ଫୁଲୁରୀ ତେଲ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏଥିରେ ମିଶୁଥିବା ସମସ୍ତ ପ୍ରକାର ଫୁଲ ଏବଂ ବେଣା ଚେରରେ ରହିଛି ଦେହକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି। ଏଣୁ ଦାରୁଦିଅଁମାନେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡ଼ିଥିବା କଳ୍ପନା କରାଯାଇ ଏହି ତେଲ ମର୍ଦ୍ଦନ କରାଯାଇଥାଏ।

## ବିଜେପିକୁ ଘେରିଲା କଂଗ୍ରେସ

# ବର୍ଷ ଏକ; ପ୍ରତାରଣା ଅନେକ



ପୁରୀ,୧୬।୬(ସମିସ): ରାଜ୍ୟରେ ବିଜେପି ସରକାରକୁ ବର୍ଷେ ପୂରିଛି। ନିଜର ଏକ ବର୍ଷର ସଫଳତାକୁ ନେଇ ବିଜେପି ପାଳନ କରୁଛି ବିକାଶ ପର୍ବ। ଠିକ୍ ଏହି ସମୟରେ କଂଗ୍ରେସ ଶାସକ ବିଜେପିକୁ ଘେରିଛି। କୌଣସି ପ୍ରତିଶ୍ରୁତି ବିଜେପି ପାଳନ କରିନି, ବରଂ ସାଧାରଣ ଜନତାଙ୍କୁ ପ୍ରତରଣା ଦେଇ ସେମାନଙ୍କ ଭରସା ଓ ବିଶ୍ୱାସ ଭାଙ୍ଗିଛି। ନେତା, ମନ୍ତ୍ରୀ କେବଳ ଟଙ୍କା ପଛରେ ଧାଇଁଥିବାବେଳେ ରାଜ୍ୟର ବିକାଶ ଠପ୍ ହୋଇଯାଇଛି। ଶିଶୁ ସରକାର କହି ଲୋକଙ୍କୁ ଭୂଆଁ ବୁଲାଉଥିବା ବିଜେପି ଗରିବ ଖଟିଖିଆଙ୍କ ଟିକସ ଅର୍ଥକୁ ବେପରୁଆ ଭାବେ ଖର୍ଚ୍ଚ କରୁଛି। କେବଳ ବଡ଼ବଡ଼ ବିଜ୍ଞାପନ ମାଧ୍ୟମରେ ନିଜର ପ୍ରଚାରପ୍ରସାରରେ ମାତିଛନ୍ତି। ନିର୍ବାଚନ ସମୟରେ ଭୋଟରଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିବାରେ ଫେଲ୍ ମାରିଛନ୍ତି ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା। ସୋମବାର ସ୍ଥାନୀୟ ସଂସ୍କୃତି ଭବନରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା ସାମ୍ବାଦିକ ସମ୍ମିଳନୀ। "ବର୍ଷ ୧ ପ୍ରତାରଣା ଅନେକ', ରାଜ୍ୟ ସରକାରଙ୍କ ୧ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୩ ବର୍ଷର ବିଫଳତା ବିଷୟରେ ଆଲୋକପାତ କରାଯାଇଥିଲା।

ମୁଖ୍ୟଅତିଥି ତଥା ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତ କହିଥିଲେ ଯେ ନିର୍ବାଚନ ସମୟରେ ସେମାନେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଭୁଲିଯାଇଛନ୍ତି। ୩୦୦ ୟୁନିଟ୍ ମାଗଣା ବିଜୁଳି ଗଲା କୁଆଡ଼େ? ଚାଷୀଙ୍କୁ ଧାନରେ ଅଧିକ ୮୦୦ ଟଙ୍କା ଠନ୍ ଠନ୍ କରି ଗଣିଦେବେ ବୋଲି କହିଥିଲେ। ହେଲେ ମଣ୍ଡିରୁ ଧାନ ସଂଗ୍ରହ ହେଉନାହିଁ। ଅଧିକାଂଶ ମଣ୍ଡିରେ ଧାନ ନଷ୍ଟ ହେଉଛି। କଟ୍‌ନୀ ଛଟ୍‌ନୀ ୧୧ରୁ ୧୨ କେଜି କରାଯାଉଛି। ଏପଟେ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡ୍ ଦେବେ କହି ସେପଟେ ଲୁଟି ନେଉଛନ୍ତି। ରାଜ୍ୟରେ ଏବେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିଥିବାବେଳେ

**■ ରଙ୍ଗ ଆଉ ନାଁ ବଦଳା ସରକାର କହି ସମାଲୋଚନା**
**■ ନିର୍ବାଚନ ବେଳର ପ୍ରତିଶ୍ରୁତି କେବଳ ପ୍ରତାରଣା ପାଲଟିଛି**

ବହୁ ଲୋକଙ୍କ ଜୀବନ ଗଲାଣି। ଦରଦାମ୍ ଉପରେ ଲଗାମ୍ ନାହିଁ। ସାଧାରଣ ଲୋକଟିଏ ଚଳିବା କଷ୍ଟକର ହୋଇପଡ଼ିଛି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଛି। ନାବାଳିକାଙ୍କୁ ଦୁଷ୍କର୍ମ କରାଯାଉଥିବାବେଳେ ଛାତ୍ରୀ ଗର୍ଭବତୀ ହେଉଛନ୍ତି। ହଜାର ହଜାର ପଦ ଫାଙ୍କା ପଡ଼ିଥିବାବେଳେ ନିଯୁକ୍ତି ଦିଆଯାଉ ନ ଥିବାରୁ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ଓଡ଼ିଶାର ହଜାର ହଜାର ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଏମିତି କି ଅନେକଙ୍କର ସେଠାରେ ମୃତ୍ୟୁ ଘଟୁଛି। ମୃତଦେହ ଆସିପାରୁ ନାହିଁ। ସରକାର ଆସିବାର ୨୪ ଘଣ୍ଟା ଭିତରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବେ ବୋଲି କହିଥିଲେ। ହେଲେ ତାହାକୁ ଭୁଲିଯାଇଛନ୍ତି। ସରକାର କେବଳ ସବୁଜ ରଙ୍ଗ ବଦଳରେ ଗେରୁଆ ରଙ୍ଗ କରିବାରେ ଏକ ବର୍ଷ ବିତିଗଲା। ପହଲଗାମ୍‌ରେ ଯେଉଁ ୪ଜଣ ଆତଙ୍କବାଦୀ ଦମନଲୀଳା ରଚି ଧର୍ମ ପଚାରି ନିରୀହ ହିନ୍ଦୁମାନଙ୍କୁ ହତ୍ୟା କଲେ ସରକାର ସେମାନଙ୍କୁ ଏ ପର୍ଯ୍ୟନ୍ତ ମାରିପାରିଲେ ନାହିଁ ବୋଲି କହିଥିଲେ ଶ୍ରୀ ବାହିନୀପତି।

କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଦର ଆକାଶଛୁଆଁ। କିନ୍ତୁ ଏହି ବିଜେପି କଂଗ୍ରେସ ଶାସନ ସମୟରେ ଗ୍ୟାସ୍ ଦର ୪୩୫ ଟଙ୍କାକୁ ବୃଦ୍ଧି ହୋଇଥିବାରୁ ରାଜରାସ୍ତାରେ ଆନ୍ଦୋଳନ କରିଥିଲେ ବୋଲି କହିଥିଲେ। ଯୁବ କଂଗ୍ରେସ ନେତା ୟାସିର ନୱାଜ କେନ୍ଦ୍ର ମୋଦୀ ସରକାର ବାର୍ଷିକ ୨ କୋଟି ବେକାରୀଙ୍କୁ ନିଯୁକ୍ତି ଦେବେ ବୋଲି କହିଥିଲେ ମାତ୍ର ସେଥିରେ ବିଫଳ ହେଲେ। ରାଜ୍ୟ ସରକାର କଟ୍‌ନୀ ଛଟ୍‌ନୀ କରି ଚାଷୀଙ୍କୁ ଧୋକା ଦେଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଷାନ କଂଗ୍ରେସ ରାଜ୍ୟ ସଭାପତି ଅମିୟ ପଟ୍ଟନାୟକ ଜଳସେଚନଠାରୁ ଆରମ୍ଭ କରି ପୁରୀ ଜିଲ୍ଲାରେ ମୁଖ୍ୟତଃ ଧାନ, ପାନ, ମୀନ ଏବଂ ଦୁଗ୍ଧ ଚାଷୀଙ୍କ ବିଭିନ୍ନ ସମସ୍ୟା ଦିଗରେ ସରକାରଙ୍କୁ ନିଶାଣ କରିଥିଲେ। ଏହି କାର୍ଯ୍ୟକ୍ରମ ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସମ୍ପାଦନ ହୋଇଥିବାବେଳେ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ନିଜର ଆଭିମୁଖ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ନିରୁପମା ପାତ୍ର, ଲକ୍ଷ୍ମୀଧର ପ୍ରଧାନ, ନୀଳମଣି ପ୍ରଧାନ, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସସ୍ମିତା ସ୍ୱାଇଁ, ଉତ୍ତମ ଆଚାର୍ଯ୍ୟ, ସୁଜିତ୍ ମହାପାତ୍ର, ବିଶ୍ୱଭୂଷଣ ଦାସ, ପ୍ରେମାନନ୍ଦ ମହାନ୍ତି, ଉମାକାନ୍ତ ବରାଳ, ସେକ୍ ସଫିକ୍‌ଉଦ୍ଦିନ, ପ୍ରେମଜିତ୍ ମହାନ୍ତି, ଭାସ୍କର ସେଠ୍, ବୁଟୁ ସାହୁ, ଅରୋପ୍ରସାଦ ମିଶ୍ର, ଡ. ନିରଞ୍ଜନ ବିଶ୍ୱାଳ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ମନୋଜ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ସ୍ତ୍ରୀକୁ ଶାବଳରେ ଭୁସି ହତ୍ୟା

ବିଞ୍ଝାରପୁର,୧୬।୬(ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁହାଁ ପଞ୍ଚାୟତ ବାଣପୁର ଗାଁରେ ସ୍ତ୍ରୀକୁ ଶାବଳରେ ଭୁସି ଭୁସି ହତ୍ୟା କରିଛି ସ୍ୱାମୀ। ପୁଲିସ୍ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ସୂଚନା ମୁତାବକ, ଗାଁର ସୁଦାମ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ଶାନ୍ତିଲତା ମଲ୍ଲିକ (୪୨) ଓ ଉଭୟ ରାତ୍ରୀଭୋଜନ ସାରି ସାଙ୍ଗ ହୋଇ ଶୋଇବାକୁ ଯାଇଥିଲେ। ତେବେ ମଧ୍ୟରାତ୍ରରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଫଳରେ ସ୍ୱାମୀ ସୁଦାମ ନରହନ୍ତା ପାଲଟିଯାଇଥିଲା। ଏକ ଶାବଳରେ ସ୍ତ୍ରୀ ଶାନ୍ତିଲତାକୁ ବାରବାର ଆଘାତ କରି ହତ୍ୟା କରିଥିଲା। ଚିତ୍କାର ଶୁଣି ଅନ୍ୟ ରୁମ୍‌ରେ ଥିବା ମା' ନିରୁପାୟ ହୋଇ ସୁଦାମର ସାନ ଭାଇକୁ ଡାକ ଛାଡିଥିଲେ। ସୁଦାମର ସାନ ଭାଇ ପହଞ୍ଚି ବହୁ ଅନୁରୋଧ କଲା ପରେ ସୁନାମ ଘରର କବାଟ ଖୋଲିଥିଲା। ରକ୍ତ ଜୁଡୁବୁଡୁ ହୋଇ ପଡ଼ି ରହିଥିବା ଶାନ୍ତିଲତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାର ଲୋକ ଏକ ଅଟୋ ରିକ୍ସା ସାହାଯ୍ୟରେ ବୋହି ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଞ୍ଝାରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମୃତ ଶାନ୍ତିଲତାଙ୍କ ହତ୍ୟାକାରୀ ସ୍ୱାମୀ ସୁଦାମକୁ ଗିରଫ କରିଛନ୍ତି। ପୁଲିସ୍ ଥାନା କେସ ନଂ୨୮୧/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତର ଡାକ୍ତରୀ ମାଇନା କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷେ ଏହିପରି ହତ୍ୟାକାଣ୍ଡ ପଛରେ କ'ଣ ରହିଛି କାରଣ ତଦନ୍ତ ଚାଲିଛି ବୋଲି ବିଞ୍ଝାରପୁର ଥାନା ଅଧିକାରୀ କହିଛନ୍ତି।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର

ଆଳି,୧୬।୬(ସମିସ): ଆଜି ଜଣେ ମହିଳାଙ୍କୁ କୁମ୍ଭୀର ଟାଣିନେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କୋଳିଡ଼ିହ ପଞ୍ଚାୟତରେ ଏଭଳି ଘଟଣା ଘଟିଛି। ମହିଳା ଜଣକ ତଅାଁଳାଡିହା ଗ୍ରାମର କୈଳାସ ମହାନ୍ତିଙ୍କ ପତ୍ନୀ କାଜଳ ମହାନ୍ତି (୪୦ ବର୍ଷ)। ସୂଚନା ମୁତାବକ, ସୋମବାର କାଜଳ ଖରସ୍ରୋତା ନଦୀ ସଂଲଗ୍ନ ତଅାଁଳାଡିହା ପାନିଆ ନାମକ ଜୋରକୁ ଗାଧୋଇବାକୁ ଯାଇଥିଲେ।



ସେ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ଜୋର ନିକଟକୁ ଆସିଥିଲେ। ଜୋର ନିକଟକୁ ଆସି କାଜଳଙ୍କ କପଡା ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଜୋରରେ ଖୋଜାଖୋଜି ଆରମ୍ଭ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବୋଟ୍ ସାହାଯ୍ୟରେ ଖୋଜାଖୋଜି କରିଥିଲେ ହେଁ ମହିଳାଙ୍କ ପତ୍ତା ପାଇ ନ ଥିବା ଜଣାପଡ଼ିଛି।

## ସିପିଇଡି ପରୀକ୍ଷାରେ ପାସ୍ ହାର ଶତ ପ୍ରତିଶତ

କଟକ,୧୬।୬(ସମିସ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସିପିଇଡି (ସାର୍ଟିଫିକେଟ ଇନ ଫିଜିକାଲ ଏଜୁକେସନ) ପରୀକ୍ଷାରେ ପାସ ହାର ଶତପ୍ରତିଶତ ରହିଛି। ମୋଟ୧୧୪ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ମେ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଦୁଇଗୋଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

# ୧୭ ଦିନ ପରେ ଆଗକୁ ବଢ଼ିଲା ମୌସୁମୀ

## ରାଜ୍ୟର ଏକାଧିକ ଜିଲ୍ଲାକୁ ଅଗ୍ରସର ଯୋଗୁଁ ବର୍ଷା

ଭୁବନେଶ୍ୱର,୧୬।୬(ସମିସ): ଦୀର୍ଘ ୧୭ ଦିନ ପରେ ଆଗକୁ ବଢ଼ିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ୨୯ ମେ'ଠାରୁ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଥିଲା। ଫଳରେ ରାଜ୍ୟରେ ମୌସୁମୀ ଜନିତ ବର୍ଷାରେ ରୋକ୍ ଲାଗିଥିଲା। ମାତ୍ର ୧୭ ଦିନ ପରେ ମୌସୁମୀ ସକ୍ରିୟ ହେବା ସହ ଓଡ଼ିଶାର ଅଧିକାଂଶ ଜିଲ୍ଲାକୁ ଅଗ୍ରସର ହୋଇଛି। ସୋମବାର ଆଇଏମ୍‌ଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମୌସୁମୀର ନିମ୍ନ ଚାପରେଖା ବରଗଡ଼ରୁ ଚାନ୍ଦବାଲି ପର୍ଯ୍ୟନ୍ତ ଲମ୍ବିଛି। ଫଳରେ ଏହାଦ୍ୱାରା ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ସୋନପୁରସ ବୌଦ୍ଧ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଆଦିକୁ ମୌସୁମୀ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ଜଣାପଡ଼ିଛି। ଏହାସହିତ ସମ୍ବଲପୁର, ବରଗଡ଼, ଅନୁଗୁଳ, କେନ୍ଦୁଝର ଆଦି ଜିଲ୍ଲାକୁ ମୌସୁମୀ ଆଂଶିକ ଛୁଇଁଛି। ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ମୌସୁମୀ ଆହୁରି ସକ୍ରିୟ ହେବା ସହ ସାରା ରାଜ୍ୟକୁ ଅଗ୍ରସର ହେବା ନେଇ ସମ୍ଭାବନା ରହିଛି।

ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ମୌସୁମୀ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟାରେ ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ରାଉରକେଲାରେ ୩୫, ଝାରସୁଗୁଡ଼ାରେ ୨୮, ଭଦ୍ରକ ୧୯, କେନ୍ଦୁଝର ୧୫ ଓ ବରଗଡ଼ ୧୩ ମିମି ବର୍ଷା ରେକର୍ଡ ହୋଇଛି। ଆଗକୁ ଆହୁରି ୨ ଟି ଅର୍ଥାତ ୨୪ ଏବଂ ୨୮ ତାରିଖରେ ବେଳକୁ ପୁଣି ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଜୁନ୍ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି।

ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଝାରସୁଗୁଡ଼ା, ଦେଓଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ଅନୁଗୁଳ, ବରଗଡ ଏବଂ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ, ଝାରସୁଗୁଡ଼ା, ବରଗଡ, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କନ୍ଧମାଳ, ନବରଂଗପୁର, ରାୟଗଡା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି। ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଯୋଗୁଁ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ଏହାର ପାର୍ଶ୍ୱବର୍ତ୍ତି ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ ଓ ଝଟକା ପବନ ୬୦ କିମି ଛୁଇଁବାର ଆଶଙ୍କା ରହିଛି। ଏଥିପାଇଁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ଏବଂ ପାର୍ଶ୍ୱବର୍ତ୍ତି ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

# 'ଥାଟରାଜା' ରଣାର୍ଣ୍ଣବ ଦେବଙ୍କ ପରଲୋକ

ପୁରୀ,୧୬।୬(ସମିସ): ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସାନଭାଇ ତଥା ପୁରୀର 'ଥାଟରାଜା' ରଣାର୍ଣ୍ଣବ ଦେବଙ୍କର ପରଲୋକ ହୋଇଯାଇଛି। ସ୍ଥାନୀୟ ଇ-୨୪ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। କିଛିଦିନ ପୂର୍ବେ ସେ ୧୫ ଦିନ ତଳୁ ସେ ଅସୁସ୍ଥ ହୋଇ କଟକ ଓ ଭୁବନେଶ୍ୱରରେ ଚିକିତ୍ସିତ ପରେ ତିନି ଦିନ ତଳେ ତାଙ୍କୁ ପୁରୀକୁ ନେଇ ଆସିଥିଲେ। ଇ-୨୪ରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୧୨ଟା ୬ ମିନିଟ୍ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ସୋମବାର ତାଙ୍କ ମରଶରୀରକୁ ଶ୍ରୀନଅରକୁ ଅଣାଯାଇଥିଲା। ଷୋଳ କରଣଙ୍କ ସହାୟତାରେ ଥାଟରାଜାଙ୍କୁ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶ୍ରୀମନ୍ଦିରରେ ତାଙ୍କର କୌଣସି ସ୍ୱତନ୍ତ୍ର ସେବାପୂଜା ନ ଥିଲେ ବି ସେବକ ପରିବାରର ହୋଇଥିବାରୁ ବଡ଼ଦେଉଳ ରୋଷଘରୁ ବୈଷ୍ଣବାଗ୍ନି ତଥା ଚମ୍ପା ଆସି ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।

**ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ଗଜପତି ମହାରାଜାଙ୍କ ସାନଭାଇ**



ଗଜପତି ମହାରାଜା ବୀରକିଶୋର ଦେବଙ୍କ ଦୁଇପୁଅ ମଧ୍ୟରୁ ସାନ ଥିଲେ ଥାଟରାଜା ରଣାର୍ଣ୍ଣବ ଦେବ। ଅଧିକାଂଶ ସମୟ ସେ ନୀଳଗିରିସ୍ଥିତ ରାଜବାଟୀରେ ନିଜ ମାମୁ ଘରେ ରହି ଆସୁଥିଲେ। ଶ୍ରୀମନ୍ଦିରରେ ତାଙ୍କର କୌଣସି ବିଶେଷ ସେବା ନ ଥିଲେ ମଧ୍ୟ ବଡ଼ଭାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସୁନିଆଁ, ଛେରାପହଁରା ଆଦି ବିଶେଷ ସେବାରେ ସାମିଲ୍ ହେଉଥିଲେ। ତଢ଼ାଉକରଣ ସେବକ ସୁଧାଂଶୁ ପଟ୍ଟନାୟକ କହିଛନ୍ତି, ଷୋଳ କରଣ ହେଉଛନ୍ତି ରାଜ ପରିବାରର ଜ୍ଞାତି କୁଟୁମ୍ବ। ଥାଟରାଜା ରାଜ ପରିବାରର ହୋଇଥିଲେ ମଧ୍ୟ ଶ୍ରୀମନ୍ଦିରରେ ତାଙ୍କର କୌଣସି ସ୍ୱତନ୍ତ୍ର ସେବାପୂଜା ନ ଥାଏ। ସେ ସ୍ୱର୍ଗବାସ କରିଥିଲେ ହେଁ ଗଜପତି ମହାରାଜା ଅଶୌଚ ହୁଅନ୍ତି ନାହିଁ। ନିଜ ପିତାମାତାଙ୍କ ମୃତ୍ୟୁ ହେଲେ ମଧ୍ୟ ରାଜା ଅଶୌଚ ହୋଇ ନ ଥା'ନ୍ତି। ତେଣୁ ଗଜପତି ମହାରାଜାଙ୍କର ରଥଯାତ୍ରାରେ କୌଣସି ନୀତିକାନ୍ତି ବାଧାପ୍ରାପ୍ତ ହେବ ନାହିଁ।

## ଆରଡ଼ି ପୀଠରେ ଅବ୍ୟବସ୍ଥା

# ଡହଡହ ଖରାରେ ୪ କିମି ଚାଲିଲେ ଭକ୍ତ

ଭଦ୍ରକ/ଆରଡି, ୧୬।୬ (ସମିସ): ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ହଟହଟା ହୋଇଛନ୍ତି ଶ୍ରଦ୍ଧାଳୁ। ପୀଠରେ ଅବ୍ୟବସ୍ଥା ଯୋଗୁଁ ଗତ ରବିବାର ଓ ସୋମବାର ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ଉଭୟ ଜିଲ୍ଲା ଓ ମନ୍ଦିର ପ୍ରଶାସନ। ଗତକାଲି ରଜ ସଂକ୍ରାନ୍ତି ଓ ଆଜି ସୋମବାରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲେ ମଧ୍ୟ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ଘୋର ଅବ୍ୟବସ୍ଥା ଯୋଗୁଁ ଯାତାୟାତଠାରୁ ଆରମ୍ଭ କରି ପିଇବା ପାଣି ଓ ବାବାଙ୍କ ଦର୍ଶନ ନିମନ୍ତେ ହନ୍ତସନ୍ତ ହୋଇଛନ୍ତି ଶ୍ରଦ୍ଧାଳୁ।

ସୋମବାର ସକାଳୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ସୁରକ୍ଷା କର୍ମୀ ଓ ପ୍ରଶାସନିକ ଅଧିକାରୀ ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଦୀର୍ଘ ୭ ଘଣ୍ଟା ଧରି ଠେଲାପେଲା ଲାଗି ରହିଥିଲା। ପ୍ରଶାସନ ସବୁ ଦେଖି ନ ଦେଖିଲା ପରି ଚୁପ୍ ରହିଥିଲା। ବିଶେଷକରି ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଜଣେ ହେଲେ ସୁରକ୍ଷା କର୍ମୀ ରହିବା ତ ଦୂରର କଥା ବ୍ୟାରିକେଡ ବ୍ୟବସ୍ଥା ଥିଲେ ମଧ୍ୟ ନ ଥିଲା ପରି ଅବସ୍ଥା ଦେଖାଦେଇଥିଲା। ମନ୍ଦିର ମଧ୍ୟକୁ ମହିଳା ଓ ପୁରୁଷ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା।

**ଠେଲାପେଲାରେ ମହିଳା ଓ ଶିଶୁ ସଂଜ୍ଞାହୀନ**
**ବାବାମଣିଙ୍କ ଦର୍ଶନରୁ ବଞ୍ଚିତ ଶହଶହ ଭକ୍ତ**
**ବିଜୁଳି କାଟ୍; ୪ଘଣ୍ଟା ମନ୍ଦିର ପରିସର ଅନ୍ଧାର**
**ମିଳିଲାନି ପାଣି; ଶିବଗଙ୍ଗାର ଜଳ ପିଇଲେ**



ଫଳରେ ଦୀର୍ଘ ଘଣ୍ଟା ଧରି ଧାଡିରେ ଛୋଟଛୋଟ ପିଲା ଓ ମହିଳା ଭକ୍ତ ଅଣନିଃଶ୍ୱାସୀ ହୋଇ ସଂଜ୍ଞାହୀନ ହୋଇଯାଇଥିଲେ। ଅନ୍ୟପଟେ ମନ୍ଦିର ସମ୍ମୁଖ ଦର୍ଶନ ପଥରେ ଛାମୁଣ୍ଡିଆ ନ ଥିବାରୁ ଡହଡହ ଖରାକୁ ଅସହ୍ୟ ଗୁଲୁଗୁଲିରେ ସିଜିଥିଲେ ଭକ୍ତ।

ସେହିପରି ପୀଠରେ ଦୀର୍ଘ ୪ ଘଣ୍ଟା ଧରି ବିଜୁଳି କାଟ୍ ଯୋଗୁଁ ମନ୍ଦିର ଭିତର ପରିସର ଅନ୍ଧକାର ରହିବା ସହ ପାନୀୟଜଳର ଘୋର ସଂକଟ ଦେଖାଦେଇଥିଲା। ଫଳରେ ଭକ୍ତମାନେ ବାଧ ହୋଇ ଶିବଗଙ୍ଗା ପୁଷ୍କରିଣୀ ଜଳରେ ଶୋଷ ମେଣ୍ଟାଇଥିଲେ। ସେପଟେ ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟରାସ୍ତାର ମଠଡିହଠାରୁ ପୀଠର ବାଇପାସ୍ ଯାଏଁ ଅଣଓସାରିଆ ରାସ୍ତା ହୋଇଥିବାରୁ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବାରୁ ଡହଡହ ଖରାରେ ଦୀର୍ଘ ୪କିମି ଚାଲିଚାଲି ଆସିଥିଲେ ହଜାର ହଜାର ଭକ୍ତ। ବିଶେଷକରି ବାଇପାସ୍ ରାସ୍ତାର ବେନିୟମ ଭାବେ କିଛି ସ୍ଥାନୀୟ ଲୋକ ଜବରଦଖଲ କରିବା ସହ ନିଜର ଚାରିଚକିଆ ଯାନ ରଖିବାରୁ ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇପଡିଥିଲା। ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ ଆଣିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ନ ପାଇ ନିରାଶ ହୋଇ ଦର୍ଶନରୁ ବଞ୍ଚିତ ହୋଇ ଫେରିଯାଇଥିଲେ।

## ଆଜି ଖୋଲିବ ଉଚ୍ଚଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୧୬।୬(ସମିସ): ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଠାରୁ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବ। ଏନେଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇଛି ଓ ପୂର୍ଣ୍ଣ ଭାବେ ପୂର୍ବପରି ପାଠପଢ଼ା ଆରମ୍ଭ କରିବାକୁ ଗୁରୁତ୍ୱ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ପାଇଁ ସମସ୍ତ ସରକାରୀ ଓ ବେସରକାରୀ କଲେଜକୁ ଏପ୍ରିଲ୍ ୨୩ ତାରିଖରୁ ଛୁଟି ଘୋଷଣା କରାଯାଇଥିଲା। ହେଲେ ଏହି ଛୁଟି ସମୟରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ସୂଚୀ ଅନୁଯାୟୀ ପରୀକ୍ଷା ହେବ ବୋଲି କୁହାଯାଇଥିଲା। ଫଳରେ ମେ ୫ରୁ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ଛୁଟି ହୋଇଥିଲା। ପ୍ରାୟ ୪୩ ଦିନ ପରେ ଆସନ୍ତାକାଲି ପାଠପଢ଼ା ଆରମ୍ଭ ହେବ।

## ଆଡ଼ପ ପହଣ୍ଡି ଅଘଟଣ

# ପ୍ରାୟଶ୍ଚିତ ହେଲାନି; ଫଳ ଭୋଗୁଛନ୍ତି ଦେଶବାସୀ!


ପୁରୀ,୧୬।୬(ସମିସ): ଗତବର୍ଷ ଜୁଲାଇ ୯ ତାରିଖ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଲାଗିଥିଲା ଶକ୍ତ ଆଘାତ। ଆଡପ ପହଣ୍ଡି ସମୟରେ ଚାରମାଳ ଉପରେ ମୁହଁମାଡ଼ି ପଡିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର। ଅନେକ ସେବାୟତ ମଧ୍ୟ ଆହତ ହୋଇଥିଲେ। ମାତ୍ର ଏହି ଘଟଣାର ଏହାର କୌଣସି ପ୍ରାୟଶ୍ଚିତ କରାଗଲା ନାହିଁ। ଏହି ଆଡପ ପହଣ୍ଡି ଅଘଟଣର ଫଳ ଭୋଗୁଛନ୍ତି ଦେଶବାସୀ। ପ୍ରାୟଶ୍ଚିତ ନ କରିବାରୁ ରାଜ୍ୟ, ଦେଶ ବିପଦର ସାମ୍ନା କରୁଛି। ବଢୁଛି ଦୁର୍ଘଟଣା, ହତ୍ୟା, ମୃତ୍ୟୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ। ଏପରି କି ଗଜପତି ମହାରାଜାଙ୍କ ପରିବାର ଉପରେ ମଧ୍ୟ ଏହାର ପ୍ରଭାବ ପଡିଥିବା ପଣ୍ଡିତ ଆଶଙ୍କା କରିଥିବା ବେଳେ ସାଧାରଣରେ ମଧ୍ୟ ଏହି ଚର୍ଚ୍ଚା ଜୋର୍ ଧରିଛି। ଗଜପତି ମହାରାଜାଙ୍କ ପରିବାର ସଦସ୍ୟ ଥାଟରାଜା ରଣାର୍ଣ୍ଣବ ଦେବଙ୍କ ବିୟୋଗ ଘଟିଛି। ପ୍ରାୟଶ୍ଚିତ ବିଧି କରିଥିଲେ ହୁଏତ ଏଭଳି କ୍ଷତି ହୋଇ ନ ଥାନ୍ତା ବୋଲି ମତ ଦେଇଛନ୍ତି ପଣ୍ଡିତ ବିଶ୍ୱମ୍ଭର ଦାଶ।

ଗତବର୍ଷ ଆଡପମଣ୍ଡପ ବିଜେ ପହଣ୍ଡି ସମୟରେ ପଡିଯାଇଥିଲେ ବଡଠାକୁର ବଳଭଦ୍ର। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହୋଇଥିଲା। ଠାକୁର ପଡିଗଲେ କ'ଣ ହୁଏ ତାହା ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଥିବା ବେଳେ ଶାନ୍ତି ବିଧାନ ବା ପ୍ରାୟଶ୍ଚିତରେ ମତ ଦେଇଥିଲେ ପଣ୍ଡିତ। ନୀଳାଦ୍ରି ମହୋଦୟ ଗ୍ରନ୍ଥରୁ ଉଦ୍ଧୃତ ରାଧାବଲ୍ଲଭ ମଠ ମହନ୍ତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ରାମକୃଷ୍ଣ ଦାସ ମହାରାଜ କହିଥିଲେ, ଏହିପରି ଅଘଟଣ ଘଟିଲେ ରାଷ୍ଟ୍ର ପ୍ରତି ବହୁ ବିପଦ ଦେଖାଯାଏ। ଏହି ଅଘଟଣ ଦେଖାଗଲେ କ'ଣ ହୁଏ ସେ ସମ୍ପର୍କରେ ସ୍ୱୟଂ ବ୍ରହ୍ମା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି। 'ହେ ରାଜା ! ଅସାବଧାନତା ହେତୁ ଯଦି ଜଗନ୍ନାଥ, ବଳଭଦ୍ର କିମ୍ବା ସୁଭଦ୍ରା ତଳେ ପଡିଯାଆନ୍ତି ତେବେ ରାଜ୍ୟ ରାଜାଙ୍କର ଏବଂ ରାଜ୍ୟର ମହା ଅନିଷ୍ଟ ହେବ। ଦୁର୍ଭିକ୍ଷ ପଡିବ, ମହାମାରୀ ବାରମ୍ବାର ହେବ। ପହଣ୍ଡି ସମୟରେ ଠାକୁର ପଡିଗଲେ ମହିଷୀ (ରାଣୀ)ଙ୍କର କ୍ଷତି ହେବ। ତେଣୁ ବିଷ୍ଣୁଙ୍କର ପ୍ରୀତି ଉଦ୍ଦେଶ୍ୟରେ ଶାନ୍ତି ବିଧାନ କରିବ। ବ୍ରାହ୍ମଣମାନଙ୍କ ଦ୍ୱାରା ମୂଳମନ୍ତ୍ର ଏକ ଲକ୍ଷ ବାର ଜପ କରାଇବ। ସେତିକି ସଂଖ୍ୟକ ଅର୍ଥାତ୍ ଗବ୍ୟ ଘୃତରେ ଏକ ଲକ୍ଷ ଆହୁତି ଦେଇ ହୋମ କରିବ। ତାହାର ଏକ ଦଶମାଂଶ ଅର୍ଥାତ୍ ଦଶହଜାର ତର୍ପଣ କରାଇବ।'

ସେହିପରି ବାମଦେବ ସଂହିତାରୁ ଉଦ୍ଧୃତ କରି ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଥିଲେ, ଠାକୁର ଯଦି ରଥରୁ ଅକସ୍ମାତ ପଡିଯାନ୍ତି ତେବେ ରାଜା ଏବଂ ରାଜ୍ୟ ଉଭୟଙ୍କର କ୍ଷତି ହୋଇଥାଏ। ରାଜ୍ୟରେ ଦୁର୍ଭିକ୍ଷ, ମୃତ୍ୟୁ ଭୟ ବଢିଯାଏ।

ପଣ୍ଡିତମାନେ ପ୍ରାୟଶ୍ଚିତ ପାଇଁ ଯେଉଁ ପରାମର୍ଶ ଦେଇଥିଲେ, ତାହା ପାଳନ କରାଯାଇ ନାହିଁ। ପଣ୍ଡିତ ବିଶ୍ୱମ୍ଭର ଦାଶ କହିଛନ୍ତି, ବଳଭଦ୍ର ମହାପ୍ରଭୁ ଯଦି ପଡିଯାନ୍ତି ତେବେ ରାଷ୍ଟ୍ରର କ୍ଷତି ହୋଇଥାଏ, ଯାହାର ଫଳସ୍ୱରୂପ ଅତୀତରେ ବାତ୍ୟା, ଅଦିନରେ ମରୁଡ଼ି, ଭୂମିକମ୍ପ, ଯୁଦ୍ଧର ଘନଘଟା ଲାଗିରହିଛି। ଏହାରି ଭିତରେ ଆଜି ଆଉ ଏକ ଦୁଃଖଦ ଘଟଣା ଘଟିଛି। ବଳଭଦ୍ର ପଡିଯିବାର ବର୍ଷେ ନ ପୁରୁଣୁ ଗଜପତି ମହାରାଜାଙ୍କ ସାନଭାଇ ରଣାର୍ଣ୍ଣବ ଦେବଙ୍କର ରବିବାର ରାତିରେ ସ୍ୱର୍ଗବାସ ହୋଇଛି। ଧର୍ମଶାସ୍ତ୍ର ଅବମାନନା କଲେ ଆମକୁ ଏହିଭଳି ବିପଦର ସମ୍ମୁଖୀନ ହେବାକୁ ପଡିବ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ହେଉ କି ଅହମ୍ମଦାବାଦ ବିମାନ ଦୁର୍ଘଟଣା, କୁମ୍ଭମେଳା ଦଳଚକଟା ହେଉ କି କେଦାରନାଥରେ ହେଲିକପ୍ଟର ଦୁର୍ଘଟଣା ଅବା ଆର୍‌ସିବି ବିଜୟ ଉତ୍ସବ ଦଳଚକଟା ଏବଂ ପୁଣେରେ ବ୍ରିଜ ଭାଙ୍ଗିବା। ଏମିତି ଅନେକ ଅଘଟଣ ଘଟି ଶହ ଶହ ନିରୀହ ଜୀବନ ଗଲାଣି। ଦେଶରେ ଯୁଦ୍ଧ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଏହାଛଡା ବନ୍ୟା, ବାତ୍ୟା, ହଇଜା ପରି ଅନେକ ବିପର୍ଯ୍ୟୟର ଲୋକେ ସାମ୍ନା କରିଛନ୍ତି। ଧାର୍ମିକ ବିଧିବିଧାନ ବା ଶାସ୍ତ୍ରୀୟ ମତ ଅନୁଯାୟୀ ବଳଭଦ୍ର ପଡିବାର ପ୍ରାୟଶ୍ଚିତ ବିଧି କରାଯାଇଥିଲେ ହୁଏତ ଏଭଳି ଅଘଟଣ ଘଟି ନ ଥାନ୍ତା ବୋଲି କହିଛନ୍ତି ଜ୍ୟୋତିର୍ବିଦ୍ ପଣ୍ଡିତ ହରିଶଙ୍କର ମିଶ୍ର।




ଅକ୍ଟୋବର ୫ରେ ଭାରତ-ପାକ୍ ଲଢ଼େଇ
ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 ISSUE-349 BHUBANESWAR TUESDAY 17 JUNE 2025 PAGE-12 ₹ 6.00

ବର୍ଷ-୪୨ ସଂଖ୍ୟା-୩୪୯ ଭୁବନେଶ୍ୱର ମଙ୍ଗଳବାର ୧୭ ଜୁନ୍ ୨୦୨୫ ପୃଷ୍ଠା-୧୨ ଟ.୬.୦୦


## ଲାଗୁହେଲା ନୂଆ ୟୁପିଆଇ ପେମେଣ୍ଟ ନିୟମ

### ୫୦% ଫାଷ୍ଟ ହେବ ପେମେଣ୍ଟ
### ୩୦ ନୁହେଁ ସର୍ବାଧିକ ୧୫ ସେକେଣ୍ଡରେ ହେବ ପେମେଣ୍ଟ

■ **ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):** ଆଜିଠାରୁ ଦେଶରେ ଲାଗୁ ହୋଇଛି ନୂଆ ୟୁପିଆଇ ପେମେଣ୍ଟ ନିୟମ। ଏଥିଯୋଗୁ ୟୁପିଆଇ ପେମେଣ୍ଟ ୫୦% ଫାଷ୍ଟ ବା ଦ୍ରୁତ ହୋଇଛି। ଏହାଫଳରେ ବର୍ତ୍ତମାନ ପେମେଣ୍ଟ ପ୍ରକ୍ରିୟା ସର୍ବାଧିକ ୧୫ ସେକେଣ୍ଡରେ ସମାପ୍ତ ହେବ, ଏଥିପାଇଁ ପୂର୍ବ ପରି ଆଉ ୩୦ ସେକେଣ୍ଡ ଅପେକ୍ଷା କରିବାକୁ ପଡିବନାହିଁ। ଅର୍ଥାତ୍ ଏଣିକି କୌଣସି ୟୁପିଆଇ ପେମେଣ୍ଟ ୩୦ ସେକେଣ୍ଡ ନୁହେଁ, ସର୍ବାଧିକ ୧୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନ୍‌ପିସିଆଇ) ଗତ ମାସରେ ୟୁପିଆଇ ସହିତ ଜଡିତ କିଛି ନିୟମ ପରିବର୍ତ୍ତନ କରିଥିଲା, ଯାହା ଜୁନ୍ ୧୬ ରୁ ଲାଗୁ କରାଯାଇଛି। ପୂର୍ବରୁ 'ଫୋନ୍ ପେ', ଗୁଗୁଲ୍ ପେ' କିମ୍ବା ପେଟିଏମ୍ ଭଳି ୟୁପିଆଇ ଆପ୍ ମାଧ୍ୟମରେ ପେମେଣ୍ଟ କରିବାବେଳେ କେତେକ ସମୟରେ କାରବାର ଶେଷ ହେବା ପାଇଁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ସମୟ ଲାଗୁଥିଲା। ଗତ ମାସରେ ଏନ୍‌ପିସିଆଇ ବ୍ୟାଙ୍କ ଏବଂ ପେମେଣ୍ଟ ଆପ୍ସଗୁଡିକୁ ସେମାନଙ୍କର ସିଷ୍ଟମ ଅପଗ୍ରେଡ୍ କରିବାକୁ କହିଥିଲା, ଯାହା ଦ୍ୱାରା ପେମେଣ୍ଟ ମାତ୍ର ୧୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ। ଏନ୍‌ପିସିଆଇ ଏହି ଅପ୍‌ଗ୍ରେଡେସନ୍ ପାଇଁ କିଛି ବୈଷୟିକ ଜିନିଷରେ ପରିବର୍ତ୍ତନ ଘଟାଇଛି, ଯାହା ଏପିଆଇ ଅର୍ଥାତ୍ ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍ ସହିତ ଜଡିତ। ସରଳ ଭାଷାରେ କହିବାକୁ ଗଲେ ଏହି ସଫ୍ଟୱେର୍ ସିଷ୍ଟମ୍ ପେମେଣ୍ଟକୁ ▶ପୃଷ୍ଠା-୭

## ଉତ୍ତର ପ୍ରଦେଶରେ ବଜ୍ରପାତ; ୪୮ ଘଣ୍ଟାରେ ୩୪ ମୃତ



■ **ଲକ୍ଷ୍ନୌ, ୧୬।୬ (ଏଜେନ୍ସି):** ଉତ୍ତର ପ୍ରଦେଶରେ ପ୍ରବଳ ବର୍ଷା ଓ ଝଡ଼ପବନ ସହିତ ବଜ୍ରପାତ ହୋଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଏହା ରାଜ୍ୟରେ ୩୪ ଜଣଙ୍କ ଜୀବନ ନେଇଛି। ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି। ରାଜ୍ୟର ୧୫ ଜିଲ୍ଲା ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ପାଣିପାଗରେ ହଠାତ ପରିବର୍ତ୍ତନ ଯୋଗୁଁ ଜିଲ୍ଲାଗୁଡିକରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। କାଶଗଞ୍ଜ ଏବଂ ଫେତହପୁର ଜିଲ୍ଲାରେ ୫ ଜଣ ଲେଖାଏଁ, ମିରଟ ଏବଂ ଗୌତମ ବୁଦ୍ଧନଗରରେ ୪ ଜଣ ଲେଖାଏଁ, ବୁଲନ୍ଦସହରରେ ତିନି ଜଣ, ଔରିଆ, କାନପୁର ନଗର, କାନପୁର ଦେହାତ ଏବଂ ଇଟୱାରେ ୨ ଜଣ ଲେଖାଏଁ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ମୃତ୍ୟୁକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଦେବା ପାଇଁ ପ୍ରଭାବିତ ଜିଲ୍ଲାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଗଛ ପଡି, ବଜ୍ରପାତରେ, କାନ୍ଥ ଆଦି ଭୁଶୁଡି ଏବଂ ପାଣିରେ ବୁଡି ମଧ୍ୟ ଅନେକ ଜୀବନ ଯାଇଛି। ସେହିପରି ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବରେଲିରେ ପ୍ରବଳ ବର୍ଷା ଯୋଗୁଁ ଏକ ହାଇୱେ ମଧ୍ୟ ବୁଡି ଯାଇଛି। ଏଥିଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଥମୁନି ଝାଡ଼ାବାନ୍ତି

## ଯାଜପୁରରେ ପୁଣି ବଢ଼ିଲା ରୋଗୀ ସଂଖ୍ୟା

### ସୁକିନ୍ଦାରେ ଦୁଇ ମୃତ ■ ୧୫ ଦିନ ପାଇଁ ହୋଟେଲ, ଜଳଖିଆ ଦୋକାନ ବନ୍ଦ ନିର୍ଦ୍ଦେଶ

■ **ଯାଜପୁର, ୧୬।୬ (ସମିସ):** ଯାଜପୁରରେ ଗତ ସପ୍ତାହେ ହେଲା ଝାଡ଼ାବାନ୍ତି ଲାଗି ରହିଛି। ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ଡେଇଁ ଏହା ରାଜ୍ୟର ୮ଟି ଜିଲ୍ଲାକୁ ବ୍ୟାପିଗଲାଣି। ତଥାପି ଝାଡ଼ାବାନ୍ତିକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗୃହିତ ନମୁନା ମଧ୍ୟରୁ ୧୧ଟିରେ କଲେରା ଭୂତାଣୁ ମିଳିବା ପରେ ଏହାକୁ ନେଇ ସରକାରଙ୍କ ଚିନ୍ତା

### ସ୍ୱାସ୍ଥ୍ୟ ସଚିବଙ୍କ ଦ୍ୱିତୀୟ ସମୀକ୍ଷା

ବଢ଼ିବାରେ ଲାଗିଛି। କେନ୍ଦ୍ରୀୟ ଟିମ୍ କେବଳ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ନିରୀକ୍ଷାରେ ଲାଗିଥିଲେ ମଧ୍ୟ ଝାଡ଼ାବାନ୍ତିର ମୁଖ୍ୟ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ପ୍ରତିଦିନ ଜିଲ୍ଲାରେ ମଧ୍ୟ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପରିସ୍ଥିତି ଅଣାୟତ୍ତ ଅବସ୍ଥା ଆଡ଼କୁ ଯାଉଥିବା ଲକ୍ଷ୍ୟ କରି ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଆସି ଆକ୍ରାନ୍ତମାନଙ୍କୁ ଭେଟିବା ସହିତ



ସମୀକ୍ଷା ବୈଠକ କରୁଛନ୍ତି। ଆଜି ସ୍ୱାସ୍ଥ୍ୟ ସଚିବ ଏସ୍. ଆଶ୍ୱଥି ଦ୍ୱିତୀୟ ଥର ଜିଲ୍ଲାକୁ ଆସି ସମୀକ୍ଷା କରିଛନ୍ତି।

ଜିଲ୍ଲା ପ୍ରଶାସନର ସୂଚନା ମୁତାବକ ବର୍ତ୍ତମାନ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ୧୩ ଗୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪୪ ଜଣ ରୋଗୀ ଭର୍ତ୍ତି ହୋଇଛନ୍ତି। ତେବେ ଘରୋଇ ଡାକ୍ତରଖାନାର ରୋଗୀଙ୍କୁ ହିସାବକୁ ନେଲେ ଜିଲ୍ଲାରେ ମୋଟ ୨୫୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଗତକାଲି ୩ ଜଣଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ବେଳେ ଆଜି ସୁକିନ୍ଦା ବୈରୀମାଳ ଏବଂ ସାରଙ୍ଗପୁର ଗାଁରେ ▶ପୃଷ୍ଠା-୭

### ଟାଙ୍ଗୀ-ଚୌଦ୍ୱାରରେ ଜଣେ ମୃତ, ୧୦ ଆକ୍ରାନ୍ତ

**ଅଧିକାଂଶ ଆକ୍ରାନ୍ତ ରୋଗୀ ଘରୋଇ ହସ୍ପିଟାଲରେ ଭର୍ତ୍ତି**

■ **ଟାଙ୍ଗୀ, ୧୬।୬ (ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରୀ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଗୁରୁତର ହୋଇ କଟକସ୍ଥିତ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ସେହିଭଳି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ମହିଳା ଉର୍ମିଳା ବଳ (୩୯)ରବିବାର ରାତିରେ ମୃତ୍ୟୁବରଣ କରିଥିବା ଜଣାପଡିଛି।

**ଗୋପାଳପୁରରେ ଲଜ୍ଜା**

## ପୁରୁଷ ବନ୍ଧୁଙ୍କୁ କାବୁକରି କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ **ବ୍ରହ୍ମପୁର,୧୬।୬(ସମିସ):** ଗୋଟିକ ପରେ ଗୋଟିଏ ଗଣଦୁଷ୍କର୍ମ ଘଟଣା ଗୋପାଳପୁର ନିର୍ବାଚନମଣ୍ଡଳୀକୁ ଲଜ୍ଜିତ କରିଚାଲିଛି। ଦୁଇଦିନ ତଳେ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇଜଣ ନାବାଳିକା ଓ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ବେଳେ ରବିବାର ଗୋପାଳପୁର ବେଳାଭୂମିକୁ ନିଜ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ ଯୁକ୍ତ ତିନି ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ତାଙ୍କ ଅଭିଯୋଗକୁ ଆଧାରରେ ପୁଲିସ ୭ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବେଳେ ଆଉ ୩ ଜଣ ଫେରାର୍ ହୋଇଯାଇଛନ୍ତି।




**୭ ଅଭିଯୁକ୍ତ ଅଟକ, ୩ ଫେରାର୍**

ପୁଲିସ ସୂଚନା ଅନୁସାରେ, ଜିଲ୍ଲା ବାହାରର ଜଣେ ଯୁବତୀ ବ୍ରହ୍ମପୁରର ଏକ ଶିକ୍ଷାନୁଷ୍ଠାନରେ ଯୁକ୍ତ ୩ରେ ଅଧ୍ୟୟନ କରନ୍ତି। ରବିବାର ଅପରାହ୍ନରେ ସେ ନିଜ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମିକୁ ବୁଲି ଆସିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ପାନ୍ଥନିବାସ ପଛପଟ ବେଳାଭୂମିରେ ଉଭୟେ ବସିଥିବାବେଳେ ହିଞ୍ଜିଳିକାଟୁ ସମେତ ଅନ୍ୟାନ୍ୟ ଅଞ୍ଚଳର ୧୦ଜଣ ଯୁବକ ସେମାନଙ୍କୁ ଘେରିଯାଇ ପ୍ରଥମେ ଅସଦାଚରଣ କରିଥିଲେ। ପରେ ପୁରୁଷ ବନ୍ଧୁକୁ କିଛି ଯୁବକ କାବୁ କରି ଯୁବତୀକୁ ବଳପୂର୍ବକ ନିକଟସ୍ଥ ଏକ ଅନ୍ଧାରିଆ ସ୍ଥାନକୁ ଉଠାଇ ନେଇଥିଲେ। ପ୍ରାୟ ୩ ଜଣ ଯୁବକ ସେଠାରେ ଯୁବତୀଙ୍କୁ ଦୁଷ୍କର୍ମ କରି ଚମ୍ପଟ ମାରିଥିବା ଜଣାପଡିଛି। ଘଟଣା ପରେ ରାତି ପ୍ରାୟ ସାଢେ ୧୦ଟାରେ ଥାନାର ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ▶ପୃଷ୍ଠା-୭

**ଭୋଜି ଖାଇ ଫେରୁଥିଲେ**

## ବଜ୍ରପାତରେ ୨ ମୃତ



■ **ଗୁଡାରୀ, ୧୬।୬ (ସମିସ):** ରଜ ପର୍ବ ଭୋଜି ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ଦୁଇ ଜଣ ମହିଳା ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଯୁବତୀ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ ସୋମବାର ଶେଷ ରଜ ଉପଲକ୍ଷେ ରାୟଗଡ଼ା ଜିଲ୍ଲା ମିଲୁ ଡେପସାହିର ପ୍ରାୟ ୪୦ ଜଣ ବଣଭୋଜିର ଆୟୋଜନ କରିଥିଲେ। ଅପରାହ୍ଣରେ ବଣଭୋଜି ଶେଷ କରି ସେମାନେ ଆନନ୍ଦରେ ଘରକୁ ଫେରୁଥିଲେ। ଏହି ସମୟରେ ଅଚାନକ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଫଳରେ ପ୍ରସାଦ ଗୌଡଙ୍କ ଝିଅ ସୁନାଲି ଗୌଡ (୨୪), ଫାଲଗୁନି ଗୌଡ଼ଙ୍କ ପତ୍ନୀ ରୁପାଲି ଗୌଡ଼(୨୧) ଓ ମୋନଜ ଗୌଡଙ୍କ ପତ୍ନୀ କାଜଲ ଗୌଡ଼ (୨୦) ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଏବଂ ସମ୍ପର୍କୀୟମାନେ ସମସ୍ତଙ୍କୁ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ସଙ୍କଟାପନ୍ନ ଅବସ୍ଥାରେ ଥିବା ସୁନାଲି ଗୌଡ଼ ଓ ରୁପାଲି ଗୌଡ଼ଙ୍କୁ ଅଧିକ ଚିକିତ୍ସା ପାଇଁ ରାୟଗଡ଼ା ପଠାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର କାଜଲଙ୍କୁ ପ୍ରଥମେ ଗୁଣୁପୁରକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଉଥିବା ଜଣାପଡ଼ିଛି। ଏହି ଘଟଣା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ଜଣେ ଗୁରୁତର**

## ଜଳପ୍ରପାତ ସ୍ରୋତରେ ଭାସିଗଲେ ୨ ନାବାଳକ

**ଜଣଙ୍କ ମୃତଦେହ ଉଦ୍ଧାର**

■ **କୋଟପାଡ଼, ୧୬।୬ (ସମିସ):** କୋରାପୁଟ ଜିଲ୍ଲା କୋଟପାଡ଼ ଛୋଟର୍ଲା ପଞ୍ଚାୟତ ନିକଟସ୍ଥ ଗୁଲମୀ ଜଳପ୍ରପାତ ସ୍ରୋତରେ ଦୁଇ ଜଣ ନାବାଳକ ଭାସି ଯାଇଛନ୍ତି। ଜଣେ ନାବାଳକଙ୍କର ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତ ନାବାଳକ ଜଣକ ହେଲେ ଆଲୋକ ରାଜ ସୁନା (୧୬)। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବାବେଳେ ପୁଲିସ ପହଞ୍ଚି ତଦନ୍ତ କରୁଛି।

କୋଟପାଡ଼ ଗୁଲମୀ ଜଳପ୍ରପାତକୁ ରବିବାର ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ୫ ଜଣ ବୁଲିବାକୁ ଆସିଥିଲେ। ଗତ କିଛିଦିନ ହେବ ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ କୋଲାବ ନଦୀ ଜଳ ଗୁଲମୀ ଜଳପ୍ରପାତ ଦେଇ ପ୍ରବାହିତ ହେଉଛି। ବୁଲିବାକୁ ଆସିଥିବା ପିଲାମାନେ ଗୁଲମୀରେ ବିଭିନ୍ନ ସ୍ଥାନରେ ଫଟୋ ଉଠାଉ ଥିବା ସମୟରେ ଦୁଇ ନାବାଳକ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ସାଙ୍ଗମାନେ ବହୁ ଖୋଜାଖୋଜି କଲା ପରେ ହତାଶ ହୋଇ ▶ପୃଷ୍ଠା-୭

## ଜଳୁଛି ଇରାନ ଓ ଇସ୍ରାଏଲୀ ସହର



### ଚତୁର୍ଥ ଦିନରେ କ୍ଷେପଣାସ୍ତ୍ର ମାଡ଼ ଜୋର୍‌ଦାର୍
### ଇରାନ ଟିଭି କେନ୍ଦ୍ରରେ ଇସ୍ରାଏଲୀ କ୍ଷେପଣାସ୍ତ୍ର
### ଯୁଦ୍ଧ ଘନଘୋଟା ଭିତରେ ଇରାନରେ ଅଟକିଛନ୍ତି ୧୫୦୦ ଭାରତୀୟ ଛାତ୍ରଛାତ୍ରୀ

■ **ତେହରାନ/ତେଲଆଭିଭ୍ ୧୬।୬ (ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗି ରହିଛି। ଆଜି ଚତୁର୍ଥ ଦିନ ଧରି ମଧ୍ୟ ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଛନ୍ତି। ଦୁଇ ଦେଶର ଅନେକ ସହର ଜଳିବାରେ ଲାଗିଛି। ଏଥିରେ ଉଭୟ ପକ୍ଷର ବ୍ୟାପକ କ୍ଷତି ଘଟି ଚାଲିଥିବା ବେଳେ ଏହାକୁ ରୋକିବା ଲାଗି ଆନ୍ତର୍ଜାତିକ ସ୍ତରରେ କୌଣସି ଉଦ୍ୟମ ହେଉନାହିଁ। ଅସ୍ତ୍ରବିରତି କରିବାକୁ ଇରାନ ମନା କରିବା ସହିତ ଇସ୍ରାଏଲ ଉପରେ ଜବାବୀ ହମଲା ଜାରି ରଖିଥିବାରୁ ନିକଟ ଭବିଷ୍ୟତରେ ଯୁଦ୍ଧ ଥମିବାର ସମ୍ଭାବନା କମ୍। ସେ ଚାହିଁଲେ ଅସ୍ତ୍ରବିରତି ହୋଇଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହୁଥିବା ବେଳେ ଏଭଳି ସ୍ଥିତି ଦେଖାଯାଉ ନାହିଁ। ଇରାନ-ଇସ୍ରାଏଲ ଯୁଦ୍ଧକୁ ନେଇ ସଂପୃକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ସିଧାସଳଖ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଏହି ଯୁଦ୍ଧ ଅନ୍ୟ ଅଞ୍ଚଳକୁ ବ୍ୟାପିଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ଇରାନ ଆଜି ଇସ୍ରାଏଲ ରାଜଧାନୀ ତେଲ ଆଭିଭ୍ ସମେତ ହାଫିଆ, ପେଟା ଟିକଭା ଓ ଅନ୍ୟାନ୍ୟ ସହର ଉପରେ ପୁଣି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ଇସ୍ରାଏଲର ଆଉ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ମୋଟ ମୃତ୍ୟୁସଂଖ୍ୟା ୨୨ ହୋଇଥିବା କୁହାଯାଉଛି। ଇସ୍ରାଏଲର ସେନା ମୁଖ୍ୟାଳୟ ସମେତ ଅନେକ ସରକାରୀ ଓ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ଇରାନ ଆକ୍ରମଣ ଚଳାଇଥିବା କୁହାଯାଉଛି। ଆକ୍ରମଣରେ ଅନେକ ସ୍ଥାନରେ ଇସ୍ରାଏଲର ଏୟାର ଡିଫେନ୍ସ ସିଷ୍ଟମକୁ ଇରାନ ଧ୍ୱସ୍ତ କରିଥିବା ଦାବି କରିଛି। ତେଲ ଆଭିଭରେ ▶ପୃଷ୍ଠା-୭

**ଜାରିହେଲା ବିଜ୍ଞପ୍ତି**

# ଦୁଇ ପର୍ଯ୍ୟାୟରେ ହେବ ଜନଗଣନା

### ୨୦୨୬ ଅକ୍ଟୋବର ଏବଂ ମାର୍ଚ୍ଚ ୨୦୨୭
### ଜନଗଣନାରେ ସାମିଲ ହେବ ଜାତିଭିତ୍ତିକ ତଥ୍ୟ



■ **ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):** ଆସନ୍ତା ବର୍ଷ ୨୦୨୬ ଅକ୍ଟୋବର ପହିଲାରୁ ଆରମ୍ଭ ହେବ ବହୁପ୍ରତୀକ୍ଷିତ ଜନଗଣନା। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଭିଯାନରେ ଜାତି ଭିତ୍ତିକ ଜନଗଣନା ମଧ୍ୟ କରାଯିବ। କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଆଜି ଏସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅକ୍ଟୋବର ୨୦୨୬ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟରେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଲଦାଖ ଭଳି ପାର୍ବତ୍ୟ ଅଞ୍ଚଳରେ ଜନଗଣନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଅବଶିଷ୍ଟ ଅଞ୍ଚଳରେ ୨୦୨୭ ମାର୍ଚ୍ଚ ୧ ତାରିଖରୁ ଜନଗଣନା କରାଯିବ। ଦେଶର ଏହି ସବୃବୃହତ୍ତ ଅଭିଯାନ ତିନି ବର୍ଷ ଧରି ଚାଲିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ କେନ୍ଦ୍ରୀୟ ବଜେଟରେ ୩ ହଜାର ୭୬୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଜାତିଭିତ୍ତିକ ଜନଗଣନା କରିବା ଲାଗି କେନ୍ଦ୍ର କ୍ୟାବିନେଟର ରାଜନୈତିକ ବ୍ୟାପାର କମିଟିରେ ସ୍ଥିର କରାଯାଇଥିଲା। ଏହାର ଗୋଟିଏ ମାସ ପରେ ସରକାର ଜନଗଣନା ପାଇଁ ତାରିଖ ଘୋଷଣା କରିଛନ୍ତି। ଶେଷ ଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା। ଏହା ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ୨୦୨୧ରେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଜନଗଣନା ଲାଗି ଯୋଜନା କରାଯାଇଥିଲା। ଯୋଜନା ଅନୁଯାୟୀ ୨୦୨୦ ଏପ୍ରିଲ-ସେ।ପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୧ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ହେବାର ଥିଲା। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିଲା। କିନ୍ତୁ କୋଭିଡ୍ -୧୯ ମହାମାରୀ ଯୋଗୁଁ ଜନଗଣନା କାର୍ଯ୍ୟକୁ ସ୍ଥଗିତ କରି ଦିଆଯାଇଥିଲା। ଏଥର ହେବାକୁ ଯାଉଥିବା ଜନଗଣନା ଦୁଇଟି ▶ପୃଷ୍ଠା-୭

## ରାଜ୍ୟରେ ଡିଜିଟାଲ୍ ପଦ୍ଧତିରେ ହେବ ଗଣନା: ପୱନ୍ କଲ୍ୟାଣ

■ **ଭୁବନେଶ୍ୱର, ୧୬।୬ (ସମିସ):** ଦେଶରେ ଜନଗଣନା ପାଇଁ ତାରିଖ ଚୂଡ଼ାନ୍ତ ହୋଇଛି। ଓଡ଼ିଶା ଜନଗଣନା ପରିଚାଳନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ କହିଛନ୍ତି, ଜନଗଣନା ଡିଜିଟାଲ୍ ପଦ୍ଧତିରେ ଏବଂ ମୋବାଇଲ ଆପ୍ଲିକେସନର ବହୁଳ ଉପଯୋଗ କରି ହେବ। ଏପରିକି ଏଥିପାଇଁ ନୂଆ ମୋବାଇଲ ଆପ୍ଲିକେସନ ଆସିପାରେ। ଜନଗଣନା କାର୍ଯ୍ୟ ପାଇଁ ଅତିରିକ୍ତ ମାନବସମ୍ବଳ ନିୟୋଜିତ କରାଯିବାକୁ ଥିବାବେଳେ ସମସ୍ତଙ୍କୁ ତାଲିମ ପ୍ରଦାନ କରାଯିବ। ଜନଗଣନାର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସେମାନେ ଏକ ସଂରଚିତ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରିବେ । ରେଜିଷ୍ଟ୍ରାର ଜେନେରାଲଙ୍କ ମାର୍ଗଦର୍ଶନରେ ରାଜ୍ୟ ସରକାରଙ୍କ ସହାୟତାରେ ଏହାକୁ ସୂଚାରୁ ରୂପେ ପରିଚାଳିତ କରାଯିବ।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା



■ **ରାଉରକେଲା, ୧୬।୬ (ସମିସ):** କଲୁଙ୍ଗା ଅଞ୍ଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଗୋଏଲକେରା ଅଞ୍ଚଳର ନିଲ ଜୋଜୋ (୩୬)। ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଶବକୁ ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତକାଲି ରାତି ପ୍ରାୟ ୮ଟା ବେଳେ କଲୁଙ୍ଗା ଜିଆବାହାଲ ଡମ୍ପିଂ ୟାର୍ଡ ପରିସରରେ ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ପୁଲିସ ଘଟଣା ସ୍ଥଳରୁ ଶବକୁ ଉଦ୍ଧାର କରିଥିଲା। ସୋମବାର ପୁଲିସକୁ ମୃତକଙ୍କ ପରିଚୟ ମିଳିଥିଲା। ନିଲଙ୍କ ମୁହଁକୁ ପଥରରେ ଛେଚା ହୋଇଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ନିଲ ଶ୍ରମିକ ଭାବେ କାମ କରୁଥିଲେ। ଗତ ଦୁଇ ଦିନ ହେବ ସେ କଲୁଙ୍ଗାକୁ ଆସିଥିଲେ। ହେଲେ ସେ କ'ଣ ପାଇଁ ଏଠାକୁ ଆସିଥିଲେ, ତାଙ୍କର କିଏ ସମ୍ପର୍କୀୟ ରହୁଛନ୍ତି କି? ଏଭଳି ବିଭିନ୍ନ ପ୍ରଶ୍ନକୁ ନେଇ ତଦନ୍ତ ଜାରି ରହିଛି। ଘଟଣାକୁ ନେଇ ପୁଲିସ ପରିବାରକୁ ସୂଚନା ଦେଇଛି। ପରିବାର ଲୋକେ ପହଞ୍ଚିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

## ଅନବସର ଦର୍ଶନର ୫ମ ଦିନ

# ନାମ ସଂକୀର୍ତ୍ତନରେ କମ୍ପୁଛି ଅଲାରନାଥ ପୀଠ





ବ୍ରହ୍ମଗିରି,୧୬।୬(ସମିସ): ସୋମବାର ଅନବସର ଦର୍ଶନର ୫ମ ଦିନ ଅବସରରେ ରଜ ପର୍ବର ଅନ୍ତିମ ଦିନ ପଡ଼ିଥିବାରୁ ଭକ୍ତମାନଙ୍କର ସଂଖ୍ୟା ମାତ୍ରାଧିକ ଭାବରେ ବଢ଼ିଯାଇଛି। ଅନବସର ଆରମ୍ଭଠାରୁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ସୋମବାର ସକାଳୁ ଅଲାରପୁର ଗାଁ ଭିତରୁ ଚନ୍ଦନ ଚକଡ଼ା ଦେଇ ମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଦିନତମାମ ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ସାନିଧ୍ୟ ଲାଭ କରିଛନ୍ତି।

ପ୍ରତିଦିନ ଭଳି ସୋମବାର ଭୋର୍ ସାଢ଼େ ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ଅବକାଶ, ମଇଲମ, ଅଣସର ବେଶ, ଚନ୍ଦନ ତୁଳସୀ ଲାଗି, ବଲ୍ଲଭ ଓ ସର୍ବସାଧାରଣ ଦର୍ଶନ ହୋଇଥିଲା। ସକାଳ ଧୂପ, ଦ୍ୱିପ୍ରହର ଧୂପରେ କେବଳ ଖିରି ପ୍ରସାଦ ଭୋଗ ହୋଇ ଦିନ ସାଢ଼େ ୧୨ଟାରେ ପହଡ଼ ପଡ଼ିଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ ନୀତି ବଢ଼ି ରାତି ୧୧ଟାରେ ବଡ଼ସିଂହାର ବେଶ ହେବା ପରେ ପହୁଡ଼ ହୋଇଥିଲା। ସକାଳ ୬ଟାରୁ ଭିଡ଼ ଆରମ୍ଭ ହୋଇ ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବରେ ଦର୍ଶନ କରିଥିବାବେଳେ ସିଂହଦ୍ୱାର ନିକଟରେ ଶ୍ରଦ୍ଧାଳୁଙ୍କ ଠେଲାପେଲା ଯୋଗୁଁ ପ୍ରଶାସନିକ ଅଧିକାରୀମାନେ ନାକେଦମ୍ ହୋଇଥିଲେ। ତା'ପରେ ଠାକୁରଙ୍କ ଦର୍ଶନ ଠିକ୍‌ଠାକ୍ ଚାଲିଥିଲା। ପ୍ରବଳ ଗୁଳୁଗୁଳି ମଧ୍ୟରେ ଭକ୍ତମାନେ ଧାଡ଼ିରେ ଆସି ଅରଗଳିଠାରୁ ଦର୍ଶନ କରୁଥିଲେ। ଭକ୍ତଙ୍କ ପ୍ରବଳ ଗହଳି ମଧ୍ୟରେ ଅନେକ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନରେ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇଥିଲା।

### ଆନନ୍ଦବଜାରରେ ପ୍ରବଳ ଭିଡ଼

ଅନବସର ଦର୍ଶନ ପାଇଁ ଭକ୍ତଙ୍କ ଗହଳି ବଢୁଥିବାବେଳେ ଆନନ୍ଦ ବଜାରରେ ମଧ୍ୟ ଭକ୍ତମାନଙ୍କ ଗହଳି ବଢ଼ିବାରେ ଲାଗିଛି। ସୋମବାର ଭକ୍ତମାନେ ଆନନ୍ଦ ବଜାରରେ ପ୍ରସାଦ ପାଇଁ ଗହଳି ଜମାଇଥିଲେ। ଜଗନ୍ନାଥଙ୍କ ମହାପ୍ରସାଦ ଭଳି ଅଲାରନାଥଙ୍କ ପ୍ରସାଦକୁ ସମସ୍ତ ଶ୍ରଦ୍ଧାଳୁ ସେବନ କରିବା ପାଇଁ ବ୍ୟାକୁଳ ହେଉଥିବା ଦେଖିବାକୁ ମିଳୁଛି।

### ସେବା ଯୋଗାଉଛନ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ

ଅନବସର ଦର୍ଶନ ୫ମ ଦିନରେ ପହଞ୍ଚିଛି। ଅନବସର ଆରମ୍ଭ ଦିନଠାରୁ ଆଜି ପର୍ଯ୍ୟନ୍ତ ଭକ୍ତଙ୍କୁ ସେବା ଯୋଗାଇ ଆସୁଛନ୍ତି କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ। ବିଜେବି ଡିଗ୍ରୀ କଲେଜର ପରାମର୍ଶଦାତା ଇତିଶ୍ରୀ ସୁନ୍ଦରା, ଏ.ଡି ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ବନ୍ଦେ ମାତରମ୍ ଅନୁଷ୍ଠାନର ସ୍ୱେଚ୍ଛାସେବୀ, ଲାୟନ୍ସ କ୍ଲବ୍, ବ୍ରହ୍ମଗିରି ପଞ୍ଚାୟତ ମହିଳା ମହାସଂଘ ଦ୍ୱାରା ଜଳ ସୀଞ୍ଚନ ସହ ଥଣ୍ଡା ପାନୀୟଜଳ ଭକ୍ତଙ୍କୁ ଯୋଗାଇ ଦିଆଯାଉଛି।

## ମହାସରସ୍ୱତୀ ବେଶରେ ଦର୍ଶନ ଦେଲେ ମା' ହରଚଣ୍ଡୀ

● ଚୁଡ଼ାଘସାରେ ମହକିଲା ଚତୁଃପାର୍ଶ୍ୱ



ବ୍ରହ୍ମଗିରି,୧୬।୬(ସମିସ): ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ରଜ ପ୍ରତେକ ଓଡ଼ିଆ ଘରେ ୪ଦିନ ଧରି ପିଠାପାଣାରେ ଆସର ଜମିଥାଏ। ସୋମବାର ରଜପର୍ବ ପାଳନ ତୃତୀୟ ଦିନରେ ମା' ବାଲି ହରଚଣ୍ଡୀ ପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ତୃତୀୟଦିନରେ ମା' ହରଚଣ୍ଡୀ ମହା ସରସ୍ୱତୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ମା'ଙ୍କ ପାଖରେ ଚୁଡ଼ାଘସା ଭୋଗ କେଉଁ ଯୁଗରୁ ପ୍ରସିଦ୍ଧିଲାଭ କରିଛି। ପରମ୍ପରା ଅନୁଯାୟୀ, ରଜର ତୃତୀୟ ଦିନ ଚୁଡ଼ାଘସା ଭୋଗ ହୋଇଛି। ପୀଠରେ ଭାଇଚାରା ବଜେଇ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ମଙ୍ଗଳବାର ମା' ବାଲି ହରଚଣ୍ଡୀଙ୍କ ମହାକାଳୀ ବେଶ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପ୍ରଜ୍ଞା ପ୍ରବାହର ଆଲୋଚନାଚକ୍ର

ନିମାପଡ଼ା,୧୬।୬(ସମିସ): ରବିବାର ଅପରାହ୍ଣରେ ନିମାପଡ଼ାସ୍ଥିତ ଏବିଏସ୍ ଅକ୍ସଫୋର୍ଡ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ପ୍ରଜ୍ଞା ପ୍ରବାହ (ଜଗତପ୍ରଜ୍ଞା), ନିମାପଡ଼ାର ଏକ ଚର୍ଚ୍ଚା କେନ୍ଦ୍ର ଆରମ୍ଭ ହୋଇଥିଲା। ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଚର୍ଚ୍ଚାର ବିଷୟଥିଲା ଅପରେସନ ସିନ୍ଦୂର। ପ୍ରଜ୍ଞା ପ୍ରବାହର ଓଡ଼ିଶା ପ୍ରାନ୍ତ ସଂଯୋଜକ ରବିନାରାୟଣ ପଣ୍ଡା ମୁଖ୍ୟ ଅତିଥି, ଭୁବନେଶ୍ୱର ସଂଯୋଜକ ଗୌରୀ ପ୍ରସାଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସୈନ୍ୟବାହିନୀର ଗୌରବ ଗାଥା ବଖାଣିଥିଲେ। ନିମାପଡ଼ା ସଂଯୋଜକ ଅଧ୍ୟାପକ ଦୀପକ କୁମାର ପରିଡ଼ା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଏବଂ ଓଡ଼ିଶା ପ୍ରାନ୍ତ ଯୁବା ଆୟାମ ପ୍ରମୁଖ ପ୍ରସନ୍ନ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ନିମାପଡ଼ା ଅଞ୍ଚଳର ପ୍ରାୟ ୩୦ ବୁଦ୍ଧିଜୀବୀ ଉପସ୍ଥିତ ରହି ଚର୍ଚ୍ଚାରେ ଭଗ ନେବା ସହିତ ପ୍ରତ୍ୟେକ ମାସର ଦ୍ୱିତୀୟ ରବିବାରରେ ଏହିଭଳି ଗୋଟିଏ ଲେଖାଏଁ ବିଷୟରେ ଚର୍ଚ୍ଚା ଆଲୋଚନା ହେବ ବୋଲି ସ୍ଥିର କରିଥିଲେ।

## ରାସ୍ତା କାମକୁ ନେଇ ଗୋଷ୍ଠୀ ସଂଘର୍ଷ

ନୟାହାଟ,୧୬।୬(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତରେ ଏକ ରାସ୍ତାରେ ବାଲି ମୋରମ୍ ବିଛାଇବା କାର୍ଯ୍ୟକୁ ନେଇ ରବିବାର ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିବା ନୟାହାଟ ଫାଣ୍ଡିରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ ସେ କୁହନ୍ତି, ଏଥିରେ କେହି ଆହତ ହୋଇନାହାନ୍ତି। ଘଟଣାର ତଦନ୍ତ ଚାଲିଛି। ଯଦି ଦୁଇପକ୍ଷ ମଧ୍ୟରେ ସମାଧାନ ନ ହୁଏ ଦୁଇଟି ମୋକଦ୍ଦମା ରୁଜୁ କରାଯିବ।

## ବ୍ୟବସାୟୀଙ୍କଠାରୁ ମୋବାଇଲ୍ ଲୁଟ୍

ନୟାହାଟ,୧୬।୬(ସମିସ): ରବିବାର ଯୋଗେଶ୍ୱରପୁର ବଜାରର ଜଣେ ଫଳ ବ୍ୟବସାୟୀଙ୍କଠାରୁ ରବିବାର ରାତି ୧୨ଟାରେ ଦୁଇଜଣ ଲୁଟେରା ମୋବାଇଲ୍ ଝାମ୍ପି ନେଇଛନ୍ତି ବୋଲି ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ଯୋଗେଶ୍ୱରପୁର ବଜାରରେ ଥିବା ନିଲୁ ଦାସ ନାମକ ଜଣେ ଫଳ ବ୍ୟବସାୟୀ ଦୋକାନ ବନ୍ଦ କରି ଘରକୁ ଯିବା ସମୟରେ ଏକ ବାଇକ୍‌ରେ ଦୁଇଜଣ ଯୁବକ ତାଙ୍କଠାରୁ ମୋବାଇଲ୍ ଝାମ୍ପି ନେଇ କାକଟପୁର ଆଡ଼କୁ ଦ୍ରୁତଗତିରେ ପଳାଇଥିଲେ। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ ସେ କହିଥିଲେ ଯେ ଘଟଣାର ତଦନ୍ତ ଚାଲିଛି। ପାଟ୍ରୋଲିଂ ପାଇଁ ଆମ ପାଖରେ କୌଣସି ଗାଡ଼ି ନ ଥିବାରୁ ଲୁଟେରାମାନଙ୍କ ପୁଷମାସ ପାଲଟିଛି।

## ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ



ନିମାପଡ଼ା,୧୬।୬(ସମିସ): ନିମାପଡ଼ା ବ୍ଲକ୍ ସଭାଗୃହରେ ସୋମବାର ବ୍ଲକ୍‌ର ଭୂମିହୀନଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଜମିପଟ୍ଟା ବଣ୍ଟନ କରାଯାଇଛି। ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରାଜକିଶୋର ଜେନା, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୫ଟି ସ୍କୁଲ ନାମରେ ଜମିପଟ୍ଟା, ୩୦ ଜଣଙ୍କୁ କିସମ ପଟ୍ଟା, ୪୦ଜଣ ଭୂମିହୀନଙ୍କୁ ପଟ୍ଟା, ବସୁନ୍ଧରା ଯୋଜନାରେ ୩ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯିବା ସହିତ ୧୨୦ଜଣ ହିତାଧିକାରୀଙ୍କ ପ୍ରଜାଖାନା ସଂଶୋଧନ କରାଯାଇଛି। ପ୍ରଜାଖାନା ସଂଶୋଧନ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାମ ଚନ୍ଦ୍ର ପାତ୍ର ପରିଚଳନା କରିଥିଲେ।

## ଅସ୍ତରଙ୍ଗ ଅଞ୍ଚଳରେ ଯାଞ୍ଚ ହେଉନି ଖାଦ୍ୟର ମାନ; ବେଫିକର ପ୍ରଶାସନ

ଅସ୍ତରଙ୍ଗ,୧୬।୬(ସମିସ): ରାଜ୍ୟର ୭ଟି ଜିଲ୍ଲାରେ କାୟା ବିସ୍ତାର କରୁଛି ଡାଇରିଆ। ତା' ଭିତରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ସାମିଲ ଅଛି, ଯେଉଁଠି ଦୂଷିତ ପାଣି, ଅପରିଷ୍କାର ବାସି ଖାଦ୍ୟ, ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ରାସ୍ତାକଡ଼ରେ ମାଳମାଳ ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନ ଖୋଲାଯାଇଥିଲେ ମଧ୍ୟ ଖାଦ୍ୟ, ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଆଖିବୁଜି ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଉତ୍ତମ ଖାଦ୍ୟ ପାନୀୟ ନିରୋଗ ରହିବାର ଚାବିକାଠି। ଉତ୍ତମ କହିଲେ କେବଳ ଗୁଣାତ୍ମକ ଦୃଷ୍ଟିରୁ ନୁହେଁ ବରଂ ଖାଦ୍ୟ ଉତ୍ତମ ପରିବେଶରେ ପରିଷ୍କାର ଭାବେ ରନ୍ଧା ହୋଇଥିବା ଆବଶ୍ୟକ। କିନ୍ତୁ ମାଳମାଳ ଖାଦ୍ୟ ଦୋକାନକୁ ଦେଖିଲେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ସଚେତନ ନ ଥିବା ପରି ମନେ ହେଉଛି। କାରଣ ଅସ୍ତରଙ୍ଗ ବଜାରରେ ନିମ୍ନମାନର ତେଲ, ରଙ୍ଗ ସହିତ ଅସ୍ୱାସ୍ଥ୍ୟକର ପରିବେଶରେ ଲୋକଙ୍କୁ ଖାଦ୍ୟ ରନ୍ଧାଯାଇ ବିକ୍ରି କରାଯାଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ସଚେତନ ହେଉନାହିଁ। ଉକ୍ତ ଦୋକାନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ଦେଖିବାକୁ ମିଳୁଛି। ଯେଉଁ କାରଣରୁ ବଜାରର ବିଭିନ୍ନ ସ୍ଥାନରେ ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନମାନ ଖୋଲି ଏହାକୁ ଏକ ଲାଭଜନକ ବ୍ୟବସାୟ ରୂପେ ଚଳାଉଛନ୍ତି। ଏହି ଦୋକାନଗୁଡ଼ିକରେ ବେଳେବେଳେ ବଳକା ବାସି ଖାଦ୍ୟ ପଦାର୍ଥ ମଧ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ସହରରେ ଅଧିକାଂଶ ହୋଟେଲର ପରିବେଶ ଅପରିଷ୍କାର ରହୁଥିବାବେଳେ ପିଇବାକୁ ଦୂଷିତ ଜଳ ଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ପୂର୍ବ ଦିନମାନଙ୍କରେ କିଛି ହୋଟେଲ ଓ ଜଳଖିଆ ଦୋକାନରେ ଲୋକଦେଖାଣିଆ ଚଢ଼ଉ କରି ବିଭାଗ ଚୁପ୍ ହୋଇ ବସିଛି। ଫଳରେ ଅସ୍ଥାୟୀ ହୋଟେଲ ଓ ଉଠାଦୋକାନୀଙ୍କୁ ଏହା ବେଶ୍ ସୁହାଇଛି। ଖରାପ ଓ ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀ ଧରାପଡ଼ିଲେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୪ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଁ ଆଇନର ବ୍ୟବସ୍ଥା ରହିଛି। ମାତ୍ର ଏହି ଅଞ୍ଚଳ ଲାଗି ଏହି ଆଇନ କେବଳ କାଗଜପତ୍ରରେ ସୀମିତ ରହିଛି। ଅନେକ ବ୍ୟବସାୟୀ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବାବେଳେ ନଷ୍ଟ ହୋଇଯାଇଥିବା ପନିପରିବା ବ୍ୟବହାର କରିବାକୁ ମଧ୍ୟ ପଛାଉ ନଥିବା ଜଣାଯାଇଛି। କେବଳ ହୋଟେଲ କି ଜଳଖିଆ ଦୋକାନୀ ନୁହେଁ, ବରଂ ଠେଲାଗାଡ଼ିରେ ବିକ୍ରି କରୁଥିବା ଖାଦ୍ୟ ପଦାର୍ଥର ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ଓ ବିକ୍ରି ହେଉଛି। ନିମ୍ନମାନର ଖାଦ୍ୟ ଖାଇବା ଦ୍ୱାରା ଖାଦ୍ୟ ବିଷାକ୍ତ, ଡିସେଣ୍ଟ୍ରି, ବିଭିନ୍ନ ଜଳବାହିତ ରୋଗ, ଝାଡ଼ା, ଜଣ୍ଡିସ ପ୍ରଭୃତି ରୋଗ ବ୍ୟାପିଥାଏ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତେଣୁ ଜନସାଧାରଣଙ୍କୁ ଏହି ସବୁ ରୋଗଠାରୁ ଦୂରେଇ ରଖିବା ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହିତ ଖାଦ୍ୟର ମାନ ଯାଞ୍ଚ କରିବା ସହ ଗ୍ରାହକଙ୍କୁ ଉତ୍ତମ ଖାଦ୍ୟ ପରିବେଷଣକୁ ଖାଦ୍ୟ ଦୋକାନଗୁଡ଼ିକୁ ନିର୍ଦ୍ଦେଶ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବ୍ୟାପୁଛି ଝାଡ଼ାବାନ୍ତି; ବାଜିରେ ଲାଗୁଛି ଜୀବନ

● ନନ୍ଦିଘୋର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ବ୍ଲୁ ଇଲେଭେନ୍ ଓ ଜେଡ୍ ଫାଇଟର



ଶରଣକୁଳ,୧୬।୬(ସମିସ): ଶରଣକୁଳ ନିକଟସ୍ଥ ନନ୍ଦିଘୋର ନ୍ୟୁ ପ୍ଲେ ଗ୍ରାଉଣ୍ଡରେ ରଜ ମହୋତ୍ସବ ଉପଲକ୍ଷେ ମହାବୀର କ୍ରିକେଟ୍ କ୍ଲବ୍ ତରଫରୁ ଚାଲିଥିବା ନନ୍ଦିଘୋର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ପ୍ରଥମ ଲିଗ୍ ସେମିଫାଇନାଲ୍ ମ୍ୟାଚ୍ ବ୍ଲୁ ଇଲେଭେନ୍ ଓ ସୁପର ଷ୍ଟ୍ରାଇକର ମଧ୍ୟରେ ଖେଳ ହୋଇଥିଲା। ସୁପର ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲେ। ଜବାବରେ ବ୍ଲୁ ଇଲେଭେନ୍ ମାତ୍ର ୭ ଓଭରରେ ୨ ୱିକେଟ ବିନିମୟରେ ୬୫ ରନ୍ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ବିଜୟୀ ଦଳର ପପୁ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ସେହିଭଳି ଦ୍ୱିତୀୟ ସେମି ଫାଇନାଲ୍‌ରେ ଇଲେଭେନ୍ ଷ୍ଟାର୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫୭ ରନ୍ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇଯାଇଥିଲେ। ଜେଡ୍ ଫାଇଟର ଦଳ ମାତ୍ର ୭ ଓଭରରେ ୨ଟି ୱିକେଟ୍ ହରାଇ ୬୧ ରନ୍ ସଂଗ୍ରହ କରି ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବରେ ଫାଇନାଲ୍‌ରେ ପ୍ରବେଶ କରିଛି। ବିଜୟୀ ଦଳର ଗିରିଜା ଶଙ୍କର ପଢ଼ିଆରୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଅଶୋକ ଦୋରା ଓ ଜ୍ୟୋତି ରଞ୍ଜନ ବାରିକ ଖେଳ ପରିଚାଳନା କରିଥିଲେ। ଅତିଥି ଭାବରେ ତାପସ ରଞ୍ଜନ ପାଢ଼ୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ବ୍ଲୁ ଇଲେଭେନ୍ ଓ ଜେଡ୍ ଫାଇଟର ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଭାପତି ଅଶୋକ ଦୋରା ଓ ସମ୍ପାଦକ କାଳିଆ ସେଠୀ ସୂଚନା ଦେଇଛନ୍ତି।

## ବ୍ୟାଙ୍କ ଶାଖା ସ୍ଥାନାନ୍ତରକୁ ନେଇ ଗ୍ରାହକ ଅସନ୍ତୋଷ

ସାକ୍ଷୀଗୋପାଳ,୧୬।୬(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କ, ସାକ୍ଷୀଗୋପାଳ ଶାଖା ହେବ ସ୍ଥାନାନ୍ତର। ଏହି ବ୍ୟାଙ୍କର ଗ୍ରାହକ, ଉପଭୋକ୍ତା ଓ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଷ୍ଟେଟ ବ୍ୟାଙ୍କ ଶାଖା ଉପରେ ଲକ୍ଷାଧିକ ଜନସାଧାରଣ ସେମାନଙ୍କ ବିଭିନ୍ନ ଆକାଉଣ୍ଟ ଖୋଲି ଉପକୃତ ହେଉଛନ୍ତି। ସାକ୍ଷୀଗୋପାଳ ବଜାରର କେନ୍ଦ୍ରସ୍ଥଳ ଓ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଅବସ୍ଥିତ ଏହି ବ୍ୟାଙ୍କ ସାକ୍ଷୀଗୋପାଳ ବଜାରର ଏକ ପ୍ରମୁଖ ବ୍ୟାବସାୟିକ ସ୍ଥଳରେ ରହିଛି। ଏହା ସାକ୍ଷୀଗୋପାଳରେ ପ୍ରତିଷ୍ଠିତ ପ୍ରଥମ ଜାତୀୟକରଣ ବ୍ୟାଙ୍କ। ଫଳରେ ଏଠାରେ ଥିବା ଅନ୍ୟ ଜାତୀୟକରଣ ବ୍ୟାଙ୍କ ତୁଳନାରେ ଏହାର ଲକ୍ଷାଧିକ ଉପଭୋକ୍ତା ରହିଛନ୍ତି। ଭବିଷ୍ୟତରେ ସାକ୍ଷୀଗୋପାଳ ବଜାର ସମ୍ପ୍ରସାରଣ ହେବ। ଏହାକୁ ଦୃଷ୍ଟିରେ ରଖି ଉକ୍ତ ବ୍ୟାଙ୍କ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱକୁ ସ୍ଥାନାନ୍ତରିତ ହେବ ବୋଲି ଜଣାପଡ଼ିଛି। ଯାହାଦ୍ୱାରା ଉକ୍ତ ବ୍ୟାଙ୍କର ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ବିଶେଷକରି ହଜାର ହଜାର ବରିଷ୍ଠ ତଥା ବୟୋଜ୍ୟେଷ୍ଠ ନାଗରିକ ବିଭିନ୍ନ ପେନ୍‌ସନ୍‌ଭୋଗୀ, ବ୍ୟବସାୟୀ, ଛାତ୍ରଛାତ୍ରୀଙ୍କ ସହ ଅନ୍ୟ ଉପଭୋକ୍ତାମାନେ ଉକ୍ତ ବ୍ୟାଙ୍କ ହେଉଥିବା ସ୍ଥାନାନ୍ତର ସ୍ଥଳ ସୁରକ୍ଷା ଦୃଷ୍ଟିରୁ ଉପଯୁକ୍ତ ନୁହେଁ ବୋଲି କହିଛନ୍ତି। ତେଣୁ ଉକ୍ତ ବ୍ୟାଙ୍କର ଚିହ୍ନଟ ହୋଇଥିବା ଜାତୀୟ ରାଜପଥ ପାର୍ଶ୍ୱକୁ ସ୍ଥାନାନ୍ତର ନ ହୋଇ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପରିସର କିମ୍ବା ସାକ୍ଷୀଗୋପାଳ ମନ୍ଦିର ନିକଟକୁ ସ୍ଥାନାନ୍ତର କରାଗଲେ ଉପଭୋକ୍ତାମାନେ ଅଧିକ ସୁରକ୍ଷିତ ରହିବା ସହ ସବୁ ବର୍ଗର ଲୋକଙ୍କ ସୁବିଧା ହୁଅନ୍ତା ବୋଲି ଉକ୍ତ ବ୍ୟାଙ୍କ ଉପଭୋକ୍ତା ରାମକୃଷ୍ଣ କର ପ୍ରକାଶ କରିଛନ୍ତି। ସେହିପରି ଯେଉଁ ସ୍ଥାନକୁ ବ୍ୟାଙ୍କ ସ୍ଥାନାନ୍ତର ହେବ ବୋଲି ଆଲୋଚନା ହେଉଛି ସେ ସ୍ଥାନଟି ବ୍ୟାଙ୍କ କାର୍ଯ୍ୟ ତଥା ଅର୍ଥ ନେଣଦେଣ ନିମନ୍ତେ ଆଦୌ ସୁରକ୍ଷିତ ନୁହେଁ। ସତ୍ୟବାଦୀ ଥାନାଠାରୁ ଦୂର ଓ ଜାତୀୟ ରାଜପଥ ଉପରେ ଲୁଟ୍ ଓ ରାହାଜାନୀ ହେବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ବ୍ୟାଙ୍କ ମୁଖ୍ୟ ପରିଚାଳକ ସୀମାଞ୍ଚଳ ପଣ୍ଡାଙ୍କୁ ପଚାରିବାରୁ ବ୍ୟାଙ୍କ ଏଠାରୁ ସ୍ଥାନାନ୍ତର ହେବା ନିମନ୍ତେ ପୂର୍ବରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ବ୍ୟାଙ୍କ ସ୍ଥାନାନ୍ତର କରାଗଲେ ସାକ୍ଷୀଗୋପାଳ ବଜାରରେ ବ୍ୟାଙ୍କ ସମ୍ମୁଖରେ ହେଉଥିବା ଟ୍ରାଫିକ୍ ଜାମ୍ ସମସ୍ୟା ରହିବ ନାହିଁ। ଉପଭୋକ୍ତା କରୁଥିବା ଦାବିକୁ ପ୍ରାଧାନ୍ୟ ଦେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ଏକ ସମାଧାନର ପନ୍ଥା ନିର୍ଣ୍ଣୟ କରାଯିବା ଆବଶ୍ୟକ। ଯାହା ଫଳରେ ବ୍ୟାଙ୍କ ଓ ଉପଭୋକ୍ତାଙ୍କ ସୁରକ୍ଷା ଦୃଷ୍ଟିରୁ ଉପଯୁକ୍ତ ହେବ।




## ନୟାହାଟ ରଜ ମହୋତ୍ସବ ଉଦ୍‌ଯାପିତ



ନୟାହାଟ,୧୬।୬(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ନରସିଂହପୁର ହାଟରେ ଚାଚଖାଇ ଠାକୁରାଣୀଙ୍କ ନିକଟରେ ସୋମବାର ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ରଜ ହେଉଛି ଓଡ଼ିଆମାନଙ୍କର ଏକ କୃଷିଭିତ୍ତିକ ଗଣ ପର୍ବ। ଧୂମାଳ ପଞ୍ଚାୟତରେ ତିନି ଦିନ ଧରି ରଜ ମହୋତ୍ସବ ଆୟୋଜକ ସମ୍ପଦ ମହାନ୍ତିଙ୍କୁ ପ୍ରଶଂସା କରିଥିଲେ। ରଜ ଉପଲକ୍ଷେ ଆୟୋଜିତ ବିବିନ୍ନ ପ୍ରତିଯୋଗିତାରେ ବିଶାଖା ପ୍ରିୟଦର୍ଶିନୀ ମହାନ୍ତି ଜୁନିୟର ଦଳର ପ୍ରଥମ କୁଇନ୍ ହୋଇଥିବାବେଳେ ସିନିୟର୍ ଦଳର ରିୟା ମଲ୍ଲିକ ପ୍ରଥମ କୁଇନ୍ ଭାବେ ବିବେଚିତ ହୋଇଛନ୍ତି। କଣ୍ଠଶିଳ୍ପୀ ବିନୋଦ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଧୂମାଳ ସରପଞ୍ଚ ମୋନାଲିସା ସିଂହ, ସମିତିସଭ୍ୟା ଭାନୁମତୀ ମାଣିକ, ନାଏବ ସରପଞ୍ଚ ଅଶୋକ ସାହୁ, ଧୂମାଳ ସଭାପତି ଦିଲ୍ଲୀପ ରାୟ, ହାଇଟେକ୍ ଡାକ୍ତର ବିରଞ୍ଚି ନାରାୟଣ ଲେଙ୍କା, ପୁରୀ ଜିଲ୍ଲା ଉପଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଅଭିମନ୍ୟୁ ସିଂହ, ୧୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସାଗରିକା ନାୟକ ପ୍ରମୁଖ ଯୋଗଦେଇ ଏହିଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ଯନ୍ତ୍ରଣା ଦେଲାଣି ଆଣ୍ଠୁଏ ଖାଲ; ବଢୁଛି ଅସନ୍ତୋଷ

ବେଗୁନିଆ,୧୬।୬(ସମିସ): ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ସିମୋର ଛକ ଉପରେ ଯାନବାହନ ଚଳାଚଳ ଯୋଗୁଁ ଆଣ୍ଠୁଏ ଖାଲ ସୃଷ୍ଟି ହୋଇ ଯନ୍ତ୍ରଣା ଦେଉଛି। ଏହି ଖାଲ ଯୋଗୁଁ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ପ୍ରତ୍ୟହ ଦିବା ଓ ରାତ୍ରରେ ଯାତ୍ରୀବାହୀ ବସ୍, ଟ୍ରକ୍, ମୋଟର ସାଇକଲ ଓ ପଥଚାରୀମାନେ ଯାତାୟାତ କରିଥା'ନ୍ତି। ଏପରିକି ଲଘୁଚାପଜନିତ ବର୍ଷା ଯୋଗୁଁ ଖାଲରେ ପାଣି ଜମି ରହିଥିବାରୁ ଦୁର୍ଘଟଣା ମାତ୍ରାକୁ ଆହୁରି ବଢ଼େଇବାର ଆଶଙ୍କା ରହିଥିବାରୁ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ତେବେ ପୂର୍ତ୍ତ ବିଭାଗ ରାସ୍ତାର ମରାମତି କରିବାରେ ବିଳମ୍ବ ଘଟୁଥିବା ନେଇ ସମସ୍ତେ ବିସ୍ମିତ ହୋଇଛନ୍ତି। ଏପରିକି ଗୋବିନ୍ଦପୁର ଛକଠାରେ ମଧ୍ୟ ରାସ୍ତାକୁ ଖୋଳି ପାନୀୟଜଳ ଯୋଗାଣ ପାଇଁ ପାଇପ୍ ବିଛା ଯାଇଥିବା ସ୍ଥାନରେ ସୃଷ୍ଟି ହୋଇଥିବା ଖାଲକୁ ଅସ୍ଥାୟୀ ଭାବେ କେବଳ ମାଟି ପକାଇ ସମତୁଲ କରାଯାଇଥିବାରୁ ସେଠାରେ ଖାଲ ଢିପ ଅବସ୍ଥାରେ ରହିଛି। ସେହିପରି କୋଦବେରେଣିଠାରେ ରାସ୍ତାର ଖାଲକୁ ନାମକୁ ମାତ୍ର ମାଟି ପକାଇ କାର୍ଯ୍ୟ କରିଥିବାବେଳେ ସେଠାରେ ଖାଲ ସୃଷ୍ଟି ହୋଇଛି। ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ସାଧାରଣରେ ଦାବି ହେଉଥିବାବେଳେ ଯଦି ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କରା ନ ଯାଏ, ତେବେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।



# ସାହସପୁର-କଉଡ଼ିଖଣି ରାସ୍ତା ଅବସ୍ଥା ଶୋଚନୀୟ



କଣାସ,୧୬।୬(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବିକାଶ ପାଇଁ ମୁଖ୍ୟତଃ ବିଭିନ୍ନ ଯୋଜନା କରି ରାସ୍ତା ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ରାସ୍ତା ନିର୍ମାଣ ପରେ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନଙ୍କ ଦାୟିତ୍ୱହୀନତା ଯୋଗୁଁ କାମ କରାଯାଇଥିବା ରାସ୍ତାଗୁଡ଼ିକ ଖୁବ୍ କମ୍ ଦିନରେ ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। କଣାସ ବ୍ଲକ୍ କାଦୁଆ ପଞ୍ଚାୟତର କଉଡ଼ିଖଣିରୁ ସାହସପୁର ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଗତ ବର୍ଷେ ତଳେ ରାସ୍ତାରେ ପକାଯାଇଥିବା ପେଭର ବ୍ଲକ୍‌ଗୁଡ଼ିକ ଉଠି ଯାଇଥିବାରୁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟିଛି। ଉକ୍ତ ରାସ୍ତା କାର୍ଯ୍ୟାଳୟ କଣାସଠାରେ ଥିଲେ ମଧ୍ୟ ୨୪ ଘଣ୍ଟା କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଉକ୍ତ ଗ୍ରାମବାସୀମାନେ ବାରମ୍ବାର ରାସ୍ତା ମରାମତି ସମ୍ପର୍କରେ ବିଡିଓଙ୍କ ନିକଟରେ ଦାବି କରିଆସୁଛନ୍ତି।


ସେହିପରି ସାହସପୁରଠାରୁ ସାନଓରା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତାରେ କେତେକ ବ୍ୟକ୍ତି ଟ୍ରାକ୍ଟରଯୋଗେ ମାଟି ବୋହୂଥିବାରୁ ରାସ୍ତା ସାରା ମାଟି ଖସି ରାସ୍ତାରେ ପଡ଼ିଥିବାବେଳେ ଦୁଇଦିନ ଧରି ବର୍ଷା ହୋଇଯିବାରୁ ଉକ୍ତ ରାସ୍ତାରେ ଚାଲିକି ଯିବା କଷ୍ଟକର ହୋଇପଡ଼ିଥିବାବେଳେ ବାଇକ୍ ଆରୋହୀମାନେ ଚକା ଖସିବା ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀମାନଙ୍କ କିପରି ଦୃଷ୍ଟି ପଡୁନାହିଁ ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ପାଲଟିଛି।



୧୬/୬/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୧,୭୦,୯୬୦/- ସୁନା: ୦୪.୭୫୦ ଗ୍ରାମ୍ ରୁପା: ୦୪.୫୦୦ ଗ୍ରାମ୍





# ଫୁଲୁରୀ ତେଲର ଅଭୁଲା ଅନୁଭୂତି

ପୁରୀ,୧୬।୬(ସମିସ)



ମହାପ୍ରଭୁଙ୍କ ଅଣସର ଗୁପ୍ତ ନୀତି ପାଇଁ ପରମ୍ପରା ମୁତାବକ ବଡ଼ ଓଡ଼ିଆ ମଠ ଫୁଲୁରୀ ତେଲ ଯୋଗାଇଦେଉଛି। ଏହି ଫୁଲୁରୀ ତେଲ ପ୍ରସ୍ତୁତିରେ ଅନେକ ଅନୁଭୂତି ସାଉଣ୍ଟିଛନ୍ତି ବଡ଼ ଓଡ଼ିଆ ମଠର ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ। ଏକ ଅଭୁଲା ଅନୁଭୂତି ସମ୍ପର୍କରେ ସେ କହିଛନ୍ତି, ୧୯୯୭ ମସିହାର କଥା। ତେଲ ପ୍ରସ୍ତୁତି ପାଇଁ ସମସ୍ତ ଉପାଦାନ ଯୋଗାଡ଼ ହୋଇସାରିଥିଲା। ହେଲେ ଫାଲ୍‌ଗୁନ ମାସରେ କେତକୀ ଫୁଲ ମିଳିଲା ନାହିଁ। ଏହି ଫୁଲ ଚନ୍ଦନପୁରସ୍ଥିତ ବ୍ରାହ୍ମଣ ଆଳିନ୍ଦିଆସ୍ଥିତ ଖମାର ପାଖର ଜଣେ ମାଳୀ ଯୋଗାଇଥା'ନ୍ତି। ସେ ପ୍ରାୟ ଜାଗରଠାରୁ ଦୋଳପୂର୍ଣ୍ଣିମା ମଧ୍ୟରେ ଏହାକୁ ଆଣି ମଠରେ ପହଞ୍ଚାନ୍ତି। ହେଲେ ସେ ବର୍ଷ ୧୫ ଦିନ ଅତିକ୍ରାନ୍ତ ହେଲାଣି କିନ୍ତୁ ସେ ଫୁଲ ଆଣି ପହଞ୍ଚାଇ ନ ଥିଲେ। ଖବର ନେବାରୁ ଜଣାପଡ଼ିଲା ତାଙ୍କର ପରଲୋକ ହୋଇଯାଇଛି। ମଠରେ ଆଣି ଫୁଲ ଦେଉଥିବା ତାଙ୍କ ପିଲା ବି ଜାଣି ନ ଥିଲେ। ତେଣୁ ଫୁଲ କେଉଁଠୁ ଆସିବ ଚିନ୍ତା ପଡ଼ିଥିଲା। କାରଣ ସେତେବେଳେ ପୁରୀରେ ବହୁ ବ୍ୟକ୍ତିଙ୍କ ବାଡ଼ିରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ମିଳି ନ ଥିଲା। ଏମିତି ଦନେ ଦୁଇଦିନ ବିତିଗଲା।

ଗୋଟିଏ ରାତିରେ ଶୋଇବାକୁ ଗଲି। ହେଲେ ଫୁଲ କେଉଁଠୁ ଆସିବ, ଠାକୁରଙ୍କ ପାଇଁ ତେଲ ତିଆରି ହେବ ଏହି ଚିନ୍ତାରେ ନିଦ ହେଉ ନ ଥାଏ। ରାତି ପ୍ରାୟ ୧୨ଟା ପାଖାପାଖି ହେବ। ହଠାତ୍ ଜଣେ ବ୍ୟକ୍ତି ମଠରେ ପହଞ୍ଚିଲେ। ହାତରେ ଥାଏ କେତକୀ ଫୁଲ। ଏତେ ରାତିରେ ମଠରେ କାହିଁକି ବୋଲି ପଚାରିବାରୁ ସେ କହିଲେ ତାଙ୍କ ଘର ଗଞ୍ଜାମ ଆଠଗଡ଼ ଅଞ୍ଚଳରେ। ସେ ଆଠଗଡ଼ ରାଜବାଟୀରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ପାଇଁ ୪ଟି କେତକୀ ଫୁଲ ଆଣି ଆସିଥିଲେ। ହେଲେ ଠାକୁରଙ୍କ ପାଖରେ ଏବେ ଆଉ କେତକୀ ଫୁଲ ଲାଗି ହୋଇପାରିବ ନାହିଁ ବୋଲି ତାଙ୍କୁ ସିଂହଦ୍ୱାରରେ କେତେଜଣ କହିଲେ। ସେତେବେଳକୁ ରାତି ପ୍ରାୟ ସାଢ଼େ ୧୧ଟା ବାଜିଲାଣି। କେଉଁଠି ରହିବେ ବୋଲି ସମ୍ପୃକ୍ତ ବ୍ୟକ୍ତି ଚିନ୍ତାରେ ଥିବାବେଳେ ଶ୍ରୀମନ୍ଦିରର ଜଣେ ଜେଟିପି ତାଙ୍କୁ ମଠକୁ ପଠାଇଥିଲେ। ରାତି ପ୍ରାୟ ୧୨ଟା ପାଖାପାଖି ହେବ ମଠରେ ପହଞ୍ଚିଲେ। ଠାକୁରଙ୍କ ପାଇଁ ଆଣିଥିବା କେତକୀ ଫୁଲ ଆଉ ଲାଗି ହେବ ନାହିଁ ବୋଲି ତାଙ୍କ ମନ ନିରାଶ ଥିଲା। ମହାପ୍ରଭୁଙ୍କ କୃପା। ସେଦିନ ସେ ବ୍ୟକ୍ତି ଜଣକ କେତକୀ ଫୁଲ ପ୍ରଦାନ କଲେ। ମହାପ୍ରଭୁଙ୍କ ପାଇଁ ଫୁଲୁରୀ ତେଲରେ ଏହା ବ୍ୟବହାର ହେବ ଏବଂ ଏହି ତେଲ ଶ୍ରୀଅଙ୍ଗରେ ବର୍ଷଯାକ ରହିବ ଶୁଣିବା ପରେ ସେ ଅତ୍ୟନ୍ତ ଖୁସି ହୋଇଯାଇଥିଲେ ବୋଲି ମହନ୍ତ ଅଧିକାରୀ କହିଛନ୍ତି।

## ରଥଖଳାରୁ... ଅନ୍ଧାରୀ ତାଗ ବାଡ଼ିଆ ଶେଷ



ପୁରୀ,୧୬।୬(ସମିସ): ପାଖେଇ ଆସିଲାଣି ରଥଯାତ୍ରା। ଆଉ ମାତ୍ର ୧୦ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏପଟେ ରଥଖଳାରେ ବି କାମ ସରିଆସୁଛି। ସୋମବାର ପ୍ରଥମ ଭୂଇଁ ଉଭୟ ପଟରେ କଇଞ୍ଚି ପଡ଼ିବା ସହ ଦ୍ୱିତୀୟ ଭୂଇଁ ଉଭୟ ପାର୍ଶ୍ୱରେ ଅନ୍ଧାରୀ ତାଗ ବାଡ଼ିଆଯାଇଛି। ସେହିପରି ଅଗ ବା ତୃତୀୟ ଭୂଇଁରେ କଇଞ୍ଚି ସହ ଅନ୍ଧାରୀ ତାଗ ବାଡ଼ିଆ ଶେଷ ହୋଇଛି। ରବିବାର ତିନିରଥର ତୃତୀୟ ଭୂଇଁ ଉପରେ ସେଟିଂ ହୋଇଥିବା ଏକ ନମ୍ବର ପୋଟଳ ବା ବଡ଼ଥଳ ପୋଟଳକୁ ଟେକି ରଖିବା ପାଇଁ ତୃତୀୟ ଭୂଇଁ ଉପରେ ୪ଟି ଲେଖାଏଁ ପୋଟଳ ଖମ୍ବ ଏବଂ ଦୁଇଟି ଲେଖାଏଁ ଶେଣି ସେଟିଂ କରାଯାଇଛି। ପ୍ରତ୍ୟେକ ରଥର ପୋଟଳ ସମେତ ପାରା ଭାଡ଼ି ଏବଂ ଖପୁରୀ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତିନିରଥର ୪ଟି ଲେଖାଏଁ ଚନ୍ଦ୍ରଶାଳୀ ନିର୍ମାଣ ସରିଥିବାବେଳେ ପ୍ରତି ରଥର କଳସରେ ସିଲ୍‌ଭର ଚଦର ଫିଟିଙ୍ଗ୍ କରାଯାଇଛି। ରୂପକାର ସେବକମାନେ ତିନିରଥର ବାକି ୧୬ଟି ନାଟ ଗୋଡ଼ରେ ରାହୁରୂପ ଖୋଦେଇ କରୁଥିବାବେଳେ ପଟା ଗୁଜଗୁଡ଼ିକରେ ନର ବିରାଳ, ଗଜ ବିରାଳ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ଚିତ୍ରକର ସେବକ ରଥ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିରେ ରଙ୍ଗ କାର୍ଯ୍ୟ ସହ ତିନିରଥ ବାହ୍ୟ ଅଂଶ କୋଣଗୁଜ, ପଟାଗୁଜ, ଚକ ଇତ୍ୟାଦିରେ ଧଳା ପ୍ରାଇମର୍ ଦେବା ପରେ ରଙ୍ଗ କାମ ଆରମ୍ଭ କରିଛନ୍ତି। ଦରଜୀ ସେବକମାନେ ତିନିରଥ କନା କାଟିବା ପରେ ବତା କନାରେ ବିଳାସପଟି ସହ ଲେସ୍ ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ନିର୍ମାଣ ଶେଷ କରି ଜଂଘା କଣ୍ଟା, ଶୁଆ ଫିଟିଙ୍ଗ୍ ପାଇଁ ନାରଜ କଣ୍ଟା ଏବଂ ଏଲ୍ କ୍ଲାମ୍ପ, ୟୁ କ୍ଲାମ୍ପ ନିର୍ମାଣ କରୁଛନ୍ତି।

## ଖୋଲା ଜିପ୍‌ରେ ବୁଲିବା ଥାଟରାଜାଙ୍କ ସଉକ ଥିଲା

ପୁରୀ,୧୬।୬(ସମିସ): ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସାନଭାଇ ତଥା ପୁରୀର 'ଥାଟରାଜା' ରଣାର୍ଣ୍ଣବ ଦେବଙ୍କର ପରଲୋକ ହୋଇଯାଇଛି। ସ୍ଥାନୀୟ ଇ-୨୪ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ



ହୋଇଥିଲା। କିଛିଦିନ ପୂର୍ବେ ସେ ୧୫ ଦିନ ତଳୁ ସେ ଅସୁସ୍ଥ ହୋଇ କଟକ ଓ ଭୁବନେଶ୍ୱରରେ ଚିକିତ୍ସିତ ପରେ ତିନି ଦିନ ତଳେ ତାଙ୍କୁ ପୁରୀକୁ ନେଇ ଆସିଥିଲେ। ସୋମବାର ତାଙ୍କ ମରଶରୀରକୁ ଶ୍ରୀନଅରକୁ ଅଣାଯାଇଥିଲା। ଖୋଳ କରଣଙ୍କ ସହାୟତାରେ ଥାଟରାଜାଙ୍କୁ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଅନ୍ୟପକ୍ଷରେ ରାଜା ଘରର ପୁଅ ସାଧାରଣତଃ ରାଜକୀୟ ଢଙ୍ଗରେ ବଞ୍ଚିବାକୁ ପସନ୍ଦ କରିଥା'ନ୍ତି। ଥାଟରାଜା ରଣାର୍ଣ୍ଣବ ଦେବଙ୍କର ଯଦିଓ ସେମିତି କିଛି ନ ଥିଲା କିନ୍ତୁ ଖୋଲା ଜିପ୍‌ରେ ବୁଲିବା ତାଙ୍କର ଏକ ସଉକ ଥିଲା। ସେ ପୁରୀରୁ ଖୋଲା ଜିପ୍ ଧରି ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଇଥା'ନ୍ତି।

### ■ ବିଜେଡିରୁ ହୋଇଥିଲେ ବିଧାୟକ ପ୍ରାର୍ଥୀ

ରାଜ ପରିବାରର ପୁଅ ହୋଇଥିଲେ ବି ତାଙ୍କର ରାଜନୀତି ପ୍ରତି ବିଶେଷ ରୁଚି ରହିଥିଲା। ୧୯୯୮ ମସିହାରେ ପ୍ରସନ୍ନ ପାଟଶାଣୀ ଲୋକସଭାକୁ ନିର୍ବାଚିତ ହେବା ପରେ ଖୋର୍ଦ୍ଧାରେ ଉପନିର୍ବାଚନ ହୋଇଥିଲା। ବିଜୁ ଜନତା ଦଳ ଥାଟରାଜା ରଣାର୍ଣ୍ଣବ ଦେବଙ୍କୁ ପ୍ରାର୍ଥୀ କରିଥିଲା। ହେଲେ ସେ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ଶ୍ରୀଚନ୍ଦନଙ୍କଠାରୁ ପରାସ୍ତ ହୋଇଥିଲେ। ଦିଲ୍ଲୀପ ୩୯ ହଜାର ୯୨୧ ଖଣ୍ଡ ଭୋଟ୍ ପାଇଥିବାବେଳେ ଥାଟରାଜା ରଣାର୍ଣ୍ଣବ ପାଇଥିଲେ ୨୯ ହଜାର ୮୭୧ ଖଣ୍ଡ ଭୋଟ୍। ଅର୍ଥାତ୍ ୧୦ ହଜାର ୫୦ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ ଥାଟରାଜା।

## ଷ୍ଟପ୍ ଡାଇରିଆ ଅଭିଯାନ ଶୁଭାରମ୍ଭ

## 'ସ୍ୱାସ୍ଥ୍ୟ ସଚେତନତାର ବ୍ରାଣ୍ଡ ଆମ୍ବାସାଡର ଆଶା କର୍ମୀ'

ପୁରୀ,୧୬।୬(ସମିସ)

ଆଶା କର୍ମୀମାନେ ସ୍ୱାସ୍ଥ୍ୟ ସଚେତନତାର ବ୍ରାଣ୍ଡ ଆମ୍ବାସାଡର। ସେମାନଙ୍କ ସେବା ଓ ଲୋକମାନଙ୍କୁ ସଚେତନତା ଆମକୁ ସୁସ୍ଥ ରଖିବାରେ ସହାୟକ ହୋଇଛି ବୋଲି କହିଛନ୍ତି ସାଂସଦ ସମ୍ବିତ ପାତ୍ର। ସୋମବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଷ୍ଟପ୍ ଡାଇରିଆ ଅଭିଯାନର ଶୁଭାରମ୍ଭ କରିଥିଲେ ଶ୍ରୀ ପାତ୍ର। ଏହି ଅବସରରେ ସଚେତନତା ପ୍ରଚାର ପତ୍ରକୁ ଉନ୍ମୋଚନ କରି ଶ୍ରୀ ପାତ୍ର ଦୂଷିତ ଜଳ ଓ ଖାଦ୍ୟ ଯୋଗୁଁ ଡାଇରିଆର ସମ୍ଭାବନା ରହିଥାଏ। ବର୍ତ୍ତମାନ କିଛି ଜିଲ୍ଲାରେ ଡାଇରିଆର ପ୍ରକୋପ ଦେଖାଦେଇଛି। ଆମେ ବର୍ତ୍ତମାନଠାରୁ ସତର୍କ ହେଲେ ଓ ଅନ୍ୟମାନଙ୍କୁ ସଚେତନ କରାଇଲେ ଡାଇରିଆକୁ ପ୍ରତିହତ କରିପାରିବା। ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲାର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳକୁ ଚିହ୍ନଟ କରିବା ସହ ସମସ୍ତ ଜଳ ଉତ୍ସ ବିଶୋଧନ କରାଇବା, ଓଆର୍‌ଏସ୍, ହାଲୋଜିନ୍, ଜିଙ୍କ୍ ଇତ୍ୟାଦି ବଣ୍ଟନ ଓ ବ୍ୟବହାର ସମ୍ପର୍କରେ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ। ଆଶା କର୍ମୀମାନେ ତୃଣମୂଳସ୍ତରରେ ଜଣେ ଜଣେ ଶ୍ରେଷ୍ଠ ସୈନିକ। ସେମାନଙ୍କ ମାଧ୍ୟମରେ ଆମେ ସ୍ୱାସ୍ଥ୍ୟ ସେବାକୁ ଅଧିକ ସକ୍ରିୟ କରିପାରିବା ବୋଲି ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ। ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ ଜିଲ୍ଲାରେ ଡାଇରିଆର ସ୍ଥିତି, ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ, ସଚେତନତା ସୃଷ୍ଟି ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ ଡା. ବିନୋଦ କୁମାର ରଥ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜଗତସିଂହପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ରାକେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଞ୍ଜଳି ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଚେତନତା ଅଭିଯାନ ଜୁଲାଇ ୩୧ ପର୍ଯ୍ୟନ୍ତ ଜାରି ରହିବ। ପରେ ସାଂସଦ ଚିକିତ୍ସାଳୟ ପରିଦର୍ଶନ କରିବା ସହ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।


ରଥଯାତ୍ରା ପାଇଁ ବରିଷ୍ଠ ଅଧିକାରୀଙ୍କ ଅନୁଧ୍ୟାନ

## ଶ୍ରୀକ୍ଷେତ୍ରରେ ପହଞ୍ଚିଲା ଅଣସର ଭାର



ପୁରୀ,୧୬।୬(ସମିସ): ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ସୁସ୍ଥତା ପାଇଁ ଅଣସର ପିଣ୍ଡିରେ ଚାଲିଛି ଗୁପ୍ତ ସେବା। ଏହି ସମୟରେ ଦାରୁଦେବତାଙ୍କ ପାଖରେ ରନ୍ଧାଭୋଗ ଲାଗି ହେଉନି। ପଣା ଏବଂ ବିଭିନ୍ନ ପ୍ରକାର ଫଳମୂଳ ଲାଗି କରାଯାଉଛି। ମହାପ୍ରଭୁଙ୍କ ସୁସ୍ଥତା ପାଇଁ ପ୍ରାଚୀ କ୍ଷେତ୍ରରୁ ଆସିଛି ଅଣସର ଭାର। ଏହି ଫଳଭାର ସୋମବାର ପୂର୍ବାହ୍ଣରେ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲା। ଭାରଯାତ୍ରୀମାନେ ନାମ, ସଂକୀର୍ତ୍ତନ ସହ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ସେମାନେ ଆଣିଥିବା ଫଳଭାର ଶ୍ରୀମନ୍ଦିର ଗାରଦ କାର୍ଯ୍ୟାଳୟ ଜିମା ଦେଇଛନ୍ତି। ଏହି ଅଣସର ଭାର ମଧ୍ୟରେ ଆମ୍ବ, ପଣସ, ସେଓ, ସପୁରୀ, କଦଳୀ, ନଡ଼ିଆ, ପିଜୁଳି ପ୍ରଭୃତି ଫଳ ରହିଛି। ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ଦୀର୍ଘବର୍ଷରୁ ଅଣସର ସମୟରେ ପୁରୀର ଦଶାବତାର ମଠ ଜରିଆରେ ପ୍ରାଚୀ କୂଳରୁ ବିଭିନ୍ନ ସାମଗ୍ରୀ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଠାଯାଉଥିଲା। ମାତ୍ର ପରେ ଏହି ପରମ୍ପରା ଅବଲୁପ୍ତ ହୋଇଯାଇଥିଲା। ପୁନଶ୍ଚ ତ୍ରିଲୋଚନ ମିଶ୍ରଙ୍କ ଉଦ୍ୟମରେ ୧୯୯୨ ମସିହାଠାରୁ ପ୍ରାଚୀ ଉପତ୍ୟକାରୁ ପ୍ରତିବର୍ଷ ଅଣସର ସମୟରେ ଫଳ ମୂଳ ଅଣସର ଭାର ଶ୍ରୀକ୍ଷେତ୍ର ଆସୁଛି।

## ରଜ ମଉଜରେ କବିତା ପାଠୋତ୍ସବ

ପୁରୀ,୧୬।୬(ସମିସ): ସ୍ଥାନୀୟ ନୂଆ ନଈ ନିକଟରେ ଥିବା ନାରାୟଣୀ ପୀଠରେ ଗତ ଶନିବାର ମାଟିର ମଣିଷ ପକ୍ଷରୁ ରଜ ମଉଜ ଉତ୍ସବ ଆରମ୍ଭ ହୋଇଥିଲା। ଏହି ମଉଜରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ କବିତା ଆସର ଏହାର ମାନ ବୃଦ୍ଧି କରିଥିଲା। କିଏ ନିଜ ଲେଖନୀ ମୁନରେ ପିଲା ବେଳର କଥା ମନେ ପକାଇଥିଲେ ତ ଆଉ କିଏ ଜଞ୍ଜାଳ ମଧ୍ୟରେ ଶାନ୍ତିର ନିଦ ଖୋଜୁଥିଲେ। ସବୁ କବିତା ହୃଦୟସ୍ପର୍ଶୀ ହୋଇଥିଲା। କବୟିତ୍ରୀ ଶୈଳବାଳା ମହାପାତ୍ର ତାଙ୍କ ଅଭିଜ୍ଞତା ସାଉଁଟିବା ସହ ଅନେକ କିଛି ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ପ୍ରଧାନ, ବିଚିତ୍ର ଦାଶ, ଶ୍ରାବଣୀ ଦାସ, ଜିତେନ୍ଦ୍ରୀୟ ବେହେରା ଓ କୁମାର ବାଳକୃଷ୍ଣ ଉପସ୍ଥିତ ଥିଲେ।

### ● ଜାତୀୟ ସବ୍ ଜୁନିୟର ଥ୍ରୋ ବଲ୍ ଚାମ୍ପିଅନସିପ୍

## ଆଜି ଶିରିଡ଼ି ଯାତ୍ରା କରିବ ଓଡ଼ିଶା ଦଳ

ପୁରୀ,୧୬।୬(ସମିସ): ଆସନ୍ତା ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଶିରିଡ଼ିରେ ଅନୁଷ୍ଠିତ ହେବ ୩୦ତମ ଜାତୀୟ ସବ୍ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନସିପ୍। ଏଥିରେ ଭାଗ ନେବା ପାଇଁ ଓଡ଼ିଶା ଦଳ ମଙ୍ଗଳବାର ସକାଳେ ଭୁବନେଶ୍ୱରରୁ ମହାରାଷ୍ଟ୍ର ଅଭିମୁଖେ ଯାତ୍ରା କରିବ। ବାଳକ ଦଳର ଅଧିନାୟକ ଶିବଶଙ୍କର ମାଣ୍ଡୋ ଓ ବାଳିକା ଦଳର ଅଧିନାୟିକା ଜି. କୌଶଲ୍ୟାଙ୍କ ନେତୃତ୍ୱରେ ୩୨ ଜଣ ଖେଳାଳି ଅଂଶଗ୍ରହଣ କରିବେ। ବାଳିକା ଦଳର କୋଚ୍ ସୁଧାସିନ୍ଧୁ ସାହୁ ଓ ବାଳକ ଦଳର କୋଚ୍ ରାଜେଶ ପ୍ରଧାନ ଖେଳାଳିମାନଙ୍କ ସହ ଯାତ୍ରା କରିବେ। ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ସେମାନେ କିଭଳି ମେଡାଲ ହାସଲ କରିବେ ସେ ନେଇ କ୍ରୀଡ଼ା ନିର୍ଦ୍ଦେଶକ ହରେଶ ମିଶ୍ର, ଧିରଜ କୁମାର ପଟ୍ଟନାୟକ (ଓଏସ୍‌ଡି), ଓଡ଼ିଶା ଥ୍ରୋ ବଲ୍ ସଂଘ ସଭାପତି ଭୂପିନ୍ଦର ସିଂ ଖେଳାଳିମାନଙ୍କ ସହ ଆଲୋଚନା କରିଛନ୍ତି ବୋଲି ସଂଘର ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ ସୂଚନା ଦେଇଛନ୍ତି।

## ଜୀବନ ସହିତ ଆୟୁର୍ବେଦର ପ୍ରତ୍ୟକ୍ଷ ପ୍ରଭାବ ରହିଛି

ପୁରୀ,୧୬।୬(ସମିସ): ଆୟୁର୍ବେଦର ଜୀବନ ସହିତ ପ୍ରତ୍ୟକ୍ଷ ପ୍ରଭାବ ରହିଛି। ଆମେ ଆୟୁର୍ବେଦ ସହିତ ଯେତେ ଯୋଡ଼ି ହୋଇ ରହିବା ଆମ ସହିତ ପରିବେଶ ମଧ୍ୟ ସୁସ୍ଥ ହୋଇ ରହିବ। କିନ୍ତୁ ଆୟୁର୍ବେଦକୁ ବୁଝିବାକୁ ଏବଂ ଜାଣିବାକୁ ହେଲେ ସଂସ୍କୃତର ଆବଶ୍ୟକତା ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ସଂସ୍କୃତ ଏବଂ ଆୟୁର୍ବେଦର ମିଳିତ ପ୍ରୟାସ ଜାରି ରହିବା ଦରକାର ବୋଲି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଏବଂ କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଗବେଷଣାର ମିଳିତ ସହଯୋଗରେ ପାଣ୍ଡୁଲିପି ଲିପ୍ୟନ୍ତରୀକରଣ କର୍ମଶାଳାର ଉଦ୍‌ଯାପନୀ ଅଧିବେଶନରେ ଉପସ୍ଥିତ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ଏହି ଉଦ୍‌ଯାପନୀ ଅଧିବେଶନରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡି ଆଭାସୀ ମାଧ୍ୟମରେ ଅଧ୍ୟକ୍ଷତା କରିଥିବାବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସମ୍ମାନିତ ଅତିଥି ଏବଂ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ଧର୍ମଶାସ୍ତ୍ର ବିଭାଗର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରର ଗବେଷଣା ଅଧିକାରୀ ଡା. ବନମାଳୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଡ. ଜିତେନ୍ଦ୍ର ରାୟଗୁରୁ। ସୂଚନାଯୋଗ୍ୟ, ୧୪ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ଭାରତର ପ୍ରାୟ ୭ଟି ଲିପି ଯଥା- ଶାରଦା, କରଣୀ, ଗ୍ରନ୍ଥ, ନାଗରୀ, ତେଲୁଗୁ, ବଙ୍ଗାଳୀ ଏବଂ ଓଡ଼ିଆରେ ଲିଖିତ ୧୫ଟି ଦୁର୍ଲ୍ଲଭ ଆୟୁର୍ବେଦ ପାଣ୍ଡୁଲିପିକୁ ଦେବନାଗରୀ ଲିପିରେ ଉଦ୍ଧାର କରାଯାଇଛି। କର୍ମଶାଳାରେ ୭୦ ଜଣ ପ୍ରତିଭାଗୀ ଓ ୭ ଜଣ ବିଷୟ ବିଶେଷଜ୍ଞ ଯୋଗଦେଇଥିଲେ।

## ସମାଜସେବୀଙ୍କ ପରଲୋକ

ପୁରୀ,୧୬।୬(ସମିସ): ତଳ ନୂଆସାହିର ବରିଷ୍ଠ ନାଗରିକ ତଥା ସମାଜସେବୀ ପ୍ରଦୀପ୍ତ କାନୁନ୍‌ଗୋଙ୍କର (୮୩) ରବିବାର ଅପରାହ୍ଣରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। କିଛି ଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତଳ ନୂଆସାହି ବ୍ୟତୀତ ବିଭିନ୍ନ ସାହିର ଜାଗା ଘର ସହ ତାଙ୍କର ସମ୍ପର୍କ ରହିଥିବାବେଳେ ପୁରୀ ସହରରେ ସେ ଜଣେ ଜଣାଶୁଣା ସମାଜସେବୀ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ଶୁଣିବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନ ଓ ସ୍ୱର୍ଗଦ୍ୱାରରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ବଡ଼ପୁଅ ସୁଧୀର କାନୁନ୍‌ଗୋ ମୁଖାଗ୍ନି ଦେଇଥିବାବେଳେ ସାନପୁଅ ତଥା ସଂଗ୍ରାମ କାନୁନ୍‌ଗୋ ମଧ୍ୟ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ରଥ ନିର୍ମାଣରେ ବଙ୍ଗଳାର ଚିତ୍ରକର

ପୁରୀ,୧୬।୬(ସମିସ): ମହାପ୍ରଭୁଙ୍କ ରଥ ନିର୍ମାଣରେ ନିୟୋଜିତ ହୋଇଛନ୍ତି ବଙ୍ଗଳାର ଚିତ୍ରକର। ଏହା ଶୁଣିବାକୁ ଅଡୁଆ ଲାଗୁଥାଇପାରେ। ଅନେକଙ୍କ ମନରେ ପ୍ରଶ୍ନ ଉଠୁଥିବ କ'ଣ ଓଡ଼ିଶାରେ ଚିତ୍ରକରଙ୍କ ଅଭାବ ପଡ଼ିଲା ଯେ, ପଶ୍ଚିମବଙ୍ଗରୁ ଶିଳ୍ପୀ ଆସିଲେ। ହିଁ ସେମିତି ଦୃଶ୍ୟ ଦେଖିବାକୁ ମିଳିଛି ରଥ ନିର୍ମାଣରେ। କୋଲକାତାର ଚାରିଜଣ ଚିତ୍ରଶିଳ୍ପୀ ରଥର ପାଶ୍ୱର୍ ମୂର୍ତ୍ତି ରଙ୍ଗ ଦେବା କାମରେ ନିୟୋଜିତ ଅଛନ୍ତି। ଏହା ଜଣାପଡ଼ିବା ପରେ ନାନା ପ୍ରକାର ଚର୍ଚ୍ଚା ହେଉଛି। ଓଡ଼ିଶାର ଶିଳ୍ପୀମାନେ ରାଜ୍ୟ ତଥା ରାଜ୍ୟ ବାହାରେ ନିଜ କାମ ପାଇଁ ପ୍ରଶଂସା ସାଉଣ୍ଟୁଥିବା ବେଳେ ତାଙ୍କୁ ନିୟୋଜିତ ନ କରି ପଶ୍ଚିମବଙ୍ଗର ଶିଳ୍ପୀଙ୍କୁ ଲଗାଇବା କେତେଦୂର ଯଥାର୍ଥ ବୋଲି ପ୍ରଶ୍ନ କରିଛନ୍ତି ଅନେକ ଶ୍ରଦ୍ଧାଳୁ।



## ଲୋକ ମେଳା ଓ କୃଷି ମେଳା ଆରମ୍ଭ

## ନାଚିଲା ଭାରତ; ହସିଲେ ଚାଷୀ



ପୁରୀ,୧୬।୬(ସମିସ)

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ ୨୩ତମ ଲୋକ ମେଳା ଓ ୧୬ତମ କୃଷି ମେଳାକୁ ଆଗାମୀ ଦିନରେ ବିଶ୍ୱମେଳା କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି କହିଛନ୍ତି ସାଂସଦ ସମ୍ବିତ ପାତ୍ର। ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଆୟୋଜିତ ଏହି ମେଳାକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ପାତ୍ର କହିଥିଲେ ଯେ ସମଗ୍ର ଭାରତ ବର୍ଷର କଳାକାରଙ୍କର ଏଠାରେ ସମାବେଶ ହେଉଛି। ସେହିପରି କୃଷିବହୁଳ ଓଡ଼ିଶାରେ କୃଷିର ବିକାଶ ପାଇଁ ଜାତୀୟ ଲୋକମେଳା ପରି ଏହି କୃଷି ମେଳାର ଆୟୋଜନ ଓଡ଼ିଶାକୁ ସମୃଦ୍ଧ ଓ ବିକଶିତ କରିବ। ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ ଜଗନ୍ନାଥ ସଂସ୍କୃତି ସହ ଭାରତୀୟ ସଂସ୍କୃତିର ଏହି ମହାମିଳନକୁ ଏ ଜାତି ସ୍ମରଣ ରଖିବ। ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଡ. ହରେକୃଷ୍ଣ ଶତପଥୀ, ଡ. ଦେବେନ୍ଦ୍ର ନାଥ ତରେଇ, ବଦ୍ରି ମିଶ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ଗୌରହରି ପ୍ରଧାନ, ହେକ୍ଟର ମିଶ୍ର, ଜୟନ୍ତ ଦାସ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରବିଜୟୀ ମିଶ୍ର, ଡ. ବିଶ୍ୱନାଥ ମିଶ୍ର ଓ ଶ୍ୟାମ ପ୍ରକାଶ ସେନାପତି ସଂଯୋଜନା କରିଥିଲେ। ପରେ ଭାରତ ବର୍ଷର ୨୦ଟି ରଜ୍ୟରୁ ଆସିଥିବା ୪୦୦ରୁ ଊର୍ଦ୍ଧ୍ୱ କଳାକାରଙ୍କ ନୃତ୍ୟରେ ନାଚି ଉଠିଥିଲା ସ୍ୱର୍ଣ୍ଣାଭ ବେଳାଭୂମି। ଏହି ଉପଲକ୍ଷେ ଆୟୋଜିତ କୃଷି ମେଳାରେ ଭାରତ ବର୍ଷର ବିଭିନ୍ନ ରାଜ୍ୟ, ବିଭିନ୍ନ ବିଭାଗ ଓ ଓଡ଼ିଶାର ଅନେକ କୃଷି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରିତେଶ କୁମାର ମହାନ୍ତି, ବିଦ୍ରୋହ କେଶରୀ ସିଂହ, ନାରାୟଣ ପାତ୍ର, ସତ୍ୟବ୍ରତ ଦାସ ଏବଂ ଅନ୍ୟ ସଦସ୍ୟ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

ସକାଳ
THE SAKALA

# ବନ୍ଧା ପଡ଼ିଛି ଓଡ଼ିଆ ଅସ୍ମିତା

ରାଜ୍ୟରେ ସରକାର ଗଠନର ଏ ବର୍ଷ ପୂର୍ତ୍ତି ପାଳନ କରୁଛି ବିଜେପି ସରକାର। ଏହି ଅବସରରେ ନିଜର ସଫଳତା ବଖାଣିବା ପାଇଁ ଅନେକ ବଡ଼ ବଡ଼ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯୋଜନା କରୁଛି। ଏହି ଗୋଟିଏ ବର୍ଷ ଭିତରେ ସରକାର ଅନେକ ଉଲ୍ଲେଖନୀୟ କାମ କରିଛନ୍ତି ବୋଲି ବିଜେପି ଦାବି କରିବା ସ୍ୱାଭାବିକ। କିନ୍ତୁ ଯେଉଁ ପ୍ରତିଶ୍ରୁତି ଦେଇ ଦଳ କ୍ଷମତାକୁ ଆସିଥିଲା ତାହାକୁ ପାଳନ କରିବାରେ କେତେ ସଫଳ, ତାହାର ଆକଳନ କରିବା ଲାଗି ଏହା ହେଉଛି ଉପଯୁକ୍ତ ସମୟ। କ୍ଷମତାକୁ ଆସିବା ଲାଗି ବିଜେପି ଯାହାକୁ ମୁଖ୍ୟ ପ୍ରସଙ୍ଗ କରିଥିଲା, ତାହା ଥିଲା ଓଡ଼ିଆ ଅସ୍ମିତା। ଏହି ଅସ୍ମିତାକୁ ବିଜେପି ସରକାର ରକ୍ଷା କରିପାରିଛନ୍ତି କି ନାହିଁ, ତାହା ଉପରେ ସମୀକ୍ଷା କରିବାର ସମୟ ଆସିଛି।

ପୋଲାଭରମ ବିବାଦଠାରୁ ଆରମ୍ଭ କରି ଛତିଶଗଡ଼ ସହ ମହାନଦୀ ବିବାଦ, ଓଡ଼ିଆ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପୁଅର ମାଡ଼, ଶ୍ରୀମନ୍ଦିର ରତ୍ନଭଣ୍ଡାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପର୍ଯ୍ୟନ୍ତ ଏଭଳି ଅନେକ ପ୍ରସଙ୍ଗ ରହିଛି, ଯାହା ସହିତ ଓଡ଼ିଆ ଅସ୍ମିତା ଯୋଡ଼ି ହୋଇରହିଛି। କିନ୍ତୁ ବିଜେପି ସରକାର ଏହାର ସୁରକ୍ଷା ପାଇଁ କ'ଣ କ'ଣ କରିଛନ୍ତି, ତାହା ଜଳ ଜଳ ହୋଇ ଦେଖାଯାଉଛି। ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାରେ ଶତାଧିକ ଗାଁ ବୁଡ଼ିଯିବ ଏବଂ ଏଥିରେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏହାସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଅଗ୍ରାଧିକାର ଭିତ୍ତିରେ ସାରିବା ଲାଗି ଆନ୍ଧ୍ର ଉପରେ ଅଜସ୍ର ପାଣ୍ଠିର ବର୍ଷା କରିଛନ୍ତି। ଏହାକୁ ବିରୋଧ କରିବା ତ ଦୂରର କଥା, ଏ ସମ୍ପର୍କରେ ମୁହଁ ବି ଫିଟାଉ ନାହାନ୍ତି ରାଜ୍ୟ ବିଜେପି ସରକାର। ସେହିଭଳି ଅନ୍ୟତମ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ବନ୍ଧ ନିର୍ମାଣ କରି ଜଳ ପ୍ରବାହକୁ ନିୟନ୍ତ୍ରଣ କରୁଛି। ବନ୍ୟା ବେଳେ ପାଣି ଛାଡୁଛି ଏବଂ ଅଣବର୍ଷା ଋତୁରେ ଜଳ ପ୍ରବାହକୁ ହ୍ରାସ କରୁଛି। ଏହାଯୋଗୁଁ ଓଡ଼ିଶାର କ୍ଷତି ହିଁ କ୍ଷତି ହେଉଛି। ଏହାର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହୋଇଛି। କିନ୍ତୁ ସମାଧାନ ଆଡ଼କୁ କଥା ଆଗଉନି। ସବୁଠାରୁ ଉଲ୍ଲଖନୀୟ କଥା ହେଲା ଯେ ଛତିଶଗଡ଼ରେ ବିଜେପି ସରକାର ରହିଛି ଏବଂ କେନ୍ଦ୍ରରେ ବି ବିଜେପି ସରକାର। ଟ୍ରିପଲ ଇଞ୍ଜିନ ସରକାର ଥିଲେ ମଧ୍ୟ ଓଡ଼ିଶାରେ ବିଜେପି ସରକାର ନିରବ ରହି ଓଡ଼ିଶାବାସୀଙ୍କୁ ସେମାନଙ୍କ ଭାଗ୍ୟ ସହିତ ଛାଡ଼ିଦେଇଛନ୍ତି।

ଗତ ନିର୍ବାଚନ ପ୍ରଚାର ସମୟରେ ରାଜ୍ୟ ପ୍ରଶାସନରେ ଅଣଓଡ଼ିଆ ଅଧିକାରୀଙ୍କ ଭୂମିକାକୁ ନେଇ ଅବାସ୍ତବ ପ୍ରସଙ୍ଗ କରିଥିଲା ବିଜେପି। ଭାରତର ସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥାରେ ସର୍ବଭାରତୀୟ ସେବାରେ ଗୋଟିଏ ରାଜ୍ୟର ବ୍ୟକ୍ତି ଅନ୍ୟ ରାଜ୍ୟରେ ଅଧିକାରୀ ହୋଇପାରିବେ। ଏହା ହେଉଛି ମଧ୍ୟ। ଓଡ଼ିଶାର କେତେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଅନ୍ୟ ରାଜ୍ୟରେ ମୁଖ୍ୟ ସଚିବ ଓ ପୁଲିସ ଡିଜି ହେବାର ମଧ୍ୟ ଉଦାହରଣ ରହିଛି। ସେହିଭଳି ଅନ୍ୟ ରାଜ୍ୟର ଅଧିକାରୀ ଓଡ଼ିଶାରେ ଦାୟିତ୍ୱ ଗ୍ରହଣ କଲେ ଅସୁବିଧା କେଉଁଠି ରହିଲା? ବର୍ତ୍ତମାନ ପ୍ରଶ୍ନ ଉଠୁଛି କ୍ଷମତାକୁ ଆସିଲା ପରେ ସେହି ବ୍ୟବସ୍ଥାରୁ ଓଡ଼ିଶା ପ୍ରଶାସନକୁ ମୁକ୍ତ କରିପାରିଛି କି ବିଜେପି? ଏହା ସମ୍ଭବ ନୁହେଁ। ତା'ହେଲେ ନିର୍ବାଚନ ପ୍ରଚାର ବେଳେ ଅସ୍ମିତା ନାମରେ ଏଭଳି ବିଭ୍ରାନ୍ତି କାହିଁକି ପ୍ରଚାର କରୁଥିଲା ବିଜେପି?

ଗତବର୍ଷ ରଥଯାତ୍ରା ବେଳେ ଓଡ଼ିଶାରେ ଜଣେ ଓଡ଼ିଆ ଅଧିକାରୀ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରିଲେ ତତ୍କାଳୀନ ରାଜ୍ୟପାଳ ତଥା ଝାଡ଼ଖଣ୍ଡ ବିଜେପି ନେତା ରଘୁବର ଦାସଙ୍କ ପୁଅ ଲଳିତ ଦାସ। ନ୍ୟାୟ ପାଇଁ ଅଧିକାରୀ ଓ ତାଙ୍କ ପରିବାର ଦୌଡ଼ି ଦୌଡ଼ି ଥକିଗଲେଣି। ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ପୁଲିସ ଏଫ୍ଆଇଆରକୁ ନେଇ ମଧ୍ୟ ଖେଳୁଛି। ରାଜ୍ୟ ସୀମାରେ ଏବଂ ରାଜ୍ୟ ଭିତରେ ଅଣଓଡ଼ିଆଙ୍କ ଉତ୍ପାତ ବଢ଼ି ଚାଲିଥିବା ବେଳେ ସରକାର ନିରବ ରହିବା କେଉଁପ୍ରକାର ଅସ୍ମିତା? କେବଳ ନାଁ ଓ ରଙ୍ଗ ବଦଳାଇବାରେ ବ୍ୟସ୍ତ ରାଜ୍ୟ ବିଜେପି ସରକାର ରାଜ୍ୟର ଅସ୍ମିତାକୁ ଡବଲ ଇଞ୍ଜିନ ଆଗରେ ବନ୍ଧା ପକାଇଦେଇଛନ୍ତି।

ରାଜ୍ୟରେ ଗରିବ ଲୋକମାନଙ୍କର ସାହା ଭରସା ପାଲଟିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ବନ୍ଦ କରି ଦେଇ ନବଗଠିତ ସରକାର ରାଜ୍ୟବାସୀଙ୍କୁ ତଳିତଳାନ୍ତ କରିଛନ୍ତି। ବିଏସ୍‌କେୱାଇ ସହିତ କେନ୍ଦ୍ର ପ୍ରାୟୋଜିତ ଆୟୁଷ୍ମାନ ଯୋଜନାକୁ ଯୋଡ଼ାଯାଇଛି ବୋଲି କୁହାଯାଉଥିବା ବେଳେ ବାସ୍ତବରେ ଯୋଜନାର ମିଶ୍ରଣ ପରେ ଲୋକମାନଙ୍କୁ ଆଗଭଳି ଚିକିତ୍ସା ସୁବିଧା ଆଉ ମିଳୁନାହିଁ। ଏହାକୁ ନେଇ ରୋଗୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ସେହିଭଳି ନିର୍ବାଚନ ପ୍ରଚାର ବେଳେ ଶ୍ରୀମନ୍ଦିର ରତ୍ନଭଣ୍ଡାର ନେଇ ଦୁନିଆ ତମ୍ବିତୋଫାନ କଲେ। ସବୁ ସଭାମଞ୍ଚରେ ଏହି ପ୍ରସଙ୍ଗ ଉଠାଇଥିଲେ ବିଜେପି ନେତା। ବିଭିନ୍ନ ପ୍ରକାର ବିଭ୍ରାନ୍ତିକର ତଥ୍ୟ ଦେଇ ଭୋଟରମାନଙ୍କୁ ପ୍ରଭାବିତ କଲେ। ନିର୍ବାଚନରେ ବିଜୟୀ ହେଲେ ଚାବି ଖୋଜି ଆଣି ରତ୍ନଭଣ୍ଡାର ଖୋଲିବେ ବୋଲି କହିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ବଦଳିଗଲା ସରକାରଙ୍କ ସ୍ୱର। ଚାବି ଖୋଜିବା ପାଇଁ ଗଠିତ କମିସନ ଯେଉଁ ରିପୋର୍ଟ ଦେଇଛନ୍ତି, ତାହାକୁ ସାର୍ବଜନୀନ କରିବାକୁ ମନା କରିଦେଲେ ସରକାର। ହାଇକୋର୍ଟରେ ଏ ସମ୍ପର୍କରେ ଆଗତ ପିଟିସନକୁ ମଧ୍ୟ ସରକାର ବିରୋଧ କଲେ। ଶେଷରେ ରତ୍ନଭଣ୍ଡାର ଖୋଲା ହେଲା। କିନ୍ତୁ କେତେ ଅଳଙ୍କାର ରହିଛି ତାହାର ଏପର୍ଯ୍ୟନ୍ତ ଗଣତି ମଣତି ହୋଇପାରିଲା ନାହିଁ। ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଅସ୍ମୀତାର ପ୍ରତୀକ। ତାଙ୍କୁ ନେଇ ଏଭଳି ରାଜନୀତି କାହିଁକି? ଏ ସମ୍ପର୍କରେ ସରକାରଙ୍କୁ ଜବାବ ଦେବାକୁ ପଡ଼ିବ।

# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
ଅମର୍ତ୍ୟ ସେନ୍

# ଆଖି ଦେଖା ମିଛ

ମାନସ ମଙ୍ଗରାଜ

ଥରେ ସମ୍ରାଟ ଆକବର ରାଜସଭାରେ କୌଣସି ପ୍ରସଙ୍ଗକୁ ନେଇ ନିଜ ପାରିଷଦମାନଙ୍କୁ ପଚାରିଲେ- 'ଆଖି ଦେଖା କଥା କ'ଣ ମିଛ ହୋଇପାରେ?' ସମ୍ରାଟଙ୍କ ପ୍ରଶ୍ନ ଶୁଣି ସମସ୍ତେ ସ୍ତବ୍ଧ। ଆଖିରେ ଦେଖିଥିବା କଥା କ'ଣ ସତ ନୁହେଁ? କେହି କିଛି ଉତ୍ତର ଦେବା ପୂର୍ବରୁ 'ଆକବରନାମା'ର ଲେଖକ ପଣ୍ଡିତ ଅବୁଲ ଫଜଲ କହିଲେ- 'ଜାହାଁପନା, ଆଖି ଦେଖିଥିବା କଥା କେବେ ଅସତ୍ୟ ହୋଇ ପାରିବ ନାହିଁ।' ଅନ୍ୟ ମନ୍ତ୍ରୀ ଓ ପାରିଷଦମାନେ ମଧ୍ୟ ଅବୁଲ ଫଜଲଙ୍କ କଥା ସହ ସହମତି ପ୍ରକାଶ କଲେ। ସେଠାରେ ଉପସ୍ଥିତ ଥିଲେ ବୀରବଲ। ନିଜର ଉପସ୍ଥିତ ବୁଦ୍ଧି ଓ ପାଣ୍ଡିତ୍ୟ ପାଇଁ ପ୍ରସିଦ୍ଧ ବୀରବଲ କହିଲେ- 'ଆଖି ଦେଖା କଥା ସବୁବେଳେ ସତ୍ୟ ନୁହେଁ। ସ୍ୱଚକ୍ଷୁରେ ଦେଖିଥିବା ଅନେକ କଥା ଅନେକ ସମୟରେ ଅସତ୍ୟ ହୋଇପାରେ।' ବୀରବଲଙ୍କ କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା। ସେମାନେ ଏହାର ପ୍ରମାଣ ଦେବା ନିମନ୍ତେ ବୀରବଲଙ୍କୁ ଆହ୍ୱାନ ଦେଲେ। ଆକବର ମଧ୍ୟ ବୀରବଲଙ୍କୁ ଏହା ପ୍ରମାଣ କରିବାକୁ ନିର୍ଦ୍ଦେଶ ଦେଲେ। ୨୪ ଘଣ୍ଟା ମଧ୍ୟରେ ଏହା ପ୍ରମାଣ କରିଦେବେ ବୋଲି କହି ବୀରବଲ ରାଜସଭାରୁ ବିଦାୟ ନେଲେ।

ଦରବାର ତ୍ୟାଗ କରି ବୀରବଲ ନିଜ ଘର ପରିବର୍ତ୍ତେ ସମ୍ରାଟ ଆକବରଙ୍କ ବାସଭବନକୁ ଗଲେ। ସେଠାରେ କାର୍ଯ୍ୟ କରୁଥିବା ଜଣେ ପରିଚାରିକାକୁ ପାଖକୁ ଡାକି ରାତିରେ ଆକବରଙ୍କ ଶଯ୍ୟାରେ ଶୟନ କରିବାକୁ ନିର୍ଦ୍ଦେଶ ଦେଲେ। ଏଥିପାଇଁ ତାକୁ ୧୦ ସ୍ୱର୍ଣ୍ଣମୁଦ୍ରା ଦେବାକୁ ପ୍ରଲୋଭନ ବି ଦେଖାଇଲେ। ଏପରି ଧୃଷ୍ଟତା ନିମନ୍ତେ ତା'ର ଜୀବନ ଯିବାର ଭୟ ଥିବାରୁ ପରିଚାରିକା ପ୍ରଥମେ ବୀରବଲଙ୍କ ପ୍ରସ୍ତାବରେ ସମ୍ମତ ହେଲା ନାହିଁ। ମାତ୍ର ବୀରବଲ ତାକୁ ଅଭୟ ଆଶ୍ୱାସନା ଦେବା ପରେ ସେ ସମ୍ରାଟଙ୍କ ଶୟନକକ୍ଷରେ ତାଙ୍କ ବିଛଣାରେ ଶୋଇବା ନିମନ୍ତେ ରାଜି ହେଲା। ଆକବର ଶୟନକକ୍ଷକୁ ଆସିବା ବେଳକୁ ପରିଚାରିକା ଜଣକ ଘୋଡ଼ି ହୋଇ ତାଙ୍କ ଶେଯ ଉପରେ ଶୋଇଥିଲା; ମାତ୍ର ଏ କଥା ଆକବର ଜାଣିବେ କିପରି? ସେ ଭାବିଲେ ବେଗମ୍ ହୁଏତ କ୍ଲାନ୍ତ ହୋଇ ନିଦ୍ରା ଯାଇଛନ୍ତି। ତେଣୁ ସେ ନିଦ୍ରିତା ରମଣୀଙ୍କ ସହ କୌଣସି ବାକ୍ୟବ୍ୟୟ ନ କରି ନିଜ ବିଛଣାରେ ବିଶ୍ରାମ ନେଲେ। କିଛିସମୟ ପରେ କାହାର ଚିତ୍କାରରେ ଆକବରଙ୍କ ନିଦ ଭାଙ୍ଗିଗଲା। ସେ ଦେଖିବା ବେଳକୁ କକ୍ଷ ମଧ୍ୟରେ ବେଗମ୍ ଠିଆ ହୋଇ କ୍ରୋଧରେ ଚିତ୍କାର କରୁଛନ୍ତି ଏବଂ ତାଙ୍କ ଶଯ୍ୟାରେ ପରିଚାରିକା ଶୋଇଛନ୍ତି। ସମ୍ରାଟ ଆକବର ହଠାତ୍ କିଛି ବୁଝି ପାରିଲେ ନାହିଁ।

ଜଣେ ପରିଚାରିକାକୁ ଶଯ୍ୟାସଙ୍ଗିନୀ କରିଥିବା ଯୋଗୁଁ ବେଗମ୍ କ୍ରୋଧାନ୍ୱିତ ହୋଇ ସମ୍ରାଟ ଆକବରଙ୍କୁ ଭର୍ତ୍ସନା କରି ଚାଲିଥା'ନ୍ତି। ଆକବର ଯେତେ ବୁଝାଇବାକୁ ଚେଷ୍ଟା କଲେ ବି ବେଗମ୍ କିଛି ବୁଝୁ ନ ଥା'ନ୍ତି। ସେ ଆଖିରେ ଦେଖିଥିବା କଥା କେବେ ମିଛ ହୋଇ ନ ପାରେ ବୋଲି କହୁଥା'ନ୍ତି। ଏହି ସମୟରେ ବୀରବଲଙ୍କର ଆବିର୍ଭାବ ଘଟେ। ଉଭୟ ବେଗମ୍ ଓ ଆକବରଙ୍କୁ ସେ ସବୁ ଘଟଣା ବୁଝାଇ ଦିଅନ୍ତି। ସମ୍ରାଟଙ୍କ ସହ ପରିଚାରିକାର କୌଣସି ସମ୍ପର୍କ ନାହିଁ। ଆକବର ଯେପରି ପରିଚାରିକାକୁ ବେଗମ୍ ମନେକରି ତାଙ୍କ ସହ ବିଶ୍ରାମ ନେଇଥିଲେ, ସେହିପରି ସମ୍ପୂର୍ଣ୍ଣ ଘଟଣା ନ ଜାଣି କେବଳ ଆଖିରେ ଦେଖିଥିବା କଥାକୁ ବେଗମ ସତ୍ୟ ମନେ କରିବା ଅସତ୍ୟ ବୋଲି ବୀରବଲ ପ୍ରମାଣ କରିଦିଅନ୍ତି। ଅର୍ଥାତ୍ ଅନେକ ସମୟରେ ପ୍ରାୟୋଜିତ ମିଛ ବି ସତ୍ୟ ପରି ମନେ ହୁଏ। ଆକବର-ବୀରବଲଙ୍କ କଥା କେବଳ ଗୋଟିଏ ଉଦାହରଣ। ମାତ୍ର ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଆମ ସାମ୍ନାରେ ଏମିତି ଅନେକ ଘଟଣା ଘଟେ, ଯାହା ମିଛ ହୋଇଥିଲେ ବି ସତ ପରି ଲାଗେ। ସିଧା ଭାଷାରେ କହିଲେ -'ଆଖି ଦେଖା ମିଛ'। ମହାଭାରତର 'ନରେ ବା ଗୁଞ୍ଜରେ ଅଶ୍ୱତ୍ଥାମା ହତଃ'ଠାରୁ ବଡ଼ ଉଦାହରଣ ବୋଧହୁଏ ଆଉ କିଛି ନାହିଁ। ବିଡ଼ମ୍ବନା ହେଉଛି ସତ୍ୟ ସାବ୍ୟସ୍ତ କରିବାକୁ ପ୍ରମାଣ ଲୋଡ଼ାପଡ଼େ, ମାତ୍ର ମିଥ୍ୟା ପାଇଁ କେବେ ପ୍ରମାଣର ଆବଶ୍ୟକତା ପଡ଼େ ନାହିଁ।

## ଅନୁଭବ-ଅନୁଭୂତି

ସାମ୍ବାଦିକତା କେବେ ଯେ ସମ୍ପୂର୍ଣ୍ଣ ନିରପେକ୍ଷ ଥିଲା, ଏ ଉଲ୍ଲେଖ କରିବା ଧୃଷ୍ଟତା ହେବ। ପକ୍ଷପାତ ଓ ନିରପେକ୍ଷତା ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ସାମ୍ବାଦିକତାକୁ ସବୁବେଳେ ବିବଦମାନ ଓ ସାମ୍ବାଦିକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆସିଛି। ଯେଉଁ ଖବରରେ ଯାହାର ସ୍ୱାର୍ଥହାନି ହୁଏ, ସେ ସର୍ବଦା ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତି ସ୍ୱାଭାବିକ ଅଙ୍ଗୁଳି ଉଠାଇଥାଏ। ମାତ୍ର ନିଜକୁ ଚର୍ଚ୍ଚିତ ଓ ପ୍ରସିଦ୍ଧ କରିବା ପାଇଁ ସାମ୍ବାଦିକଟି କେବେ ନିଜ ବୃତ୍ତିର ଅସମ୍ମାନ କରିବା ପୂର୍ବରୁ ଦେଖିବାକୁ ମିଳୁ ନ ଥିଲା। ଅନେକ ନୀତିନିଷ୍ଠ ଗଣମାଧ୍ୟମ କର୍ତ୍ତୃପକ୍ଷ ଏପରି ଆଚରଣକୁ ସହ୍ୟ କରୁ ନ ଥିଲେ। ରାଜନୀତିରେ ପ୍ରବେଶ ପୂର୍ବରୁ ପାଖାପାଖି ଦୁଇ ଦଶନ୍ଧି ଧରି ସାମ୍ବାଦିକତା କରିଛି। ବୃତ୍ତି ଦାୟରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛି। ମୋର ସମସାମୟିକ ଅନେକ ସାମ୍ବାଦିକ ବନ୍ଧୁ ଏବେ ବି ଅନେକ ଗଣମାଧ୍ୟମରେ ସକ୍ରିୟ। ଅନେକ ବନ୍ଧୁ ତ ବିଭିନ୍ନ ଗଣମାଧ୍ୟମରେ ବେଶ୍ ଉଚ୍ଚପଦରେ ଅବସ୍ଥାପିତ। ପରବର୍ତ୍ତୀ ସମୟରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଭାବରେ ଗଣମାଧ୍ୟମ ସହ ଜଡ଼ିତ ଅନେକ ବନ୍ଧୁମାନଙ୍କ ସହ ମୋର ସମ୍ପର୍କ ରହିଛି। ତିନି ଦଶନ୍ଧି ତଳର ସାମ୍ବାଦିକତା ସହ ବର୍ତ୍ତମାନ ସମୟର ସାମ୍ବାଦିକତାକୁ ତୁଳନା କଲେ ଅନେକ ସମୟରେ କଷ୍ଟ ଲାଗେ, ନିରାଶ ହେବାକୁ ପଡ଼େ; ମାତ୍ର ଏଥିରେ ସମ୍ପୃକ୍ତ ସାମ୍ବାଦିକଟିକୁ ବି କିପରି ଦୋଷ ଦିଆଯିବ? ନିଜ ପରିବାର ପ୍ରତିପୋଷଣ ପାଇଁ ତା'କୁ ମାଲିକର ନିର୍ଦ୍ଦେଶକୁ ଅନୁପାଳନ କରିବାକୁ ତ ପଡ଼ିବ। ଚାବି ଦିଆ କଣ୍ଢେଇ ପରି ସେ ନିଜ ମାଲିକର ନିର୍ଦ୍ଦେଶ ଅନୁସାରେ ନାଚିବାକୁ ବାଧ୍ୟ। ମାଲିକ ଚାହୁଁଥିବା ଅନୁସାରେ ଖବର ପ୍ରସ୍ତୁତ କରିବାକୁ ପଡ଼ିବ, ସେଠାରେ ବିବେକର ସ୍ଥାନ କାହିଁ? ସେହିପରି କିଛି ସାମ୍ବାଦିକ ନିଜ ବର୍ହିଃ ପ୍ରାୟୋଜକଙ୍କ ତୁଷ୍ଟୀକରଣ ଓ ସ୍ୱାର୍ଥ ସାଧନ ନିମନ୍ତେ ନିଜ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କୁ ବ୍ୟବହାର କରିବାକୁ ସକ୍ଷମ ହୋଇଥା'ନ୍ତି, ମାତ୍ର ଏପରି ଉଦାହରଣ ଅତ୍ୟନ୍ତ ନଗଣ୍ୟ।

ମନ ସତ୍ୟ ବା ମିଥ୍ୟା ସୃଷ୍ଟି କରେ ନାହିଁ। ସେଥିପାଇଁ ନିଜ ସ୍ୱାର୍ଥ ପାଇଁ ଚତୁର ବ୍ୟକ୍ତି ମିଛକୁ ସତ ଓ ସତକୁ ମିଛ ରୂପେ ପ୍ରମାଣିତ କରିବାକୁ ସମର୍ଥ ହୁଅନ୍ତି। ଦୁର୍ବଳମନା ମଣିଷର ମସ୍ତିଷ୍କରେ ଏହାକୁ ଭର୍ତ୍ତି କରିବାକୁ ଏହି ଚତୁର ବ୍ୟକ୍ତିମାନଙ୍କୁ ଆଦୌ କଷ୍ଟ କରିବାକୁ ପଡ଼େ ନାହିଁ। ମନ କେବଳ ବିଶ୍ୱାସ ସୃଷ୍ଟି କରେ ଓ ଚତୁର ଲୋକମାନେ ତାହାର ସୁଯୋଗ ନେଇ ସତ୍ୟକୁ ମିଥ୍ୟା ଓ ମିଥ୍ୟାକୁ ସତ୍ୟ ବୋଲି ପ୍ରମାଣ କରିବାକୁ ସକ୍ଷମ ହୋଇଥା'ନ୍ତି। ଯେମିତି ମ୍ୟାଜିସିଆନ ଓ ମାଇଣ୍ଡରିଡରମାନେ ଆଜିକାଲି ଲୋକର ମନ ଓ ମସ୍ତିଷ୍କକୁ ପ୍ରଭାବିତ କରିପାରୁଛନ୍ତି, ସେମିତି ମିଛକୁ ସତ୍ୟରେ ପରିଣତ କରିବାକୁ ଚତୁର ଲୋକମାନେ ଅନୁରୂପ ଢାଞ୍ଚା ପ୍ରୟୋଗ କରିଥା'ନ୍ତି। ଏହି ବ୍ୟକ୍ତି ବା ବ୍ୟକ୍ତିସମୂହ ଦୁଷ୍ପ୍ରଚାର ବା ପ୍ରୋପାଗଣ୍ଡାକୁ ଏବେ ନିଜର ନୀତିରେ ପରିଣତ କରିଛନ୍ତି। ଏପରିକି ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ଏପ୍ରକାର ଦୁଷ୍ପ୍ରଚାରକୁ ପ୍ରୋତ୍ସାହିତ କରାଯାଉଛି। ଭୁଲ ସୂଚନା, ଭୁଲ ତଥ୍ୟ, ମିଛ ଖବର ଜରିଆରେ ଲୋକମାନଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରାଯାଉଛି। ଦୁଷ୍ପ୍ରଚାର ବା ପ୍ରୋପାଗଣ୍ଡା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉଛି। ଭୁଲ ନ୍ୟାରେଟିଭ ପ୍ରସ୍ତୁତ ହେଉଛି। ଘଟୁଥିବା ଘଟଣାର ଭୁଲ ତର୍ଜମା କରିବା ଓ ବାସ୍ତବତାକୁ ଗୋପନ ରଖି ମିଛ ପ୍ରଚାର କରିବାକୁ କୁହାଯାଉଛି। ସେଠାରେ ନୀତି ନୈତିକତା ନାହିଁ, ତଥ୍ୟ ଓ ତର୍କର ସ୍ଥାନ ନାହିଁ। ଗତ ନିର୍ବାଚନ ସମୟରେ ଏପରି କିଛି ଘଟଣାରେ ମିଛର ରଙ୍ଗ ମାଖି ଏଥିରୁ ଫାଇଦା ଉଠାଇବାକୁ ନିର୍ଦ୍ଦିଷ୍ଟ କିଛି ଗଣମାଧ୍ୟମ ମାଲିକ ଦୁଷ୍ପ୍ରଚାର ଜରିଆରେ ନିଜ ଫାଇଦା ବି ଉଠାଇଛନ୍ତି। ପରିଣତିସ୍ୱରୂପ ବୌଦ୍ଧିକତା ଉପହସିତ ହେଉଛି, ଖବର ଗୁରୁତ୍ୱ ହରାଉଛି ଓ ଗଣମାଧ୍ୟମ ନିଜର ସମ୍ମାନ। ଗଣମାଧ୍ୟମ ପ୍ରତିନିଧି ବା ସାମ୍ବାଦିକଙ୍କୁ ଏବେ ଲୋକମାନେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ମିଛ ଏଜେଣ୍ଡା, ପ୍ରୋପାଗଣ୍ଡା ଖବର ପରିବେଷଣ ଯୋଗୁଁ ପାରମ୍ପରିକ ଗଣମାଧ୍ୟମ ସାମାଜିକ ଗଣମାଧ୍ୟମଠାରୁ ପଛରେ ପଡ଼ି ଯାଇଛି। ଦୃଶ୍ୟ ଗଣମାଧ୍ୟମଗୁଡ଼ିକ କ୍ରମାଗତ ଭାବରେ ଦର୍ଶକଙ୍କ ଦ୍ୱାରା ଅଗ୍ରହଣୀୟ ହେବାରେ ଲାଗିଛି। ମୁଦ୍ରିତ ଗଣମାଧ୍ୟମ ବି ପାଠକଙ୍କ ଆଦର ହରାଉଛି। ପରିଣାମ ସ୍ୱରୂପ ଖବର ଶିଳ୍ପ ଏବେ ନିମ୍ନଗାମୀ ହେବାରେ ଲାଗିଛି। ତଥାକଥିତ ଟିଆରପିରେ ଓଡ଼ିଶାରେ ଏକଦା ଶୀର୍ଷ ସ୍ଥାନ ଅଧିକାର କରିଥିବା ବୈଦ୍ୟୁତିକ ଗଣମାଧ୍ୟମର ସ୍ଥିତି ଆଜି କେଉଁ ସ୍ଥାନରେ ଅଛି, ତାହା କାହାକୁ ଅଜଣା ନାହିଁ। ଏହି କଥିତ ବଡ଼ ବୈଦ୍ୟୁତିକ ଗଣମାଧ୍ୟମର ଟିଆରପି କେଇମାସ ମଧ୍ୟରେ ଦୁଇ-ତୃତୀୟାଂଶ ଖସି ୩୦ରୁ ୪୦ ମଧ୍ୟରେ ଅଟକି ଯାଇଛି। ସେହିପରି ନିଜକୁ ବଡ଼ ତଥା ଅଗ୍ରଣୀ ଗଣମାଧ୍ୟମ ଦାବି କରୁଥିବା ଖବରକାଗଜର ବାସ୍ତବ ପ୍ରସାର ସଂଖ୍ୟା ନିଜ ଦାବିର କେଉଁଠି ଅଧେ ତ କେଉଁଠି ଚଉଠେ। କେଉଁଠି କେଉଁଠି ଏହି ସଂଖ୍ୟା ଏକ-ଦଶମାଂଶ, କେଉଁଠି ପୁଣି ୨୫ ଭାଗରୁ ଭାଗେ।

ବାସ୍ତବତା, ବାସ୍ତବଧର୍ମୀ ଖବର ପରିବର୍ତ୍ତେ ନିଜ ସ୍ୱାର୍ଥ ସାଧନ ପାଇଁ ଖବରକୁ ମୋଡ଼ି ମକଚି ପରଷିବାର ପରିଣାମ ଏବେ ଉଭୟ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମକୁ ଭୟଙ୍କର ପ୍ରଭାବିତ କରିଛି। ଅଧିକାଂଶ ସାଧାରଣ ଲୋକଙ୍କ ଘରେ ଏବେ ଟିଭିରେ ଖବର ଚ୍ୟାନେଲ ଦେଖାଯାଉ ନାହିଁ। ଏପରିକି ଅନେକ ବ୍ୟକ୍ତିଙ୍କ ଘରେ ଟେଲିଭିଜନ କେବଳ ସୋ ପିସ୍ ଭାବରେ ରଖାଯାଇଥିବା ଦେଖାଯାଉଛି। ଅନେକ ସଚେତନ ପାଠକ ଖବରକାଗଜରୁ ମୁହଁ ମୋଡ଼ିଛନ୍ତି, ଆର୍ଥିକ ସାମର୍ଥ୍ୟ ସତ୍ତ୍ୱେ ଖବରକାଗଜ କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଡ଼ମ୍ବନା ହେଉଛି ଏଥିରୁ ଖବରକାଗଜ ଓ ଟିଭିର ମାଲିକମାନେ କିଛି ଶିକ୍ଷାଲାଭ କରୁନାହାନ୍ତି। ଏହା କେବଳ ଓଡ଼ିଶାର କଥା ନୁହେଁ, ସାରା ଦେଶରେ ସ୍ଥିତି ଏକା ପରି। ଯେଉଁଥିପାଇଁ ଏବେ ଖବର ଶିଳ୍ପ ଡିଜିଟାଲମୁହାଁ ହୋଇଛି। ଅନେକ ବୈଦ୍ୟୁତିକ ଗଣମାଧ୍ୟମ ସଙ୍କଟଜନକ ସ୍ଥିତି ଦେଇ ଗତି କରୁଛି। ଆଉ ଏ ଦଶନ୍ଧି ଶେଷ ବେଳକୁ ସମ୍ବାଦପତ୍ର ଶିଳ୍ପ କେଉଁଠି ପହଞ୍ଚି ଥିବ, ତାହା ଚିନ୍ତା କରିବା ବେଳକୁ ଭୟ ଲାଗୁଛି।

କ୍ଷତିକାରକ ଗଣମାଧ୍ୟମ ବିଷୟବସ୍ତୁଗୁଡ଼ିକ ଏକ ଷଡ଼ଯନ୍ତ୍ରକାରୀ ମାନସିକତାକୁ ଇନ୍ଧନ ଯୋଗାଏ, ଯାହା ସମାଜର ବିପୁଳ କ୍ଷତିସାଧନ କରିଥାଏ। ସାମଗ୍ରିକ ଓ ସାମାଜିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ପୃଷ୍ଠପୋଷକତା ଯୋଗାଇଥାଏ। ମାତ୍ର ଅଧୋପତନ ବ୍ୟତୀତ ଏଥିରୁ କାହାକୁ ଅଧିକ କିଛି ମିଳେ ନାହିଁ। ପ୍ରସିଦ୍ଧ ମାର୍କିନ ଚିନ୍ତାନାୟକ ଓ ଦାର୍ଶନିକ ଫ୍ରେଡ଼ରିକ୍ ଜେମସନ ଯଥାର୍ଥରେ କହିଥିଲେ- ଦୁଷ୍ପ୍ରଚାର ବା ଷଡ଼ଯନ୍ତ୍ର ତତ୍ତ୍ୱ ହେଉଛି ଉତ୍ତର ଆଧୁନିକ ଯୁଗରେ ବୌଦ୍ଧିକ ଦରିଦ୍ର ବ୍ୟକ୍ତିଙ୍କ ଜ୍ଞାନାତ୍ମକ ମାନଚିତ୍ର। ଏହା ସେମାନଙ୍କର ଶେଷ ପୁଞ୍ଜି ଓ ସାମଗ୍ରିକ ଯୁକ୍ତିର ଅବନତ ଚିତ୍ର। ପରବର୍ତ୍ତୀ ବ୍ୟବସ୍ଥା ଓ ସମୟକୁ ପ୍ରତିନିଧିତ୍ୱ କରିବାର ଏକ ହତାଶାଜନକ ପ୍ରୟାସ। ଗଣମାଧ୍ୟମର ମାଲିକ ବା କର୍ତ୍ତୃପକ୍ଷମାନେ ଏହାକୁ ବୁଝିବା ଓ ଆତ୍ମସମୀକ୍ଷା କରିବା ଦରକାର। (କ୍ରମଶଃ...)

(ସାଂସଦ, ରାଜ୍ୟସଭା)

# ଜନଜାତିଙ୍କ ହସ୍ତକଳା

କମଳଲୋଚନ ପଣ୍ଡା

ଓଡ଼ିଶାରେ ୬୪ ପ୍ରକାର ଜନଜାତି ବାସ କରନ୍ତି, ଯାହାଙ୍କ ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୯୫ ଲକ୍ଷରୁ ଅଧିକ ଏବଂ ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୨.୮ ପ୍ରତିଶତ। ଦେଶରେ ଥିବା ମୋଟ ଜନଜାତି ୧୦.୪୩ କୋଟିର ୯.୨% ଓଡ଼ିଶାରେ ବାସକରନ୍ତି। ରାଜ୍ୟର ମୁଖ୍ୟ ଜନଜାତିଗୁଡ଼ିକ ହେଉଛି କନ୍ଧ, ସାନ୍ତାଳ, ଗଣ୍ଡ, ମୁଣ୍ଡା, ହୋ, ପରଜା, ସଉରା ଭୂୟାଁ, ଭୂମିଜ ଇତ୍ୟାଦି। ଜଙ୍ଗଲ ସହିତ ଆଦିବାସୀଙ୍କ ଐତିହ୍ୟ, ସଂସ୍କୃତି, ପ୍ରଥା ଓ ପରମ୍ପରା ଜଡ଼ିତ। ପ୍ରକୃତିର ମୁକୁଳା ସୌନ୍ଦର୍ଯ୍ୟ ମଧ୍ୟରେ ମୁକ୍ତ ଜୀବନଯାପନ କରି ନିଜର ଗୁଜୁରାଣ ମେଣ୍ଟାଇବାକୁ ସେମାନେ ସର୍ବଦା ଆଗ୍ରହୀ। ବନଜାତ ସାମଗ୍ରୀକୁ ନେଇ ସେମାନେ ସୁନ୍ଦର ହସ୍ତକଳା ପ୍ରଦର୍ଶନ କରି ଆସୁଛନ୍ତି। ଏହି ପୁରାତନ କଳାର ନବୀକରଣ ପରେ ସବୁଠି ବଢ଼ିଛି ଏହାର ଆଦୃତି ଓ ମହକ।

ବାଲେଶ୍ୱର ଜିଲା ନୀଳଗିରି ଏବଂ ମହିଷାପଟା ପଞ୍ଚାୟତ ଶାଳବଣି ଗ୍ରାମର ଭୂମିଜ ଜନଜାତିମାନେ ଶିଆଳି, ଖଜୁରି ଓ ଅନ୍ୟ ବନଜାତ ଦ୍ରବ୍ୟରୁ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ଏବେ ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି। ସେହିଭଳି କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଗାଦବା ଜନଜାତି ସମ୍ପ୍ରଦାୟ ଗଛରୁ ସୁତା ଓ ରଂଗ ତିଆରି ଏବଂ ପ୍ରକ୍ରିୟାକରଣ କରି ରଙ୍ଗୀନ ବସ୍ତ୍ର ପ୍ରସ୍ତୁତ କରୁଛନ୍ତି। ସେମାନେ କେରଙ୍ଗ ଗଛର ତନ୍ତୁରୁ ଧଳା ସୁତା ବାହାର କରିବା ପରେ ସେଗୁଡ଼ିକୁ ରଙ୍ଗୀନ କରିବା ପାଇଁ ଜାଫରା, ସିନ୍ଦୂର ଗଛରୁ ଲାଲ ରଙ୍ଗ, ସିଉନା ଓ ହରିଡ଼ା ଗଛରୁ ନୀଳ ରଙ୍ଗ ବ୍ୟବହାର କରନ୍ତି। ଏତଦ୍‌ବ୍ୟତୀତ କଦଳୀ ଗଛର ମଞ୍ଜାକୁ ସିଝାଇ ସେହି ପାଣିରୁ ମଧ୍ୟ ରଙ୍ଗ ପ୍ରସ୍ତୁତ କରନ୍ତି। ଏସବୁର ପ୍ରକ୍ରିୟାକରଣ କରି ସୂତାରେ ରଙ୍ଗ ଦେଇ ତନ୍ତରେ ବୁଣି ୩ଟି ରଙ୍ଗ ଥିବା ସ୍ୱତନ୍ତ୍ର ବସ୍ତ୍ର ପ୍ରସ୍ତୁତ କରନ୍ତି। ଏହି କେରଙ୍ଗ ବସ୍ତ୍ରକୁ ଯେତେ ଧୋଇଲେ ମଧ୍ୟ ରଙ୍ଗ ଛାଡ଼େ ନାହିଁ। ବିବାହ, ବ୍ରତ, ପୂଜା ପାର୍ବଣରେ ଏହି ବସ୍ତ୍ରକୁ ଗାଦବା ସମ୍ପ୍ରଦାୟର ମହିଳାମାନେ ବ୍ୟବହାର କରିଥା'ନ୍ତି।

ଇଡିତାଲ ଓଡ଼ିଶାର ଆଦିବାସୀ ସମାଜରେ ବହୁଳ ପ୍ରଚଳିତ ଚିତ୍ରକଳା। ଏହା ମୁଖ୍ୟତଃ ଜନଜାତିର ଝୋଟିଚିତ୍ର ଭାବେ ଜଣାଶୁଣା। ଏହି ଝୋଟିଚିତ୍ରକୁ ସେମାନେ ଘରର କାନ୍ଥରେ ବିଭିନ୍ନ ପର୍ବପର୍ବାଣି ପାଳନ ଅବସରରେ ଆଙ୍କିଥା'ନ୍ତି, ଯାହାର ମୂଳଲକ୍ଷ୍ୟ ବିଭିନ୍ନ ଆଦ୍ୟାଶ୍ରୀ ଦେବୀଙ୍କୁ ଆବାହନ କରି ସନ୍ତୁଷ୍ଟ କରିବା। ଏହି ନିଆରା କାନ୍ଥଚିତ୍ରକୁ ଲାଞ୍ଜିଆ ସଉରାମାନେ 'ଇଡିତାଲ' ବୋଲି କୁହନ୍ତି। ସଉରା ଭାଷାରେ 'ଇଡି'ର ଅର୍ଥ ଚିତ୍ର ଓ 'ତାଲ'ର ଅର୍ଥ କାନ୍ଥ। କାନ୍ଥ ଉପରେ ଚିତ୍ର ହୋଇଥିବାରୁ ଏହାର ନାମ 'ଇଡିତାଲ' ରହିଛି। 'ଇଡିତାଲ'କୁ ଭୌଗୋଳିକ ସଂକେତ ବା ଜିଆଇ ଟ୍ୟାଗ ମିଳିବା ପରେ ଦେଶବିଦେଶରେ ଆଦୃତ ହୋଇଛି। ଏପରିକି ବଡ଼ବଡ଼ ମହାନଗରୀର ପଞ୍ଚତାରକା ହୋଟେଲ୍ ଓ କର୍ପୋରେଟ୍ କାର୍ଯ୍ୟାଳୟମାନଙ୍କରେ ଶୋଭା ପାଉଛି।

ବଣ୍ଡା ଜନଜାତିର ମହିଳାମାନେ ସେମାନଙ୍କ ଅନନ୍ୟ ସାଜସଜ୍ଜା ପାଇଁ ବେଶ୍ ଜଣାଶୁଣା। ଏକ ଛୋଟ ବହୁରଙ୍ଗ ଥିବା ସ୍କାର୍ଟ ବଣ୍ଡା ମହିଳାମାନେ ପରିଧାନ କରନ୍ତି, ଯାହାକୁ 'ରିଙ୍ଗା' କୁହାଯାଏ। ଏହା ପାରମ୍ପରିକ ଭାବେ କେରଙ୍ଗ ତନ୍ତୁ ବ୍ୟବହାର କରାଯାଇ ବୁଣାଯାଏ। ସେମାନଙ୍କ ଲୁଗାବୁଣା ତନ୍ତ କାଠରେ ତିଆରି ହୋଇଥାଏ। ଏହା ଏକ ସରଳ ଯନ୍ତ୍ର ହୋଇଥିବାରୁ ତାହାକୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ସହଜରେ ନିଆଯାଇପାରେ। ପୂର୍ବରୁ ବଣ୍ଡା ମହିଳାମାନେ ଜଙ୍ଗଲରୁ କେରଙ୍ଗ ଶାଖା ସଂଗ୍ରହ କରୁଥିଲେ। ଏହାକୁ ପ୍ରକ୍ରିୟାକରଣ କରି ତନ୍ତୁ ପ୍ରସ୍ତୁତ କରୁଥିଲେ। ତନ୍ତୁ ବା ସୂତାକୁ ଜୈବିକ ରଙ୍ଗରେ ରଙ୍ଗୀନ କରୁଥିଲେ। ସଂପ୍ରତି ଏହି ପାରମ୍ପରିକ ବସ୍ତ୍ର ନିମନ୍ତେ ରଙ୍ଗୀନ ସୂତା ବ୍ୟବହାର କରାଯାଉଛି।

ଓଡ଼ିଶାର ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ମୁଖ୍ୟତଃ ଗୋଣ୍ଡ ଜନଜାତି ମାନେ ବାସ କରିଥାନ୍ତି। ସେମାନଙ୍କ ଭାଷା ଗୋଣ୍ଡି ଓ ଓଡ଼ିଆ ଅଟେ। କୃଷି ଓ ଶ୍ରମଜୀବୀ ଏମାନଙ୍କ ମୁଖ୍ୟ ପେସା। ଗୋଣ୍ଡ ଜନଜାତିମାନଙ୍କର ଘରର ତିନି ପାର୍ଶ୍ୱରେ ବାରଣ୍ଡା ଥାଏ ଏବଂ କାନ୍ଥଗୁଡ଼ିକ ସୁନ୍ଦର ପାରମ୍ପରିକ ଗୋଣ୍ଡ ଚିତ୍ରକଳାରେ ଚିତ୍ରିତ ହୋଇଥାଏ। ଅନାଦିକାଳରୁ କାନ୍ଥ ଓ ଚଟାଣରେ ଚିତ୍ର କରିବା ଗୋଣ୍ଡମାନଙ୍କର ଏକ ପରମ୍ପରା। ସମ୍ପ୍ରତି ଏହି ଚିତ୍ରକଳା ସେମାନଙ୍କୁ ଅର୍ଥ ଉପାର୍ଜନର ସୁଯୋଗ ଆଣିଦେଇଛି।

ଆଧୁନିକତାର ଛାପରେ ଧୀରେ ଧୀରେ ଜନଜାତିଙ୍କ କଳା, ସଂସ୍କୃତି, ସମୃଦ୍ଧି ଓ ପରମ୍ପରା ବିଲୁପ୍ତ ହେବାରେ ଲାଗିଛି। ଯଦି ସରକାରୀ ଓ ବେସରକାରୀ ସଂସ୍ଥାମାନେ ସହଯୋଗର ହାତ ବଢ଼ାନ୍ତି, ତେବେ ଏହି କଳାକୁ ବିଜ୍ଞାନ ଓ କାରିଗରୀ ଜ୍ଞାନକୌଶଳ ତଥା ନମୁନା ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଆହୁରି ଅଧିକ ବିକଶିତ କରି ଅର୍ଥକରୀ କରିପାରନ୍ତା। ଏହାଫଳରେ ଏହି ମୌଳିକ କଳାର ସଂରକ୍ଷଣ ସହ ଜନଜାତିଙ୍କୁ ଆୟବୃଦ୍ଧିରେ ସହାୟକ ହୁଅନ୍ତା।

ବାଲେଶ୍ୱର, ମୋ: ୭୩୨୭୦୨୮ ୯୭୮

# ପ୍ରକୃତ 'ବିଜୁଳି କନ୍ୟା'

ଶ୍ରୀନନ

କଂସ କାରାଗାରରେ ଯଶୋଦାଙ୍କଠାରୁ ନବଜାତ ଶିଶୁକନ୍ୟାଟିକୁ ଛଡ଼ାଇ ନେଇ ଶିଳାଖଣ୍ଡରେ ପିଟି ହତ୍ୟା କରିବାକୁ ପ୍ରୟାସ କଲାବେଳେ ସେ ତା' ହାତରୁ ଆସିଯାଇ ଆକାଶରେ 'ବିଜୁଳି କନ୍ୟା' ରୂପରେ ଆତ୍ମପ୍ରକାଶ କରିବା କଥା ଆମେ ଜାଣୁ। ତେବେ ପ୍ରକୃତରେ ଏପରି ଏକ ଜୀବାଣୁ ଏବେ ଆବିଷ୍କାର ହୋଇଛି, ଯାହାଙ୍କ ନିଃଶ୍ୱାସରୁ ବିଦ୍ୟୁତ୍ ନିର୍ଗତ ହେଉଛି।

ଧରାପୃଷ୍ଠରେ ବାସ କରୁଥିବା ଅଧିକାଂଶ ଜୀବ ଶ୍ୱାସକ୍ରିୟାରେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ତ୍ୟାଗ କରନ୍ତି। ତେବେ କେତେକ ଜୀବାଣୁଙ୍କଠାରେ ଏହାର ବ୍ୟତିକ୍ରମ ଲକ୍ଷ୍ୟ କରିଛନ୍ତି ରାଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ କ୍ୟାରୋଲିନ୍ ଆଜୋ-ଫ୍ରାଙ୍କ୍ଲିନ୍ ଏବଂ ତାଙ୍କ ସହଯୋଗୀମାନେ। ଗବେଷଣା ପତ୍ରିକା 'ସେଲ୍‌ଫ'ର ମେ ୨୦୨୫ ସଂଖ୍ୟାରେ ଏ ସମ୍ପର୍କରେ ଏକ ନିବନ୍ଧ ପ୍ରକାଶ ପାଇଛି। ସେହି ଜୀବାଣୁମାନେ ଅମ୍ଳଜାନ ବିନା ବଞ୍ଚିପାରନ୍ତି ଏବଂ ଶ୍ୱାସକ୍ରିୟାରେ ପରିତ୍ୟାଗ କରନ୍ତି ବିଦ୍ୟୁତ୍ ପ୍ରବାହ। ନାପ୍‌ଥୋକୁଇନନସ୍ ନାମକ ଏକ ପ୍ରାକୃତିକ ଅଣୁ ଏଥିରେ ସେମାନଙ୍କୁ ସାହାଯ୍ୟ କରନ୍ତି। ଫଳରେ ଉତ୍ପନ୍ନ ହୁଏ ବିଦ୍ୟୁତ୍ ପ୍ରବାହ। ଏ ପ୍ରକ୍ରିୟାକୁ 'ବାହ୍ୟ ଜୀବକୋଷୀୟ ଶ୍ୱାସକ୍ରିୟା' ବୋଲି କୁହାଯାଏ। ତାଙ୍କୁ ଏହା ସୁଗଭୀର ସମୁଦ୍ରତଳର ଫାଟ ଏବଂ ମଣିଷର ଅନ୍ତ୍ରନାଳୀର ଅମ୍ଳଜାନବିମୁକ୍ତ ପରିବେଶ ମଧ୍ୟରେ ବଞ୍ଚିବାକୁ ସମର୍ଥ କରେ। ଏହି ଜୀବାଣୁମାନଙ୍କ ମଧ୍ୟରେ ଅଛନ୍ତି ଶେୱାନେଲ୍ଲା ଓ ଜିଓବ୍ୟାକ୍ଟର। ବ୍ୟାଟେରୀରେ ଗଚ୍ଛିତ ଶକ୍ତି ନିର୍ଗତ ହେଲା ଭଳି ଏହା ଘଟେ। ଏହି ସରଳ କିନ୍ତୁ ପ୍ରଭାବଶାଳୀ ପ୍ରକ୍ରିୟା ଅମ୍ଳଜାନର ବିନା ବ୍ୟବହାରରେ ଖାଦ୍ୟକୁ ବିଶ୍ଳେଷିତ ତଥା ତହିଁରୁ ଶକ୍ତି ଉତ୍ପନ୍ନ ହେବାରେ ସହାୟତା କରେ ଏବଂ 'ନାପ୍ଥୋକୁଇନନସ୍'ଗୁଡ଼ିକ ଜୀବନ୍ତ ବ୍ୟାଟେରୀ ରୂପେ କାର୍ଯ୍ୟ କରନ୍ତି।

## ବିଜ୍ଞାନ ବାର୍ତ୍ତା

ଉପରୋକ୍ତ ପ୍ରକ୍ରିୟାକୁ ଅଧିକ ନିଶ୍ଚିତ କରିବା ଲାଗି ରାଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ସହଯୋଗ ଲୋଡ଼ିଥିଲେ। ସେମାନେ ମିଳିତଭାବେ ଅମ୍ଳଜାନ ମୁକ୍ତ ପରିବେଶ ମଧ୍ୟରେ ଜୀବାଣୁମାନଙ୍କ ଜୀବନ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଲାଗି କଂପ୍ୟୁଟର ମଡେଲମାନ ପ୍ରସ୍ତୁତ କଲେ। ଜୀବାଣୁଗୁଡ଼ିକୁ ଏକ ସୁପରିବାହୀ ପୃଷ୍ଠଭୂମି ଉପରେ ରଖି ବଢ଼ିବାକୁ ଦେଲେ ଏବଂ ବିଦ୍ୟୁତ୍ ଉତ୍ପାଦନରେ ନିୟୋଜିତ କଲେ। ଫଳରେ ବିଜ୍ଞାନାଗାରର ନିୟନ୍ତ୍ରିତ ଅବସ୍ଥା ମଧ୍ୟରେ ଜୀବାଣୁଗୁଡିକ ବଞ୍ଚି ରହି ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲାଗିଲେ।

ଏହି ଆବିଷ୍କାର ବହୁ ସହନୀୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବଡ଼ ଧରଣର ଅଗ୍ରଗତି ଘଟାଇବାର ସମ୍ଭାବନା ରହିଛି। ଆବର୍ଜନା ଜଳ ବିଶୋଧନ ଏବଂ ବିବିଧ ଜୈବିକ ଶିଳ୍ପ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲାଗି ଇଲୋକ୍ଟ୍ରୋନ୍‌ମାନଙ୍କ ସନ୍ତୁଳନ ରକ୍ଷା ଅତ୍ୟନ୍ତ ଆବଶ୍ୟକ। ଏହି ବିଦ୍ୟୁତ୍ ଉତ୍ପାଦନକାରୀ ଜୀବାଣୁମାନେ ଅଧିକ ଦକ୍ଷତାର ସହିତ ଇଲେକ୍ଟ୍ରୋନ୍ ପ୍ରବାହର ସୁପରିବାହୀ ମାଧ୍ୟମରେ ଏହା ସମ୍ଭବ କରାଇ ପାରିବେ। ପୁନଶ୍ଚ ଗଛମାନେ ସୂର୍ଯ୍ୟାଲୋକ ବ୍ୟବହାର କରି ଆଲୋକ ସଂଶ୍ଳେଷଣ କଲା ଭଳି ସେଗୁଡ଼ିକ ପୁନଃନବୀକରଣକ୍ଷମ ବିଦ୍ୟୁତ ଉତ୍ପାଦନ ଏବଂ ବ୍ୟବହାର କରି ଅଙ୍ଗାରକାମ୍ଳକୁ ଧରି ରଖିବା ଏବଂ ଅନ୍ୟ ପଦାର୍ଥରେ ପରିଣତ କରିବାକୁ ସକ୍ଷମ ହେବେ। ଏହାବ୍ୟତୀତ ଏହି ଜୀବାଣୁମାନେ ଅମ୍ଳଜାନରହିତ ପରିବେଶ ମଧ୍ୟରେ କାର୍ଯ୍ୟ କରିପାରୁଥିବାରୁ ଏଗୁଡ଼ିକୁ ଜୈବ ବୈଦ୍ୟୁତିକ ସଂବେଦକମାନ ପ୍ରସ୍ତୁତି ଏବଂ ବିକାଶର ସମ୍ଭାବନା ସୃଷ୍ଟି କରିଛନ୍ତି।

ଏପ୍ରକାର ସଂବେଦକ ରୋଗ ନିରୂପଣ, ପ୍ରଦୂଷଣର ମାତ୍ରା ନିର୍ଦ୍ଧାରଣ ଏବଂ ଅମ୍ଳଜାନ ନଥିବା କିମ୍ବା ସ୍ୱଳ୍ପ ଥିବା ମହାକାଶକୁ ଯାଉଥିବା ମିଶନଗୁଡ଼ିକରେ ନାନାରୂପେ ବ୍ୟବହାର କରାଯାଇପାରିବ। ଏହି ଯୁଗାନ୍ତକାରୀ ଆବିଷ୍କାର ଜୀବନ କିପରି ଅତ୍ୟନ୍ତ ନିର୍ମମ ପରିବେଶ ମଧ୍ୟରେ ତିଷ୍ଠି ରହିପାରିବ ସେ ବିଷୟରେ ମଧ୍ୟ ଆମ ଧାରଣାକୁ ନୂତନ ରୂପ ଦେଇଛି ଏବଂ ତ' ଦ୍ୱାରା ଏକ୍ଷେତ୍ରରେ ବହୁ ବଡ଼ ବଡ଼ ଆହ୍ୱାନର ସମ୍ମୁଖୀନ ହେବା ଲାଗି ପଥ ଉନ୍ମୁକ୍ତ କରିଛି। ଆଶା କରାଯାଏ ଯେ ଏ କ୍ଷେତ୍ରରେ ଅଧିକ ଗବେଷଣା ଏ ଶ୍ରେଣୀର ବିଦ୍ୟୁତ୍ ଶ୍ୱାସକ୍ରିୟା ସମ୍ପାଦନକାରୀ ଜୀବାଣୁମାନଙ୍କୁ ଅଧିକରୁ ଅଧିକ ଉଚ୍ଚକୋଟୀର ପ୍ରଯୁକ୍ତିବିଦ୍ୟାରେ ନିୟୋଜିତ କରିବାର ବାଟ ଫିଟାଇବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୫ ବିଭାଗରେ ନିଯୁକ୍ତି ପାଇଲେ ୯୬୪

## ନବ ନିଯୁକ୍ତ ଅଧିକାରୀମାନେ ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୬।୬(ସମିସ): ୫ଟି ବିଭାଗର ୯୬୪ ଜଣଙ୍କୁ ସୋମବାର ନିଯୁକ୍ତିପତ୍ର ବାଣ୍ଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତନ୍ମଧ୍ୟରେ ପୂର୍ତ୍ତ ବିଭାଗରେ ୫୬୬ ଜଣ ଥିବାବେଳେ ଜଳ ସମ୍ପଦ ବିଭାଗରେ ୭୨, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୧୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୨୦୪ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୮ ଜଣ ନିଯୁକ୍ତି ପାଇଛନ୍ତି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଛନ୍ତି ଯେ ନବ ନିଯୁକ୍ତ ଅଧିକାରୀମାନେ ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ। ନିଜକୁ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ସହ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରନ୍ତୁ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦ ପୂରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଆଜି ସୁଦ୍ଧା ୨୮,୩୪୬ ପଦରେ ନିଯୁକ୍ତି ଦିଆଯାଇଛି। ସେହିପରି ବେସରକାରୀ ସ୍ତରରେ ମଧ୍ୟ ପ୍ରଥମ ବର୍ଷରେ ୪୫ ହଜାର ନିଯୁକ୍ତି ଦିଆଯାଇଛି। ଅର୍ଥାତ୍ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୬ ଜଣ ନିଯୁକ୍ତି ପାଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇ ନବନିଯୁକ୍ତ ପ୍ରାର୍ଥୀମାନେ ସରକାରଙ୍କ ପ୍ରତିଟି ଯୋଜନାକୁ ତ୍ୱରିତ ଓ ସଫଳତା ପୂର୍ବକ କାର୍ଯ୍ୟାନ୍ୱୟନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

# ୨୦ରୁ ସ୍କୁଲରେ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର,୧୬।୬(ସମିସ): ୧୧ ଜୁନ୍ ୨୦୨୫। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି। ଏହି ବିଜ୍ଞପ୍ତି ଅନୁସାରେ ଜୁନ୍ ୧୮ ତାରିଖରେ ବିଦ୍ୟାଳୟ ଖୋଲିବ ଓ ପ୍ରଥମ ଦିନରୁ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ। ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଏହି ବିଜ୍ଞପ୍ତିରେ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ଖାଦ୍ୟର ମାନ ପରଖିବା ସହ ସପ୍ଲାଏକୁ ଯାଞ୍ଚ କରିବା ପାଇଁ ସିଆରସିସି ଓ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ୧୬ ଜୁନ୍ ୨୦୨୫। ମାତ୍ର ୫ଦିନରେ ପୂର୍ବ ତିଥିକୁ ପରିବର୍ତ୍ତନ କରାଯାଇ ୧୮ ଜୁନ୍ ବଦଳରେ ଆସନ୍ତା ୨୦ ତାରିଖରେ ବିଦ୍ୟାଳୟ ଖୋଲିବ ଏବଂ ସେହି ଦିନଠାରୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ମଧ୍ୟରେ ସମନ୍ୱୟ ନାହିଁ। ବିଦ୍ୟାଳୟ ଆସନ୍ତା ୨୦ ତାରିଖରେ ସ୍କୁଲ୍ ଖୋଲିବା ନେଇ ବହୁ ପୂର୍ବରୁ ଶୈକ୍ଷିକ କ୍ୟାଲେଣ୍ଡରରେ ଦର୍ଶାଯାଇଛି। ବିଭାଗ ପକ୍ଷରୁ ଆଗୁଆ ସ୍କୁଲ୍ ଖୋଲିବାକୁ କୌଣସି ନିର୍ଦ୍ଦେଶନାମା ହୋଇ ନ ଥିବାବେଳେ ପିଏମ୍ ପୋଷଣ ପରିଚାଳନା ରାଜ୍ୟ ୟୁନିଟ୍ ବିଭ୍ରାନ୍ତିକର ଚିଠି ଜାରି କରିଥିଲା। ଅର୍ଥାତ୍ ବିଭାଗ ଅଧୀନରେ ଥିବା ଏହି ୟୁନିଟ୍‌ର ଅଧିକାରୀଙ୍କୁ ବିଭାଗର ନିଷ୍ପତ୍ତି ସମ୍ପର୍କରେ କିପରି ଧାରଣା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲ୍ଲା ଅତିଥି ଭବନ ପାଇଁ ୩୦୦୦ ଡେସିମିଲ୍ ଜମି ଚିହ୍ନଟ

ଭୁବନେଶ୍ୱର, ୧୬।୬(ସମିସ): ୟୁନିଟ୍-୨ ଏବଂ ଅଶୋକ ନଗର ଅଞ୍ଚଳରେ ରାଜ୍ୟ ଅତିଥି ଭବନ ନିର୍ମାଣର ଅନୁମତି ପ୍ରଦାନ କରାଯାଇଛି। ଏଥିପାଇଁ ୩୦୦୦ ଡେସିମିଲ୍ ଜମି ଚିହ୍ନଟ ହୋଇଛି ଓ ୨୬ଟି ପ୍ଲଟ୍‌ର ଏକ ତାଲିକା ଜାରି କରାଯାଇଛି। ଏହି ପ୍ଲଟ୍ ଗୁଡିକରେ ୨୪ପ୍ଲଟ୍ ଘରବାରୀ କିସମର ଥିଲା ବେଳେ ୨ଟି ପ୍ଲଟ୍ ସଡ଼କ କିସମର ରହିଛି। ସରକାରଙ୍କ ସାଧାରଣ ପ୍ରସାଶନ ବିଭାଗ ପକ୍ଷରୁ ଏଠାରେ ଅତିଥି ଭବନ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହାସହିତ ସହରାଞ୍ଚଳ ପ୍ରଶାସନ ବିଡ଼ିଏ ଉପାଧ୍ୟକ୍ଷ, ବିଏମ୍‌ସି କମିସନରଙ୍କୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରେଣ୍ଟ ଅଫିସର ସାଧରଣ ପ୍ରସାଶନ ବିଭାଗ, ଅତିରିକ୍ତ ନିର୍ଦ୍ଦେଶକ ଇଷ୍ଟେଟ୍‌ଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଯେଉଁଠି ଆବଶ୍ୟକ ପଡ଼ିବ ସେଠାରୁ ସରକାରୀ କ୍ୱାର୍ଟର୍ସ ଖାଲି କରାଯିବ। ପ୍ରକଳ୍ପ କାର୍ଯ୍ୟ ଆଗକୁ ନେବାକୁ ହେଲେ ଯଦି ଆବଶ୍ୟକ ପଡେ ତେବେ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଜିଲ୍ଲା ପାଇଁ ୧୦୦ କୋଠରି ବିଶିଷ୍ଟ ଗେଷ୍ଟ୍ ହାଉସ୍ ହେବ। ପ୍ରତି ଜିଲ୍ଲା ନୂଆରେ ଏହାକୁ ନାମିତ କରାଯିବ।

# ବିପଜ୍ଜନକ ଅବସ୍ଥାରେ କାର୍ଯ୍ୟ କରୁଛନ୍ତ ବନ କର୍ମଚାରୀ

■ ଜୀବନ ବୀମା କରିବାକୁ ଅମଙ୍ଗ ବିଭାଗୀୟ ଅଧିକାରୀ
■ ବିନା ପ୍ରିମିୟମରେ ବୀମା ସୁବିଧା ଥାଇ ବି ମିଳୁନି ସୁବିଧା

ଭୁବନେଶ୍ୱର,୧୬।୬(ସମିସ): ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ବନ କର୍ମଚାରୀଙ୍କୁ ମିଳିପାରୁନି ଜୀବନ ବୀମା। ରାଜ୍ୟରେ ଗତ କିଛି ବର୍ଷ ହେବ ନିୟମିତ ଭାବେ ବନ କର୍ମଚାରୀମାନେ ଶିକାରି ଗୁଳିରେ ପ୍ରାଣ ହରାଇବାରେ ଲାଗିଛନ୍ତି। ଏହା ବ୍ୟତୀତ ଅନେକ ସମୟରେ ହାତୀ ଆକ୍ରମଣରେ ମଧ୍ୟ ବନକର୍ମଚାରୀଙ୍କ ଜୀବନ ଯାଉଛି। ମୃତକଙ୍କ ମଧ୍ୟରେ ମୁଖ୍ୟତଃ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଫରେଷ୍ଟଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜର ପଦରେ କାର୍ଯ୍ୟରତ କର୍ମଚାରୀ ରହୁଛନ୍ତି। ତେଣୁ ଏହି କର୍ମଚାରୀମାନେ ନିଜ ପାଇଁ ଜୀବନ ବୀମା ଦାବି କରି ଆସୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଆଖିବୁଜି ଦେଇଛି। ଯାହାକୁ ନେଇ ବନ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।

ବଡ଼ କଥା ହେଉଛି ଯେ ଏହି ବୀମା ବାବଦକୁ ରାଜ୍ୟ ସରକାର କିମ୍ବା ବନ ବିଭାଗ ହାତରୁ ଟଙ୍କାଟେ ଖର୍ଚ୍ଚ ପଡ଼ିବ ନାହିଁ। ଏହା ସତ୍ତ୍ୱେ ଏପରି ବୀମା ପ୍ରତି ଅନାଗ୍ରହ ଯୋଗୁଁ ହଜାର ହଜାର ବନ କର୍ମଚାରୀଙ୍କ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି। ରାଜ୍ୟରେ ବର୍ତ୍ତମାନ ପୁଲିସ ଓ ଜେଲ୍ ବିଭାଗର କର୍ମଚାରୀମାନଙ୍କୁ ଏହି ବୀମା ସୁବିଧା ପ୍ରଦାନ କରାଯାଇଛି। ହେଲେ ବନ ବିଭାଗ କର୍ମଚାରୀଙ୍କୁ କାହିଁକି ଏଥିରୁ ବାଦ୍ ଦିଆଯାଇଛି ତାକୁ ନେଇ କର୍ମଚାରୀମାନେ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ବିଭିନ୍ନ ଜାତୀୟ ବ୍ୟାଙ୍କ ଜରିଆରେ 'ସାଲେରୀ ପ୍ୟାକେଜ୍ ବୀମା' ପ୍ରଦାନ କରିବାର ବ୍ୟବସ୍ଥା ଉପଲବ୍ଧ ରହିଛି। ଏ ବାବଦକୁ ପ୍ରିମିୟମ ଅର୍ଥରାଶି ମଧ୍ୟ ପୈଠ କରିବାର ଆବଶ୍ୟକତା ରହୁନାହିଁ। ଏହାକୁ ଆଧାର କରି ରାଜ୍ୟ ପୁଲିସ ବିଭାଗ ଓ ଜେଲ୍ ବିଭାଗ ନିଜ କର୍ମଚାରୀଙ୍କ ପାଇଁ ୧ କୋଟି ଟଙ୍କାର ବୀମା ଉପଲବ୍ଧ କରାଇଛନ୍ତି। ଯଦି କୌଣସି କର୍ମଚାରୀଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ହୁଏ, ତେବେ ତାଙ୍କ ପରିବାରକୁ ବ୍ୟବସ୍ଥା ଅନୁଯାୟୀ ୧ କୋଟି ଟଙ୍କାର ବୀମା ରାଶି ମିଳିବାର ବ୍ୟବସ୍ଥା ହୋଇଛି। ତେଣୁ ବନ କର୍ମଚାରୀମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ, ସେମାନଙ୍କୁ ଏହି ସୁବିଧା ଉପଲବ୍ଧ କରାଇ ଦେବାକୁ ବାରମ୍ବାର ବନ କର୍ମଚାରୀମାନେ ଦାବି କରି ଆସୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି।

# ଦୁର୍ଘଟଣାରେ ଦୁଇ ମୃତ

ନାକଟିଦେଉଳ, ୧୬।୬ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ-ନାକଟିଦେଉଳ ରାସ୍ତାର ପେଣ୍ଡବାହାଲ ନିକଟରେ ଆଜି ରାତି ପ୍ରାୟ ୯ଟା ସମୟରେ ବାଇକ୍ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ରେଢ଼ାଖୋଲ ଥାନା ଘୋଷରାମାଳର ସୁମନ ଡଙ୍ଗ ଓ ଦେବଗଡ଼ ଜିଲ୍ଲା ରିଆମାଳ ଥାନା କୁମାଳ ଗାଁର ଶୁଭମ ନାଏକ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ସୂଚନା ଅନୁଯାୟୀ, ରେଢ଼ାଖୋଲ ପଟରୁ ନାକଟିଦେଉଳ ପଟକୁ ସେମାନେ ବାଇକ୍‌ରେ ଯାଉଥିବାବେଳେ ନାକଟିଦେଉଳ ଥାନା ଅନ୍ତର୍ଗତ ପେଣ୍ଡବାହାଲ କମାରସାହି ବିଶ୍ୱକର୍ମା ମଣ୍ଡପ ସାମ୍ନା ବୁଲାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ଅବଶିଷ୍ଟାଂଶ

## ଲାଗୁହେଲା ନୂଆ...

ଗୋଟିଏ ବ୍ୟାଙ୍କରୁ ଅନ୍ୟ ଏକ ବ୍ୟାଙ୍କକୁ ସ୍ଥାନାନ୍ତର କରିଥାଏ। ନୂଆ ୟୁପିଆଇ ପେମେଣ୍ଟ ନିୟମ ଲାଗୁ ହେବା ପରେ କାହାକୁ ଟଙ୍କା ପଠାଇବା କିମ୍ବା ଦୋକାନରେ ଶପିଂ ସମୟରେ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିବା ସବୁକିଛି ପୂର୍ବ ଅପେକ୍ଷା ଦ୍ରୁତ ହେବ। ଏଥିରେ ବିଶେଷ କଥା ହେଉଛି ଯେ, ଭୁଲ ଦେୟ ଯୋଗୁ କାରବାର ବାବଦ ଅର୍ଥ ରିଫଣ୍ଡ ପାଇବା ଏବଂ ଷ୍ଟାଟସ୍ ଯାଞ୍ଚ କରିବା ପାଇଁ ସମୟ ମଧ୍ୟ ୩୦ ସେକେଣ୍ଡରୁ ୧୦ ସେକେଣ୍ଡକୁ ହ୍ରାସ କରାଯାଇଛି। ତେଣୁ ଏବେ ପେମେଣ୍ଟ ହେଲା କି ନାହିଁ ତାହାକୁ ନେଇ କମ୍ ଚିନ୍ତା ରହିବ। ପୂର୍ବରୁ, ଏକ କାରବାର ସଫଳ ହୋଇଛି କି ନାହିଁ ଯାଞ୍ଚ କରିବା ପାଇଁ ୯୦ ସେକେଣ୍ଡ ଅପେକ୍ଷା କରିବାକୁ ପଡୁଥିଲା। ବର୍ତ୍ତମାନ, କାରବାର ଆରମ୍ଭ ହେବା ପରେ କେବଳ ୪୫ ରୁ ୬୦ ସେକେଣ୍ଡ ପରେ ଏହାକୁ ଯାଞ୍ଚ କରିପାରିବେ। ଏହା କାରବାର ବିଫଳତା କ୍ଷେତ୍ରରେ ଦ୍ୱନ୍ଦ୍ୱକୁ ହ୍ରାସ କରିବ। ଏଥିରେ ଜଣଙ୍କୁ କେବଳ ନିଜର ୟୁପିଆଇ ଆପ୍ ଅପଡେଟ୍ ରଖିବାକୁ ପଡିବ। ଯଦି ଆପଣଙ୍କର ଆପ୍ ପୁରୁଣା, ତେବେ କାରବାରରେ ସମସ୍ୟା ଦେଖାଦେଇପାରେ। ନୂଆ ବ୍ୟବସ୍ଥାରେ ପ୍ରତି ଆପ୍ ପାଇଁ ବାଲାନ୍ସ ଯାଞ୍ଚ କରିବାର ସୀମା ଦିନକୁ ୫୦ ଥର ହେବ ଏବଂ ଅଟୋ ପେ' କାରବାର କେବଳ ନନ୍-ପିକ୍ ଆୱାରରେ ହେବ।

## ଥମୁନି ଝାଡ଼ାବାନ୍ତି...

ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲ୍ଲାରେ ମୋଟ ୧୬ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ପ୍ରଶାସନ କିମ୍ବା ସରକାର ଏହାକୁ ମାନିବାକୁ ନାରାଜ। ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ହୋଟେଲ ଓ ଢାବା ମାନଙ୍କରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଛି। ସେହିପରି ବରୀ, ବିଞ୍ଝାରପୁର, ଧର୍ମଶାଳା ତହସିଲ ଅଞ୍ଚଳ ସମେତ ଜିଲ୍ଲାର ଅନ୍ୟ କେତେକ ଅଞ୍ଚଳରେ ସମସ୍ତ ଜଳଖିଆ ଦୋକାନ, ହୋଟେଲ, ଫାଷ୍ଟଫୁଡ୍, ଗୁପ୍‌ଚୁପ୍, ଦହିବରା, ଆଇସକ୍ରିମ୍ ଦୋକାନ ଆସନ୍ତା ଦୁଇ ସପ୍ତାହ ଧରି ବନ୍ଦ କରିବାକୁ ତହସିଲଦାର ନିର୍ଦ୍ଦେଶ ଜାରି କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଏସ୍ ଆଶ୍ୱଥି ଧର୍ମଶାଳା ଓ ଯାଜପୁର ମେଡିକାଲର ସ୍ଥିତି ଅନୁଧ୍ୟାନ କରିବା ପରେ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଓ ସ୍ଥିତିର ସମୀକ୍ଷା କରିଛନ୍ତି। ଆଜି ଜିଲ୍ଲାରେ ମୋଟ ୧୫ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆଜି ସୁଦ୍ଧା ମୋଟାମୋଟି ୧୭୮୭ଜଣ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଥିରୁ ୧୫୨୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ବି କଟକ, ଭୁବନେଶ୍ୱରରେ ୩୦ରୁ ଉର୍ଦ୍ଧ୍ୱ ଚିକିତ୍ସିତ ହେଉଛନ୍ତି।

## ପୁରୁଷ ବନ୍ଧୁଙ୍କୁ...

ପୁଲିସକୁ କହିଥିଲେ। ପୁଲିସ ତୁରନ୍ତ ପୁରୁଷ ବନ୍ଧୁଙ୍କୁ ସାଙ୍ଗରେ ନେଇ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଖୋଜାଖୋଜି କରିଥିଲା। ଏହିକ୍ରମରେ ଡୁରା ଓଭରବ୍ରିଜ ନିକଟରେ ଥିବା ୪ଜଣ ଯୁବକ ପୁଲିସ ଗାଡ଼ିକୁ ଦେଖି ଦୌଡିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଯୁବତୀଙ୍କ ପୁରୁଷ ବନ୍ଧୁ ଚିହ୍ନଟ କରିଥିଲେ। ସେଠାରୁ ୨ ଜଣଙ୍କୁ କାବୁ କରାଯାଇଥିଲେ ହେଁ ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିଲେ। କାବୁ କରାଯାଇଥିବା ୨ ଜଣ ଯୁବକଙ୍କୁ ଥାନାରେ ଜେରା ପରେ ଅନ୍ୟ ୮ ଜଣ ହିଞ୍ଜିଳିକାଟୁ ତଥା ଆଖପାଖ ଅଞ୍ଚଳର ବୋଲି ପୁଲିସ ଜାଣିବାକୁ ପାଇଥିଲା। ପୁଲିସର ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳରୁ ୫ ଜଣ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିଛି। ପୀଡିତାଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

## ଜଳପ୍ରପାତ ସ୍ରୋତରେ...

ପରେ କୋଟପାଡ଼ ଥାନାକୁ ଖବର ଦେଇଥିଲେ। କୋଟପାଡ଼ ପୁଲିସ ଓ ଅଗ୍ନିଶମ କର୍ମଚାରୀ ତୁରନ୍ତ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ସେମାନଙ୍କୁ ପାଇ ନ ଥିଲେ। ସୋମବାର ସକାଳେ ଜୟପୁର ଓଡ୍ରାଫ୍ ଟିମ୍ ଆଲୋକଙ୍କ ମୃତଦେହ ଉଦ୍ଧାର କରିଥିଲା। କିରଣ ମିର୍ଗାନ ନିଖୋଜ ଅଛନ୍ତି।

## ମଧ୍ୟପ୍ରାଚ୍ୟରେ ବଢୁଛି...

ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଇରାନର କ୍ଷେପଣାସ୍ତ୍ରକୁ ନିଷ୍କ୍ରିୟ କରିବା ଲାଗି ଇସ୍ରାଏଲ ଉତ୍‌କ୍ଷେପଣ କରିଥିବା କ୍ଷେପଣାସ୍ତ୍ର ମିସଫାୟର ହୋଇଛି। ଏହି କ୍ଷେପଣାସ୍ତ୍ର ବିପରୀତ ଦିଗକୁ ଫେରି ନିଜର ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିଦେଇଛି। ଏହାକୁ ଇସ୍ରାଏଲ ଡିଫେନ୍ସ ସିଷ୍ଟମର ସବୁଠାରୁ ବଡ଼ ବିଫଳତା ବୋଲି କୁହାଯାଉଛି। ଇସ୍ରାଏଲର ଡିଫେନ୍ସ ସିଷ୍ଟମକୁ ବିଭ୍ରାନ୍ତ ଓ ବିପର୍ଯ୍ୟସ୍ତ କରିବା ଲାଗି ଇରାନ ପକ୍ଷରୁ ନୂଆ ଇଲୋକଟ୍ରୋନିକ ୱରଫେୟାର ରଣନୀତି ଗ୍ରହଣ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ରେ ଆମେରିକାର ଦୂତାବାସ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଇରାନ ଦାବି କରିଛି ଯେ ଇସ୍ରାଏଲର ଆଇରନ୍ ଡୋମକୁ ମାତ୍ ଦେଇ ଏହାର କ୍ଷେପଣାସ୍ତ୍ର ବ୍ୟାପକ କ୍ଷତି ଘଟାଇଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲ ମଧ୍ୟ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି। ଆଜି ଇରାନ ରାଜଧାନୀ ତେହରାନ ସମେତ ଅନ୍ୟ ସହର ଉପରେ ଘନ ଘନ କ୍ଷେପଣାସ୍ତ୍ର ଓ ବୋମାମାଡ଼ କରିଛି। ଏଥିରେ ଆଜି ଆଉ ୪୫ ଜଣ ମହିଳା ଓ ଶିଶୁ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ଇସ୍ରାଏଲ ଆକ୍ରମଣରେ ଇରାନରେ ମୃତ୍ୟୁସଂଖ୍ୟା ୨୨୪କୁ ବୃଦ୍ଧି ପାଇଛି। ଆଜି ସନ୍ଧ୍ୟାରେ ଇରାନର ଟିଭି କେନ୍ଦ୍ର ଉପରେ ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲ ଆକ୍ରମଣରେ ଇରାନର ପରମାଣୁ କେନ୍ଦ୍ର, ସାମରିକ ପ୍ରତିଷ୍ଠାନ, ସେନା ମୁଖ୍ୟାଳୟ ଓ ତୈଳ ବିଶୋଧନାଗାର ଧ୍ୱଂସ ହୋଇଯାଇଛି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଇରାନର ସମସ୍ତ ପରମାଣୁ କେନ୍ଦ୍ର ଓ ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଅଭିଯୋଗ କରିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ ଯୋଜନା କରିଛି। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି ଯେ ଆୟୋତଲ୍ଲା ଖାମେନି ସମେତ ଇରାନର ଶୀର୍ଷ ନେତୃତ୍ୱକୁ ହତ୍ୟା କରିବା ଲାଗି ଇସ୍ରାଏଲ ଯୋଜନା କରିଥିବା ବେଳେ ସେ ଏହାର ବିରୋଧ କରିଛନ୍ତି। ଇତିମଧ୍ୟରେ ଇରାନ ପକ୍ଷରୁ କୁହାଯାଇଛି ଯେ ଏହା ପରମାଣୁ ନିରସ୍ତ୍ରୀକରଣ ଚୁକ୍ତିରୁ ଓହରିଯିବ ଏବଂ ପ୍ରତିରକ୍ଷା ପାଇଁ ପରମାଣୁ ଅସ୍ତ୍ର ତିଆରି କରିବ। ଇତିମଧ୍ୟରେ ଇରାନରେ ଥିବା ଭାରତୀୟ ଛାତ୍ରମାନଙ୍କର ନିରାପତ୍ତା ନେଇ ଭାରତ ଚିନ୍ତା ପ୍ରକଟ କରିବା ସହିତ ଇରାନ ସରକାରର ସହାୟତା ଲୋଡ଼ିଛି। ଇରାନ ପକ୍ଷରୁ କୁହାଯାଇଛି ଯେ ଏହାର ସୀମା ଖୋଲା ରହିଛି ଏବଂ ଛାତ୍ରମାନେ ନିରାପଦ ସ୍ଥାନ ଦେଇ ବାହାରକୁ ଯାଇପାରିବେ। ଇରାନରେ ଏବେ ୧୫୦୦ରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀ ଫସି ରହିଛନ୍ତି। ଆକାଶ ସୀମା ବନ୍ଦ ରହିଥିବାରୁ ଭାରତୀୟ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷିତ ପ୍ରସ୍ଥାନ ପାଇଁ ଇରାନ ସବୁ ପ୍ରକାର ସହାତା କରିବ ବୋଲି ଜଣାଇଛି। ଭାରତୀୟ ଛାତ୍ରଛାତ୍ରୀ ଆର୍ମେନିଆ ଦେଇ ଫେରିପାରନ୍ତି। ଭାରତ ପକ୍ଷରୁ ମଧ୍ୟ ଏଥିଲାଗି ପ୍ରୟାସ ଜାରି ରହିଛି। ଅନେକ ଭାରତୀୟଙ୍କୁ ତେହରାନର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ତେହରାନରେ ଥିବା ଭାରତୀୟ ଦୂତାବାସ ସୁରକ୍ଷା ସ୍ଥିତିର ସମୀକ୍ଷା କରୁଛି ଓ ଇରାନରେ ଥିବା ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ ଜାରି ରଖିଛି।

## ଦୁଇ ପର୍ଯ୍ୟାୟରେ...

ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ପ୍ରଥମଟି ହେଲା ଦେଶରେ କେଉଁ ଜାତିର ଲୋକଙ୍କ ସଂଖ୍ୟା କେତେ ତାହା ଜଣାପଡ଼ିବ। ଦ୍ୱିତୀୟଟି ହେଲା ଏହି ଜନଗଣନାକୁ ଭିତ୍ତି କରି ସଂସଦ ଓ ରାଜ୍ୟ ବିଧାନସଭା ନିର୍ବାଚନମଣ୍ଡଳୀମାନଙ୍କର ସୀମା ପୁନଃନିର୍ଦ୍ଧାରଣ କରାଯିବ। ୧୯୭୧ରୁ ସୀମା ପୁନଃନିର୍ଦ୍ଧାରଣ ଅଟକି ରହିଛି। ସଂସଦରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ଲାଗି ଏହି ଜନଗଣନା ପଥ ପରିଷ୍କାର କରିବ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ଥର ଲାଗି ଜାତିଭିତ୍ତିକ ଜନଗଣନା ୧୮୮୧ ଏବଂ ୧୯୩୧ରେ ବ୍ରିଟିଶ ସରକାର ଅମଳରେ ହୋଇଥିଲା। ୨୦୧୧ରେ ୟୁପିଏ ସରକାର ଅମଳରେ ଜନଗଣନା ବେଳେ ସାମାଜିକ-ଅର୍ଥନୈତିକ ଓ ଜାତି ଭିତ୍ତିକ ତଥ୍ୟ ସଂଗ୍ରହ କରାଯାଇଥିଲା। କିନ୍ତୁ ଏହି ତଥ୍ୟ କେବେହେଲେ ପ୍ରକାଶ ପାଇ ପାରିଲାନାହିଁ।

**NOTICE (for Minor)**
By virtue of an affidavit sworn before The Executive Magistrate, Baripada, Mayurbhanj, dated 12-06-2025 I, Basanti Mahapatra Address Village/PO.- Balidiha, PS.- Khunta, Dist Mayurbhanj, Odisha, PIN-757019 declare that I have changed the name of my daughter Ipasita Mohapatra to Ipsita Mohapatra. Henceforth, she shall be known as Ipsita Mohapatra for all purposes.
Basanti Mahapatra

**AFFIDAVIT**
By Virtue of an affidavit No.658, Dated: 15.06.2025, before the Notary Public, Balimela, Dist: Malkangiri, I, Deba Padiami have changed my minor son's name from Jaleswara Padiami to Jaleswar Padiami. Henceforth he will be known as Jaleswar Padiami for all purposes.
Sd/- Deba Padiami

**AFFIDAVIT**
I, SK Qutubuddin, S/o. Sk Kamiruddin, resident of Sabalanga Kanipara, Kanipada, Mahakalapada, Dist.- Kendrapara, Odisha-754208 declare by this affidavit no. CF-45, dated-12.06.2025 that now onwards I shall be known as Sk Kutubuddin for all future purposes.

**AFFIDAVIT**
By virtue of an affidavit before Executive Magistrate, Kujanga, No.1684 dtd.19.04.2025 I, Sisir Mallik S/o Daitari Mallik, resident of Kothi, Po.- Jhimani, Ps.- Paradeep lock, Dist.- Jagatsinghpur, Pin-754141, Odisha state that, I have changed my minor daughter's name from Soyang Sampurna to Swayam Sampurna. Henceforth she shall be known as Swayam Sampurna for all purposes.

**AFFIDAVIT**
By the virtue of an affidavit in the court of executive magistrate, Jajpur no 5365 dtd 02/05/2025 that My son name have changed from Sai Samartha Dikshit to Sai Pratik Dikshit. Henceforth he shall be known as Sai Pratik Dikshit for all purposes.
Sd/- Chintamani Dikshit

**AFFIDAVIT**
BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE SOHELA, I SRI PITABASA SAHU S/O- GOPAL SAHU, RESIDENT OF VILL.- PADHANPALI, PO.- TABADA, PS- SOHELA, DIST-BARGARH, ODISHA, STATE THAT IN MY ADHAR CARD MY NAME HAS BEEN MENTIONED AS PITABAS SAHU WHERE AS IN MY RESIDENT CERTIFICATE MY NAME HAS BEEN REFLECTED AS PITABASA SAHU. MY ACTUAL NAME IS PITABASA SAHU.

**NOTICE (for Minor)**
By virtue of an affidavit sworn before Notary Public Udala, Mayurbhanj, dated 09-06-2025 I, Durga Hansdah Address Village/PO.- Bahubandh, PS.- Udala, Dist Mayurbhanj, Odisha, PIN-757041 declare that I have changed the name of my daughter Sarma Hansdha to Salma Hansdah. Henceforth, she shall be known as Salma Hansdah for all purposes.
Durga Hansdah

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Sri Parsuram Pangi S/o- Biknu Pangi, Village - Panasput, Post- Anduruguda, PS- Padua, Dist- KORAPUT declare that I have changed my name from Parasu Pangi to Parsuram Pangi. Henceforth, I shall be known as Parsuram Pangi for all purposes.
Sd/- Parsuram Pangi

**AFFIDAVIT**
By Virtue of an affidavit No.659, Dated: 15.06.2025, before the Notary Public, Balimela, Dist: Malkangiri, I, Muke Padiami have changed my minor son's surname and his father's name from Dipak Podiami, S/O- Kasa Podiami to Dipak Padiami S/O- Kasha Padiami respectively. Hence forth he will be known as Dipak Padiami, S/O- Kasha Padiami for all purposes.
Sd/- Muke Padiami

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Sri Ramachandra Aleibir, S/o- Late Samara Aleibir, Village - Balda, Post - Balda, PS- Padua, Dist - KORAPUT declare that I have changed my name from Ramachandra Hantal to Ramachandra Aleibir. Henceforth, I shall be known as Ramachandra Aleibir for all purposes.

**AFFIDAVIT**
I, Rashimi Rekha Maharana, aged about 42 years, W/o- Manoj Maharana, resident of At- Plot No. 310 (P), Maitri Nagar, PO- Nayabazar, PS- Chauliaganj, Dist- Cuttack, PIN- 753004, Odisha declared by this affidavit No. 1336, dated- 14/06/2025, that now onwards I shall be known as RASHMIREKHA MAHARANA for all future purposes.

**AFFIDAVIT**
I, Mahamud Ali Lathia, aged about 41 years, S/o- Isha Lathia, resident of Gandhi Chowk, Umerkote, Po- Umerkote, Ps- Umerkote, Dist- Nabarangpur, Odisha, Pin- 764073 declare by this affidavit No-1191, dtd. 14/06/2025, that now onwards I shall be known as MOHAMED ALI LATHIA for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Smt Danumati Pangi, W/o- Krushna Pangi, Village - Jadaput, Post- Banamaliput , PS- Nandapur, Dist - KORAPUT declare that I have changed my name from Danumati Pangi to Dhanamati Pangi. Henceforth, I shall be known as Dhanamati Pangi for all purposes.

**Raghunath Samabaya Mahavidyalaya, Odagaon**
ରଘୁନାଥ ସମବାୟ ମହାବିଦ୍ୟାଳୟ, ଓଡଗାଁ
Banavihar, At/Po- Odagaon, Dist- Nayagarh, 752081, Odisha
Ph.No. 06753-296505
Email.: rsmodagaon@gmail.com, Website.: rsmodagaon.org.in
QUOTATION CALL
No. RSM196/25 Dt. 17/06/2023
Sealed Quotations are invited from reputed and registered farms/authorised suppliers/dealers having valid and up-to-date GST registration/IT clearance, PAN, TIN and ISO, Dealers Certificate for the supply of the materials of IT infrastructure, i.e.:(1) Desktop (i3 and above). (2). UPS (Digital) (3). MFM Printers (4). LED Android Smart TV (65 inch) (5). Wireless Microphone & Camera For Virtual Meetings with LAN Connectivity.
The supplier should quote the unit price inclusive of all taxes, installation and transportation cost. The related quotation should reach the undersigned on or before 23/06/2025, 5 p.m. by Regd./Speed post. For more details contact the office of the principal from 10:30 a.m. - 2:30 p.m. on all working days and refer letter No: 202469785168/ Dt.05/03/2025 of DHE, Govt. of Odisha.
N.B: The undersigned reserves the rights to cancel fully or partially the quotation process without citing any reason thereof.
Sd/- Principal
R.S. Mahavidyalaya, Odagaon

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 09/06/2025 I Sri Sunil Kumar Hantal, S/o- Sashidhar Hantal, Village - Hatibari, Post- Hatibari, PS- Padua, Dist - KORAPUT declare that, I have changed my name from Ishak Hantal to Sunil Kumar Hantal. Henceforth, I shall be known as Sunil Kumar Hantal for all purposes.

**AFFIDAVIT**
By virtue of an affidavit sworn before The Executive Magistrate, Jajpur on dated- 19/05/2025. I, Sushanta Kumar Rout (Applicant name), S/o Gokulananda Rout, permanent resident of Vill: Kuanrpur, PO: Aunri, PS: Alakund, Dist: Jajpur, PIN: 755013, Odisha declare that I have changed my minor son's name from Sidhant Rout (old name) To Sidhanta Kumar Rout (new name). Henceforth, he shall be known as SIDHANTA KUMAR ROUT for all future purposes.
Sushanta Kumar Rout

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELETRIC PROJECT
AT/PO: BARINIPUT, DIST: KORAPUT – 764006, ODISHA
PHONE: - (06854)242001 (O), FAX: - (06854) 242038
E-mail: sgmel.ukhep@gmail.com
TENDER CALL NOTICE NO UKHEP-11/25-26, DATED 11/06/25
Sealed tenders are invited in sealed envelopes from the Authorized dealers/Reputed Suppliers for "Procurement of Anti-microbial 1000 ltr capacity triple layer white sintex water tanks, UKHEP, Bariniput".

| Description of work | Cost of tender paper in Rs (Non-Refundable) | EMD in Rs. (Refundable) |
|---|---|---|
| Procurement of Anti-microbial 1000 ltr capacity triple layer white sintex water tanks, UKHEP, Bariniput | 4720/- (Non- refundable) (Rs.4000/-+18% GST) | 9000/- |

The sale of Tender Paper will be from : 17/06/25 to 11.00 Hrs of 03/07/25
The last date & time of receipt of Tender : 12.00 Hrs of 03/07/2025
The date and time of opening of Tender : 12.30 Hrs of 03/07/2025
For details of tender documents, Terms & conditions, downloading, please visit our website www.ohpcltd.com.
C & P Head,
Upper Kolab H.E.Project,
Bariniput
CAD-788 OIPR - 04002/11/0095/2526

**AFFIDAVIT**
By virtue of an affidavit before Executive Magistrate, Bhubaneswar, No.32 dtd.09/06/2025, I, Krushna Chandra Das, S/o- Kampa Das, resident of Vill.- Phasi, near Gramadebati, Kodala, Po.- Phasi, Dist.- Ganjam, Odisha, Pin- 761032 state that, I have changed my minor daughter's name from PRAGNYA DAS to PRAGYANSMITA DAS. Henceforth she will be known as PRAGYANSMITA DAS for all purposes.

**AFFIDAVIT**
By virtue of an affidavit before Executive Magistrate, Ambabhona, No.228 dtd.13/06/2025, I, Surendra Singh Thakur, S/o- Late Ananda Singh Thakur, resident of Vill.- Satidarha, Po.- Kapasira, Tah.- Ambabhona, Dist.- Bargarh, Odisha state that, my actual and correct name is Surendra Singh Thakur but in my Adhar Card my name has been mentioned as Suren Singh Thakur. Both the names Surendra Singh Thakur and Suren Singh Thakur belongs to one and same person.

**LOST**
By this time one person namely Sri Bisikeshan Lima, aged about 46 years, S/o.: Sri Erana Lima, of Village: Jagannathpur, PO.: Kujasingh, P.S.: Serango, Dist.: Gajapati, At/Pre: Krishna Nagar, Near Ranipenta, PO.: Jeeba, P.S.: Paralakhemundi, Tahasil: Gumma, District: Gajapati, Aadhar No.: 7549 0979 2479 appeared at PS and presented a written report that, He own a piece of Land situated in the revenue Village/Mouza: Upalasing which is bearing new RoR vide Khata No.: 85/927, Plot No.: 359/903 for Ac.0041 Dec, Kissam: Gharabari, being purchased by me vide RSD No.: 10552002524 Dt.01.10.2020 from one Sri Korada Dandasi, that the above Sri Korada Dandasi purchased the said land from one Sri Sankar Prasad Boxi vide RSD No.: 10551602338 Dt.07.09.2016, which has been, given by Sri Korada Dandasi to him at the time of registration of his sale deed. But the said original link Sale Deed bearing RSD No.: 10551602338 Dt.07.09.2016 has been misplaced at our home at Krishna Nagar, Near Ranipenta i.e. on 04.05.2025 and in spite of their best efforts, the same could not be traced out. Hence, he reported at PS. Noted the fact in GD for future references.

## ଜିଲ୍ଲାସ୍ତରୀୟ ବିକଶିତ ପରାମର୍ଶ କର୍ମଶାଳା

# ବିଧାୟକଙ୍କ ବକ୍ତବ୍ୟ; ଅଧ୍ୟକ୍ଷଙ୍କ ଶାଣିତ ପ୍ରତିବାଦ

ନୟାଗଡ଼,୧୬।୬(ସମିସ)



ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ନୟାଗଡ଼ ଜିଲ୍ଲା ପରିଷଦ ସୃଜନ ସଭାଗୃହରେ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଉଦ୍ଦେଶ୍ୟରେ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ରଖିବା ସହ ଦେଶକୁ ବିକଶିତ କରିବା ପାଇଁ ବିକଶିତ ଓଡ଼ିଶାର ଆବଶ୍ୟକତା ସମ୍ପର୍କରେ ଆଲୋଚନା ରଖିଥିଲେ। ବିକଶିତ ଓଡ଼ିଶା ପାଇଁ ବିକଶିତ ନୟାଗଡ଼ ଗଠନ କରିବା ପାଇଁ ଆହ୍ୱାନ ଦେବା ସହ ସମସ୍ତଙ୍କ ପରାମର୍ଶ ଲୋଡ଼ିଥିଲେ। ଏସବୁ ପାଇଁ ୩ଟି ସ୍ତମ୍ଭ ଦେଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିଥିଲେ। ଆରୋଗ୍ୟ, ସମୃଦ୍ଧି ଏବଂ ସମଗ୍ର ବିକାଶକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପରିକଳ୍ପନା କରିଥିଲେ। ନୟାଗଡ଼ରେ ପର୍ଯ୍ୟଟନ ସମୃଦ୍ଧି ଭରପୂର ରହିଛି। ଜଳସେଚନ କ୍ଷେତ୍ରରେ ଆମେ ଆଗକୁ ଯାଉଛେ ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ଖଣ୍ଡପଡ଼ା ବିଧାୟକ ମୂଳ ସମସ୍ୟାକୁ ଦୂରୀଭୂତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେବା ସହ ୨୪ ବର୍ଷ ମଧ୍ୟରେ କିଛି ବିକାଶ ହୋଇ ନ ଥିବା କହିଥିଲେ। ଯାହାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିଜ ବକ୍ତବ୍ୟରେ ଶାଣିତ ପ୍ରତିବାଦ ଜଣାଇଥିଲେ।

୨୦୦୦ ମସିହାରେ ରାଜ୍ୟର ସ୍ଥିତି ଓ ଏବେକାର ସ୍ଥିତିକୁ ତଥ୍ୟଭିତ୍ତିକ ତୁଳନା ଉପସ୍ଥାପନ କରିଥିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷ। ଏବେ ରାଜ୍ୟର ବିକାଶ ଏବଂ ଜିଲ୍ଲାର ବିକାଶ କେଉଁ ସ୍ତରରେ ପହଞ୍ଚିଛି ତାହାକୁ ଆଲୋଚନା ରଖିଥିଲେ। ବିଦ୍ୟାଳୟ ରୂପାନ୍ତରଣ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉନ୍ନତି ଆସିଥିବା ଏବଂ ଘରୋଇ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମୁହଁ ଫେରାଇ ସରକାରୀ ବିଦ୍ୟାଳୟରେ ପାଠ ପଢ଼ିବାକୁ ଆଗ୍ରହୀ ହେଉଥିବା ସୂଚନା ଦେଇଥିଲେ। ନୟାଗଡ଼ ଜିଲ୍ଲା ଏବେ ଶିକ୍ଷାର ପ୍ରାଣକେନ୍ଦ୍ର ପାଟିଥିବା ସୂଚନା ଦେଇଥିଲେ। ପୂର୍ବରୁ ରହିଥିବା ପର୍ଯ୍ୟଟନ କ୍ଷେତ୍ର ସହ ନୟାଗଡ଼ ଜିଲ୍ଲା ଫତେଗଡ଼ ରାମ ମନ୍ଦିର, ଜାମୁକୋଣ ବୈଷ୍ଣୋଦେବୀ, ବଲାଙ୍ଗୀ ପାର୍କ ଓ ବରକନ୍ୟା ଝରଣାକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ ଦାବି କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗାଁର ଉନ୍ନତି ହୋଇଥାଏ। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍ ଅଧୀନରେ ରହିଥିବା ୧୭୦୨ ଗାଁର ଉନ୍ନତି ପାଇଁ ଗୁରୁତ୍ୱ ଦେଇଥିଲେ। ବଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ଯେତିକି ଜରୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କରିବା ନିହାତି ଜରୁରୀ। ଏଗୁଡ଼ିକ ପଞ୍ଚାୟତ ଅଧୀନରୁ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନକୁ ଯିବା ପରେ ତାହାର ଜଳଧାରଣା କ୍ଷମତା କମିବା ସହ ଜଳସେଚିତ ଅଞ୍ଚଳ ହ୍ରାସ ପାଇଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଥିଲେ। ବାଚସ୍ପତି ତାଙ୍କ ବକ୍ତବ୍ୟରେ ନୟାଗଡ଼ ଜିଲ୍ଲାକୁ ଶିଳ୍ପ ସମୃଦ୍ଧ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତାବ ରଖିଥିଲେ। ଜିଲ୍ଲାକୁ ୫୮୨ଟି ଅମୃତ ସରୋବର ନିର୍ମାଣ ପାଇଁ ଯୋଜନା ରହିଥିଲା। ତାହା ମଧ୍ୟରୁ ୧୦୦ଟି କାର୍ଯ୍ୟ ସରିଥିବାବେଳେ ଅନ୍ୟଗୁଡ଼ିକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ବିକଶିତ କର୍ମଶାଳା ବୈଠକରେ ନୟାଗଡ଼ ଓ ଦଶପଲ୍ଲା ବିଧାୟକ ଅନୁପସ୍ଥିତ ରହିଥିବାରୁ ବାଚସ୍ପତି ଦୁଃଖ ପ୍ରକାଶ କରିଥିଲେ। ଜିଲ୍ଲା ବିକାଶରେ ଦଳ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି କହିଥିଲେ। ବ୍ୟକ୍ତିଗତ ଭାବେ ଉଭୟ ବିଧାୟକଙ୍କ ସହ କଥା ହେବେ ବୋଲି କହିଥିଲେ। ଏହି ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍ ଅଧ୍ୟକ୍ଷ, ପୌର ପରିଷଦ ଓ ଏନ୍ଏସି ଅଧ୍ୟକ୍ଷ, ବିଡିଓ, ଏନ୍ଏସି ନିର୍ବାହୀ ଅଧିକାରୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## 'ନୟାଗଡ଼ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଆବଶ୍ୟକ'

ସୃଜନ ସଭାଗୃହରେ ଜିଲ୍ଲାସ୍ତରୀୟ ବିକଶିତ ପରାମର୍ଶ କର୍ମଶାଳାରେ ପ୍ରଭାରୀ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇଥିଲେ। ଜିଲ୍ଲାପାଳଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଆଲୋଚନାରେ ବିଭିନ୍ନ ବର୍ଗର ଲୋକ ମତପୋଷଣ କରିଥିଲେ। ଶିକ୍ଷା ବିଷୟ ଆଲୋଚନା ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଶିକ୍ଷା ବିକାଶ ଉପରେ ଆଲୋଚନା ରଖିଥିଲେ। ଉଚ୍ଚଶିକ୍ଷା କ୍ଷେତ୍ରରେ ନୟାଗଡ଼ ଶିକ୍ଷାର ପ୍ରାଣକେନ୍ଦ୍ର ପାଲଟିଥିବା ଏବଂ ନୟାଗଡ଼ ଜିଲ୍ଲା ରାଜ୍ୟରେ ଗୌରବ ଅର୍ଜନ କରୁଥିବା ଅଧ୍ୟାପକ ଦିଲ୍ଲୀପ କୁମାର ମିଶ୍ର କହିଥିଲେ। ବାଣିଜ୍ୟ ଓ ବିଜ୍ଞାନରେ ନୟାଗଡ଼ ଜିଲ୍ଲା +୨ରେ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। କଳାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଉଚ୍ଚଶିକ୍ଷା କ୍ଷେତ୍ରକୁ ବିସ୍ତାରିତ କରିବା ପାଇଁ ହେଲେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ଚେଷ୍ଟା କରାଯିବା ଆବଶ୍ୟକ ବୋଲି ମତ ରଖିଥିଲେ। ଏହା ସହିତ ନୟାଗଡ଼ କଲେଜରେ ବିଷୟଭିତ୍ତିକ ପିଜି କ୍ଲାସ୍ ଖୋଲିବା ଏବଂ ଏମ୍ବିଏ ପାଠ୍ୟକ୍ରମ ଖୋଲିବା ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପକ ଆଶୁତୋଷ ମିଶ୍ର କଣ୍ଟିଲୋ କଣ୍ଟେଇମୁଣ୍ଡି ବାଇଗଣ ଏବଂ ନୟାଗଡ଼ ଛେନାପୋଡ଼କୁ ପ୍ରୋତ୍ସାହନ କରିବା ଆବଶ୍ୟକ ବୋଲି ପରୋକ୍ଷରେ କହିଥିଲେ। ଶିଳ୍ପ ବିକାଶକୁ ଗୁରୁତ୍ୱ ଦେଇ ତାଙ୍କ ବକ୍ତବ୍ୟ ରଖିଥିଲେ। ସେହିଭଳି ବିଭିନ୍ନ ଅନୁଷ୍ଠାନ ଏବଂ ବିଭିନ୍ନ ସଂସ୍ଥାରୁ ନିମନ୍ତ୍ରିତ ବ୍ୟକ୍ତିମାନେ ଜିଲ୍ଲା ବିକାଶକୁ ନେଇ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

## ପ୍ରତିଶ୍ରୁତି ପରେ ଡାକ୍ତରଙ୍କ ଆନ୍ଦୋଳନ ସ୍ଥଗିତ

**ନୟାଗଡ଼,୧୬।୬(ସମିସ):** ଚିକିତ୍ସା ଅବହେଳାରୁ ମା' ଓ ଗର୍ଭସ୍ଥ ଶିଶୁ ମୃତ୍ୟୁ ଘଟଣାରେ ଡାକ୍ତରଙ୍କୁ ମାଡ଼ ମାରିଥିବା ବ୍ୟକ୍ତିଙ୍କୁ ଗିରଫ ଦାବିରେ ନୟାଗଡ଼ ଜିଲ୍ଲାର ଡାକ୍ତରମାନେ ନିରବ ପ୍ରତିବାଦ କରି ଆସୁଛନ୍ତି। ଆସନ୍ତା ୧୭ ତାରିଖରୁ ବହିଃବିଭାଗ ବନ୍ଦ କରିବା ପାଇଁ ଓ ପୁଲିସକୁ ଅସହଯୋଗ କରିବା ପାଇଁ ଡାକ୍ତରମାନେ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରବିବାର ନୟାଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଓ ଟାଉନ୍ ଥାନା ଅଧିକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୁଖ୍ୟ ଚିକିତ୍ସାଧିକାରୀ ଏବଂ ସମସ୍ତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨୦ ତାରିଖ ମଧ୍ୟରେ ଆକ୍ରମଣକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ଡାକ୍ତର ସଂଘ ମଧ୍ୟ ସହମତି ପ୍ରଦାନ କରି କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। ଯଦି ୨୦ ତାରିଖ ମଧ୍ୟରେ ଆକ୍ରମଣକାରୀ ଗିରଫ ନ ହୁଏ ଆସନ୍ତା ୨୧ ତାରିଖରୁ ଜରୁରୀକାଳୀନ ସେବା ଜାରି ରଖି ବହିଃବିଭାଗ ରୋଗୀ ସେବା ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଓଜେଇ ପରୀକ୍ଷାରେ ଆଲୋକ ଜିଲ୍ଲା ଟପ୍ପର



**ଓଡ଼ଗାଁ,୧୬।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ସନ୍ନିକଟ ବନ୍ଧାଭୂଇଁ ଗାଁର ପ୍ରମୋଦ ସାହୁଙ୍କ ପୁଅ ଆଲୋକ ସାହୁ ଓଜେଇ ପରୀକ୍ଷାରେ ନୟାଗଡ଼ ଜିଲ୍ଲାରେ ଟପ୍ପର ହୋଇଥିବାବେଳେ ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ବାହାଡ଼ାଝୋଲା ଶିକ୍ଷା କ୍ଷେତ୍ରରେ ଅନଗ୍ରସର ହୋଇ ରହିଥିବା ନେଇ ସାଧାରଣରେ ପ୍ରଶ୍ନ ଉଠୁଥିବାବେଳେ ଆଲୋକଙ୍କ ସଫଳତା ସମସ୍ତଙ୍କ ସନ୍ଦେହରେ ପୂର୍ଣ୍ଣଚ୍ଛେଦ ପକାଇଛି। ଏହି ସଫଳତାରେ କେବଳ ଓଡ଼ଗାଁ କିମ୍ବା ବାହାଡ଼ାଝୋଲା ଅଞ୍ଚଳ ନୁହେଁ, ସମଗ୍ର ନୟାଗଡ଼ ଜିଲ୍ଲାରୁ ଶୁଭେଚ୍ଛାର ଶୁଅ ଛୁଟୁଛି ତାଙ୍କ ନିକଟକୁ। ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ଆଲୋକ ପାଠପଢ଼ା ସହିତ ଇଲେକ୍ଟ୍ରିକ୍ ୱେୟାରିଙ୍ଗ୍ ସହିତ ୱାଟର ପ୍ୟୁରିଫାୟର କାର୍ଯ୍ୟ କରି ପରିବାରର ଗୁଜୁରାଣ ମେଣ୍ଟାଇବା ସହିତ ନିଜର ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ସେ ବର୍ତ୍ତମାନ ଚାହୁଁଥିବା ଟେକ୍ନିକାଲ ବି-ଟେକ୍ ପାଠ ପଢ଼ିବା ନିମନ୍ତେ ସୁଯୋଗ ପାଇପାରିବେ ବୋଲି ଜଣାପଡ଼ିଛି।

## ସାଙ୍ଗକୁ ଛୁରି ଭୁସି ହତ୍ୟା ଘଟଣା; ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ



**ଗଣିଆ,୧୬।୬(ସମିସ):** ଗଣିଆ ବ୍ଲକ୍ ଅନ୍ତର୍ଗତ କିଶୋରପ୍ରସାଦ ପଞ୍ଚାୟତ ପାଣ୍ଡରାସିଂହା ଗ୍ରାମରେ ସାଙ୍ଗକୁ ସାଙ୍ଗ ଛୁରି ଭୁସି ହତ୍ୟା କରିଥିବା ଘଟଣାରେ ସୋମବାର ମୁଖ୍ୟ ଅଭିଯୁକ୍ତ ଗଙ୍ଗାଧର ରାଉତଙ୍କ ସମେତ ଘରେ ଲୁଚାଇ ରଖିଥିବା ଅଭିଯୋଗରେ ଭାଉଜ, ପୁତୁରା ଓ ଗଙ୍ଗାଧରର ନାବାଳକ ପୁଅ ହତ୍ୟାରେ ବ୍ୟବହୃତ ଛୁରିକୁ ବାରିପଟ କୂଅରେ ପକାଇବା ଘଟଣାରେ ୪ ଜଣଙ୍କୁ ଗଣିଆ ପୁଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ପାଣ୍ଡରାସିଂହା ଗ୍ରାମରେ ଦୁଇ ସାଙ୍ଗ ମଧ୍ୟରେ ମଦ ପିଇବା ପରେ ଯୁକ୍ତିତର୍କ ହୋଇଥିଲା। ରାଗିଯାଇ ଗଙ୍ଗାଧର ରାଉତ ସାଙ୍ଗ ପୁରୁଷୋତ୍ତମ ପ୍ରଧାନଙ୍କୁ ଏକ ଛୁରିରେ ଛାତିକୁ ଭୁସି ଦେଇଥିଲା। ହତ୍ୟାକାଣ୍ଡ ପରେ ଗଙ୍ଗାଧର ନିଜ ବଡ଼ଭାଇଙ୍କ ଘରେ ଲୁଚି ରହିଥିଲା। ଛୁରିଟିକୁ ନିଜ ବଡ଼ଭାଇଙ୍କ ବାଡ଼ିରେ ଫିଙ୍ଗି ଦେଇଥିଲା। ପରେ ଅଭିଯୁକ୍ତର ପୁତୁରା ଛୁରିଟିକୁ ତାଙ୍କ ବାସନମଜା ସ୍ଥାନକୁ ଫିଙ୍ଗି ଦେଇଥିଲେ। ଅଭିଯୁକ୍ତର ନାବଳକ ପୁଅ ଛୁରିଟିକୁ ନେଇ ଗାଁଠାରୁ ୫୦୦ ମିଟର ଦୂରରେ ଥିବା ମନ୍ଦିର ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ପକାଇ ଦେଇଥିଲା। ରବିବାର ଗଣିଆ ପୁଲିସ ଅଭିଯୁକ୍ତକୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରିଥିଲେ। ଗଣିଆ ଅଗ୍ନିଶମ କର୍ମଚାରୀ କୂଅରୁ ପାଣି ଶୁଖେଇଲା ପରେ ଛୁରିଟିକୁ ବାହାର କରିଥିଲେ। ଏହି ଘଟଣାରେ ଅଭିଯୁକ୍ତର ଭାଉଜ ନିବାସୀ ରାଉତ, ପୁତୁରା ଶୁଭମ୍ ରାଉତ ଓ ନାବାଳକ ପୁଅକୁ ଗଣିଆ ଥାନାକୁ ଆଣି ଅଧିକ ପଚରାଉଚରା କରିବା ପରେ ୪ ଜଣଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା। ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ସୂଚନା ଦେଇଛନ୍ତି।

## କୂଅରେ ପଡ଼ି ମହିଳା ମୃତ

**ଭାପୁର,୧୬।୬(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଧାନଚାଙ୍ଗଡ଼ା ପଞ୍ଚାୟତ କଲଟାଙ୍ଗୀ ଗ୍ରାମରେ ରବିବାର ବିଳମ୍ବିତ ରାତିରେ କୂଅରେ ପଡ଼ି ଜଣେ ବିଧବା ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବିନୋଦିନୀ ମୁକୁଟ। ରବିବାର ରାତିରେ ଭାପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଭାପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୁଲିସ ଶବ ଜବତ କରି ଖଣ୍ଡପଡ଼ା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗାଁ ଶ୍ମଶାନରେ ସୋମବାର ଅପରାହ୍ଣରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ ମହିଳାଙ୍କ ତିନି ଝିଅ ଓ ଗୋଟିଏ ପୁଅ ରହିଛନ୍ତି।

## ବେଦ ବିଜ୍ଞାନ ଗବେଷଣା କେନ୍ଦ୍ର ପାଇଁ କାର୍ଯ୍ୟାରମ୍ଭ

**ଭାପୁର,୧୬।୬(ସମିସ):** ଭାରତୀୟ ଆର୍ଯ୍ୟ ସଂସ୍କୃତି ବେଦ ମଧ୍ୟରେ ବିଜ୍ଞାନର ସତ୍ତା ରହିଥିବା ସବୁବେଳେ ପ୍ରମାଣିତ କରିଛି। ଯୁବ ସମାଜକୁ ଉଭୟ ବେଦ ଓ ବିଜ୍ଞାନ ମନସ୍କ କରିବା ପାଇଁ ଭାପୁର ବ୍ଲକ୍‌ରେ ଏକ ସାଧୁ ଉଦ୍ୟମ ଆରମ୍ଭ ହୋଇଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଜହରକୋଟ ଶାନ୍ତି ଆଶ୍ରମ ନିକଟରେ ବେଦ ବିଜ୍ଞାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଆଶ୍ରମର ପ୍ରତିଷ୍ଠାତା ସ୍ୱର୍ଗତ ସ୍ୱାମୀ ବିଜୟାନନ୍ଦଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ତାଙ୍କର ପୁଅ ନାସାରେ ଥିବା ବୈଜ୍ଞାନିକ ଡ. ପରାଙ୍କା ଶ୍ରୀ ଭୁପାଲ ଦେବ ଓ କନ୍ୟା ପ୍ରାଧ୍ୟାପିକା ଡ. ପରାମ୍ବାଶ୍ରୀ ଯୋଗମାୟା ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସୋମବାର ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ବସିଥିଲା। ଏହି ବୈଠକରେ ସର୍ବସମ୍ମତିକ୍ରମେ ଅନୁଷ୍ଠାନର ମୁଖ୍ୟ ଭାବେ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ, ଶୁଭେନ୍ଦ୍ର ପଟ୍ଟନାୟକ, ଆଡ୍‌ଭୋକେଟ ପ୍ରସନ୍ନ କୁମାର ପଣ୍ଡା, ମହାରାଜ ନିତ୍ୟାନନ୍ଦ ଦାଶ ଓ ଶାନ୍ତି ଆଶ୍ରମର ବର୍ତ୍ତମାନ ମୁଖ୍ୟ ଗାୟତ୍ରୀ ଦେବୀ ରହିବେ। ଅନ୍ୟ ପ୍ରମୁଖ ସଭ୍ୟ/ସଭ୍ୟା ଭାବେ ସବିତା ଶୁକ୍ଲା, ନାରାୟଣ ଶୁକ୍ଲା, ପ୍ରମୋଦ ତ୍ରିପାଠୀ ଉଲ୍ଲାସ ବିହାରୀ, ସୁନୀଲ ପଟ୍ଟନାୟକ ଓ ସୁଶୀଲ ପଟ୍ଟନାୟକ ରହିଛନ୍ତି। ଏହା ସହ ଉପଦେଷ୍ଟା ଭାବେ ଦେଶର ନାମୀଦାମୀ ବୈଜ୍ଞାନିକ ଓ ବେଦଜ୍ଞ ପ୍ରାଧ୍ୟାପକ ରହିଛନ୍ତି।

## କଳାବ୍ୟାଜ୍ ପିନ୍ଧିଲେ ବନ କର୍ମଚାରୀ

**ଗଣିଆ,୧୬।୬(ସମିସ):** ବନ କର୍ମଚାରୀଙ୍କ ସୁରକ୍ଷା ନେଇ ବନ କର୍ମଚାରୀ ସଂଘ ତରଫରୁ ରାଜ୍ୟ ସରକାରଙ୍କ ନିକଟରେ ୩ ଦଫା ସମ୍ବଳିତ ଦାବି ନେଇ ଗତ ରବିବାରଠାରୁ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ବନ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ଗତ ମେ' ୨୩ ତାରିଖ ରାତିରେ ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳରେ କାର୍ଯ୍ୟରତ ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କର ଶିକାରୀ ଗୁଳିରେ ମୃତ ଘଟଣାକୁ ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା, ରାଜ୍ୟ ସରକାର ଏକ ଫରେଷ୍ଟ କମିଶନ ଗଠନ କରିବା ସହ ସରକାରଙ୍କୁ ୨ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ଓ ସମସ୍ତ ବନ ଏବଂ କ୍ଷେତ୍ର ଅଧିକାରୀଙ୍କୁ ଜାତୀୟ ବ୍ୟାଙ୍କ ଜରିଆରେ ପୁଲିସ ଭଳି ସାଲାରୀ ପ୍ୟାକେଜ୍, ଇନ୍ସ୍ୟୁରାନ୍ସ ପ୍ରଦାନ ଦାବି ରହିଛି। ଆସନ୍ତା ୨୧ ତାରିଖ ସୁଦ୍ଧା ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ୨୨ ତାରିଖଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସମୂହ ଛୁଟିରେ ରହି ଆର୍‌ସିସିଏଫ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୟୁନିଫର୍ମ ପିନ୍ଧି ଧାରଣା ପ୍ରଦର୍ଶନ କରିବେ ବୋଲି ସୂଚନା ମିଳିଛି।

**ଓଡ଼ଗାଁ:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ବନରକ୍ଷୀ ଓ ବନପାଳମାନେ ରବିବାରଠାରୁ କଳାବ୍ୟାଜ୍ ପିନ୍ଧି ସରକାରଙ୍କ ନିକଟରେ ସମସ୍ତ କ୍ଷେତ୍ର କର୍ମଚାରୀଙ୍କ ସୁରକ୍ଷା ପାଇଁ ଦାବି ଜଣାଇଛନ୍ତି। ଓଡ଼ଗାଁ ବନାଞ୍ଚଳର ବନ କର୍ମଚାରୀ ବନପାଳ ସରିତା ବରାଳ, ମନୋଜ ସେଠୀଙ୍କ ସହିତ ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ମାନସ ରଞ୍ଜନ ମିଶ୍ର, ଦିଲ୍ଲୀପ ପ୍ରଧାନ, ସୁନିଲ ନାୟକ, ବିଶ୍ୱଜିତ୍ ସାମନ୍ତରାୟ, ବିନତି ପାଲଟାସିଂ, ଦୀପ୍ତିମୟୀ ରାଉତ, ଅଲିଭା ବରାଳ, କବିର ସାହୁ ପ୍ରମୁଖ କଳାବ୍ୟାଜ୍ ପିନ୍ଧି ଦାବିକୁ ସମର୍ଥନ କରିଛନ୍ତି।

● ଉମାଦେବୀ ରଜ ମହୋତ୍ସବ ତୃତୀୟ ସନ୍ଧ୍ୟା

## 'ଦୃଢ଼ ଇଚ୍ଛାଶକ୍ତି ହିଁ ଉତ୍ସବକୁ ମହୋତ୍ସବରେ ପରିଣତ କରେ'




ଖଣ୍ଡପଡ଼ା,୧୬।୬(ସମିସ): ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ମା' ଉମାଦେବୀଙ୍କ ରଜ ମହୋତ୍ସବର ସୋମବାର ତୃତୀୟ ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ଗିରିଜା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଦୃଢ଼ ଇଚ୍ଛାଶକ୍ତି ହିଁ ଉତ୍ସବକୁ ମହୋତ୍ସବରେ ପରିଣତ କରିଥାଏ ବୋଲି ନିଜର ମତ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ଡ. ଅଭିସାର ପଣ୍ଡା ଏବଂ ସମାଜସେବୀ ବିନୋଦିନୀ ମହାନ୍ତି ମଞ୍ଚାସିନ ରହି ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୋମବାର ତୃତୀୟ ସନ୍ଧ୍ୟାରେ ଖଣ୍ଡପଡ଼ା କାଦୁଆସାହି ରାମ ନାଟକ ଉପସ୍ଥିତ ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଖଣ୍ଡପଡ଼ାର ଅଗ୍ରଣୀ ଧାର୍ମିକ ଅନୁଷ୍ଠାନ ମା' ଉମାଦେବୀ ଉନ୍ନୟନ ପରିଷଦ ପକ୍ଷରୁ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି। ସୋମବାର ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ମା' ଉମାଦେବୀଙ୍କୁ ଦର୍ଶନ କରିବା ସହିତ ଏଠାରେ ସୁସଜ୍ଜିତ ରଜ ଦୋଳିରେ ଝିଅ-ବୋହୂମାନେ ଦୋଳି ଖେଳି ଖୁସି ହେଉଥିବାର ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ପରିଷଦର ସମ୍ପାଦକ ପ୍ରଦୀପ୍ତ କିଶୋର ମିଶ୍ର ଏବଂ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ରଜ କୁଇନ୍ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀମାନଙ୍କୁ ଚୟନ ଆଧାରରେ ମଙ୍ଗଳବାର ଅନ୍ତିମ ସନ୍ଧ୍ୟାରେ ପୁରସ୍କୃତ କରାଯିବ ବୋଲି ସୂଚନା ରହିଛି।

## ଓଡ଼ଗାଁ କଲେଜରେ ଖୋଲିଲା +୨ ବାଣିଜ୍ୟ

**ଓଡ଼ଗାଁ,୧୬।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବାଣିଜ୍ୟ ବିଭାଗ ପାଠ୍ୟକ୍ରମ ଖୋଲିଲା। ନିର୍ଦ୍ଦେଶକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାଙ୍କ ତା. ୧୩.୬.୨୦୨୫ ରିଖ ପତ୍ର ସଂଖ୍ୟା ୭୮୧୯ ଅନୁଯାୟୀ ବାଣିଜ୍ୟ ବିଭାଗରେ ୩୨ ସିଟ୍ ପାଇଁ ଅନୁମତି ମିଳିଥିବାବେଳେ ଚଳିତ ଶିକ୍ଷାବର୍ଷରୁ ଛାତ୍ରଛାତ୍ରୀମାନେ ଏଥି ନିମନ୍ତେ ଆବେଦନ କରିପାରିବେ। ବାଧ୍ୟତାମୂଳକ ଭାବେ ଇଂରାଜୀ ଏବଂ ଓଡ଼ିଆ ବିଷୟ ସହିତ ଇଚ୍ଛାଧୀନ ବିଷୟ ଭାବରେ (ଆକାଉଣ୍ଟାନ୍ସି, ବିଏସ୍ଏମ୍, ବିଏମ୍ଏସ୍, ଆଇଟି, ବିଆଇସିଏ), ଫଣ୍ଡାମେଣ୍ଟାଲ ଅଫ୍ ଏଣ୍ଟରପ୍ରିନରସିପ୍ ଆଣ୍ଡ କଷ୍ଟ ଆକାଉଣ୍ଟିଙ୍ଗ୍, ଫଣ୍ଡାମେଣ୍ଟାଲ ଅଫ୍ ଏଣ୍ଟରପ୍ରିନରସିପ୍ ଆଣ୍ଡ ଫଣ୍ଡାମେଣ୍ଟାଲ ଅଫ୍ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟିଙ୍ଗ୍। ୧୯୭୮ ମସିହାରେ ଓଡ଼ଗାଁ କଲେଜ ସ୍ଥାପନା ସମୟରୁ ଆଇଏ ଓ ଆଇକମ୍ (କଳା ଏବଂ ବାଣିଜ୍ୟ) ବିଭାଗରେ ଏବଂ ପରବର୍ତ୍ତୀ ସମୟରେ ବିଏ ଓ ବି.କମ୍ (କଳା ଏବଂ ବାଣିଜ୍ୟ) ବିଭାଗରେ ପାଠ୍ୟକ୍ରମ ଚାଲୁ ରହିଥିବାବେଳେ ପରବର୍ତ୍ତୀ ସମୟରେ କୌଣସି କାରଣରୁ ବାଣିଜ୍ୟ ବିଭାଗରେ ଛାତ୍ରଛାତ୍ରୀଙ୍କ ନଗଣ୍ୟ ଉପସ୍ଥିତି ଫଳରେ ୨୦୦୫ ପରଠାରୁ ବାଣିଜ୍ୟ ବିଭାଗ ଓଡ଼ଗାଁ କଲେଜରେ ବନ୍ଦ ରହିଥିଲା। ସାମ୍ପ୍ରତିକ ସମୟରେ ବାଣିଜ୍ୟ ପାଠ୍ୟକ୍ରମ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ପ୍ରକାଶ ପାଇଥିବାରୁ କଲେଜ ପ୍ରଶାସନ ତରଫରୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ସୁପାରିସ୍ କ୍ରମେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଫଳରେ ଏଥିନିମନ୍ତେ ଅନୁମତି ପାଇବା ପରେ ଶିକ୍ଷା ପ୍ରେମୀ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

**ଚଳିତ ଶିକ୍ଷାବର୍ଷରୁ ଆବେଦନ କରିବେ ଛାତ୍ରଛାତ୍ରୀ**

## ଓଡ଼ଗାଁ କ୍ରିକେଟ ଲିଗ୍: ଏସ୍ଆର୍ଏସି ଚାମ୍ପିଅନ

**ଓଡ଼ଗାଁ,୧୬।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମ୍‌ଠାରେ ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୧୬ତମ ଓଡ଼ଗାଁ କ୍ରିକେଟ୍ ଲିଗ୍ (ଓସିଏଲ୍)-୨୦୨୫ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଏସ୍ଆର୍ଏସି ଚାମ୍ପିଅନ୍ ହୋଇଥିବାବେଳେ ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସକୁ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏସ୍ଆର୍ଏସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୨ ଓଭରରେ ୯ ୱିକେଟ୍ ହରାଇ ୬୦ ରନ୍ ସଂଗ୍ରହ କରିଥିଲା। ଏହାର ମୁକାବିଲା କରିବାକୁ ଯାଇ ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ ୧୦.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୪୧ ରନ୍ କରି ୧୯ ରନ୍ ବ୍ୟବଧାନରେ ମ୍ୟାଚ୍ ହାରି ଯାଇଥିଲା। ଉଭୟ ଦଳ ମଧ୍ୟରେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବାରୁ ଦଳିୟ ସ୍କୋର କମ୍ ରହିଥିଲା। ଚାମ୍ପିଅନ୍ ଦଳର ବାଲିଆ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ୩ୟ ରନର୍ସ ଅପ୍ ଭାବେ ସ୍କାଏ ୱାକର୍ସ, ଦ୍ୱିତୀୟ ରନର୍ସ ଅପ୍ ଇଲେଭେନ ଏମ୍ପରର ହୋଇଥିବାବେଳେ ବେଷ୍ଟ ବୋଲର ଭାବେ ବାଲିଆ ଏବଂ ବେଷ୍ଟ ବ୍ୟାଟ୍ସମ୍ୟାନ୍ ପ୍ରଦିପ ହୋଇଥିଲେ। ପୂର୍ବାହ୍ଣରେ ୨ଟି ସେମି ଫାଇନାଲ୍‌ରେ ୪ ଦଳ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଅଶୋକ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଆଦର୍ଶ ପଟ୍ଟନାୟକ, ସାରସ କୁମାର ମିଶ୍ର, ଅଧିବକ୍ତା ଇନ୍ଦୁ ଭୂଷଣ ମିଶ୍ର, ସନ୍ତୋଷ କୁମାର ପ୍ରଧାନ, ସଂଗ୍ରାମ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରଘୁନାଥ ଆଥ୍‌ଲେଟିକ ଆସୋସିଏସନ୍ ସମ୍ପାଦକ ତଥା ଖେଳ ମଣିଷ ଦିବାକର ନାୟକଙ୍କ ତତ୍ତ୍ୱାବଧାନରେ ଦୈନିକ ଖେଳର ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା।




**ନୟାଗଡ଼ ବିକାଶ ମେଳା ୫ମ ସନ୍ଧ୍ୟା**

## ମନ୍ତ୍ରୀଙ୍କ ପାଇଁ ଗହଳି; ପରେ ଖାଁ ଖାଁ

ନୟାଗଡ଼,୧୬।୬(ସମିସ)



ନୟାଗଡ଼ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେଉଥିବା ବିକାଶ ମେଳା ୫ମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ ଓ ବୟନ ଶିଳ୍ପ ଏବଂ ସମବାୟ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇଥିଲେ। ପ୍ରଭାରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ପାଇଁ ଲୋକ ଯୋଗାଡ଼ ହୋଇଥିଲା। ଗାଡ଼ି କରି ବିଭିନ୍ନ ବ୍ଲକ୍‌ରୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ କାର୍ଯ୍ୟକ୍ରମକୁ ଅଣାଯାଇଥିଲା। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସ୍ୱାଗତ ଭାଷଣ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଅଭିଭାଷଣରେ କହିଥିଲେ ଯେ ୨୦୩୬ ସୁଦ୍ଧା ନୟାଗଡ଼ ଜିଲ୍ଲା ଅଗ୍ରଣୀ ଜିଲ୍ଲା ଭାବେ ପରିଚିତ ହେବାକୁ ଯାଉଛି, ସେଥିପାଇଁ ଆଜି ପ୍ରଭାରୀ ମନ୍ତ୍ରୀ ଉପସ୍ଥିତିରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବିଧାୟକ ସୁଭଦ୍ରା ଯୋଜନା ଏବଂ ସରକାରଙ୍କ ବହୁମୁଖି କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀଙ୍କର ଦେଶରେ ୧୧ ବର୍ଷର ବିକାଶ ଯୋଜନାରେ ଏବଂ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ପ୍ରତିଶ୍ରୁତି ଦେଇ ପାଳନ କରିଥିବା କଥା ପ୍ରକାଶ କରିଛନ୍ତି। ଯାହାର ସଫଳତା ଶତ ପ୍ରତିଶତ ହୋଇଛି। ସାଢ଼େ ୪ କୋଟି ଓଡ଼ିଆଙ୍କର ସୁନ୍ଦର ଭବିଷ୍ୟତ ପାଇଁ ଆମେ ୨୦୩୬ ସୁଦ୍ଧା ଏହାର ସଫଳତା ପାଇଁ ଏକ ଭିଜନ ରଖିଛୁ। ଏହାପରେ ଜଙ୍ଗଲ ଜମି ପଟ୍ଟା, ରାସନ୍ କାର୍ଡ, ଶ୍ରମିକ କଲ୍ୟାଣ ମୃତ୍ୟୁ କ୍ଷତିପୂରଣ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ ଧନ୍ୟବାଦ ଦେଇଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ପରେ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ମହିଳାମାନେ ଚାଲି ଯାଇଥିଲେ। ଫଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ବେଳକୁ ପଡ଼ିଆ ଖାଁ ଖାଁ ହୋଇଯାଇଥିଲା।

# ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ



- ୧୯ଟି ପାଣି ନମୁନା ସଂଗ୍ରହ; ମିଠା ଦୋକାନୀକୁ ୧୫ଶହ ଜରିମାନା
- ସୁନ୍ଦରପଦା କୋନ୍ କମ୍ପାନୀକୁ ୨୦ହଜାର ଜରିମାନା ସହ ବନ୍ଦ ନୋଟିସ୍

ଖୋର୍ଦ୍ଧା,୧୬।୬(ସମିସ):

ବେଳକୁ ବେଳ ଝାଡ଼ାବାନ୍ତି ମାଡ଼ି ମାଡ଼ି ଚାଲିଛି। ଯାଜପୁରରୁ ଆରମ୍ଭ ହୋଇଥିବା ହଇଜା ଆତଙ୍କ ଏବେ ଖୋର୍ଦ୍ଧା ଜିଲ୍ଲାକୁ ମାଡ଼ି ଆସିବା ଭୟ ଦେଖାଗଲାଣି। ଏହି ରୋଗ ବ୍ୟାପିବା ପଛରେ ବିଶେଷତଃ ଦୂଷିତ ପାଣି ଓ ବାସି ଖାଦ୍ୟ ବୋଲି କୁହାଯାଉଛି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛି। ତେଣୁ ଖାଦ୍ୟ ଏବଂ ଜଳବାହିତ ରୋଗର ପ୍ରତିରୋଧକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ହୋଟେଲ, ରେସ୍ତୋରାଁ, ଫାଷ୍ଟଫୁଡ୍ ଦୋକାନମାନଙ୍କରେ ଚଢ଼ଉ କରାଯାଉଛି। ବରୁଣେଇରେ ଚାଲିଥିବା ରଜ ମେଳା, ଶିଳ୍ପାଞ୍ଚଳ ସମେତ ଖୋର୍ଦ୍ଧା ସହର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟଫୁଡ୍ ଦୋକାନରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ସେହିପରି ଟାଙ୍ଗୀ, ଜଟଣୀ, ସୁନ୍ଦରପଦାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ବ୍ୟବସାୟୀମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି। ପଚିସଡ଼ି ଯାଇଥିବା ଖାଦ୍ୟ ବିକ୍ରି ନ କରିବାକୁ ତାଗିଦ୍ କରିଛନ୍ତି। ଏଫ୍ଏସ୍ଏସ୍ ଆଇନ, ୨୦୦୬ର ସୂଚୀ-୪ ପାଳନ ସହ କୌଣସି ଦୋକାନରେ ପାଣି ପାଉଚ୍ ଉପଲବ୍ଧ ନ ହେବା ନିଶ୍ଚିତ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବେଆଇନ ପାଣି ବିକ୍ରି ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉବେଳେ ୧୯ଟି ଜାଗାରୁ ପାଣି ନମୁନା (ଖୋଲା ଏବଂ ସିଲ୍) ସଂଗ୍ରହ କରାଯାଇ ଜୀବାଣୁ ବିଶ୍ଳେଷଣ ପାଇଁ ପରୀକ୍ଷା କେନ୍ଦ୍ରକୁ ପଠାଯାଇଛି। ସେହିପରି ଜଟଣୀର ଏକ ମିଠା ଦୋକାନକୁ ୧୫ଶହ ଟଙ୍କା ଜରିମାନା କରାଯାଇଛି। ଏଥିସହିତ ଜଟଣୀ ସୁନ୍ଦରପଦାରେ ଆଇସ୍କ୍ରିମ୍ ଖାଇବାରେ ବ୍ୟବହୃତ କୋନ୍ କମ୍ପାନୀକୁ ୨୦ହଜାର ଜରିମାନା କରାଯିବା ସହ ବନ୍ଦ ପାଇଁ ନୋଟିସ୍ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଚଢ଼ଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ନିବେଦିତା ଭଟ୍ଟ, ରାଜସ୍ୱ ଓ ପୁଲିସକୁ ନେଇ ଗଠିତ ଏନ୍ଫୋର୍ସମେଣ୍ଟ ଟିମ୍ ସାମିଲ ଅଛନ୍ତି। ଏହି ଚଢ଼ଉ ବିଭିନ୍ନ ସ୍ଥାନରେ ଜାରି ରହିବ। ଯେଉଁଠି ଖାଦ୍ୟ ନିମ୍ନମାନର ରହିଛି ସେହି ଖାଦ୍ୟକୁ ନଷ୍ଟ କରାଯାଉଛି। ଏଥିସହ ସମ୍ପୃକ୍ତ ଦୋକାନ/ହୋଟେଲକୁ ନୋଟିସ୍ ଦିଆଯାଉଛି। ଯେଉଁମାନେ ନିୟମ ଖିଲାପ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀମତୀ ଭଟ୍ଟ କହିଛନ୍ତି।

## କମ୍ପାନୀ କାର୍ଯ୍ୟକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ

ଖୋର୍ଦ୍ଧା,୧୬।୬(ସମିସ): ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ନାଲିପଡ଼ା ଅର୍ଜୁନପୁର ପଞ୍ଚାୟତ ହଳଦୀପଦା ମୌଜାରେ ପ୍ରତିଷ୍ଠା ହେବ ବୃହତ୍ ଶିଳ୍ପ। ଏନେଇ ନିକଟରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବାବେଳେ କାର୍ଯ୍ୟ ଏବେ ଆଗେଇ ଚାଲିଛି। ମାତ୍ର ପ୍ରସ୍ତାବିତ ଶିଳ୍ପ ନିର୍ମାଣ କାର୍ଯ୍ୟରେ ବାଧାସୃଷ୍ଟି କରୁଛନ୍ତି କିଛି ଗ୍ରାମବାସୀ। ଏହାକୁ ନେଇ ଶିଳ୍ପ ସପକ୍ଷବାଦୀ ଓ ଉକ୍ତ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏନେଇ ଥାନାରେ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି। ଶରଧାପୁରର ଭଜମନ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ହଳଦୀପଦା ମୌଜାରେ ଏକ କମ୍ପାନୀ କାର୍ଯ୍ୟ ଚାଲିଛି। ସରକାର କମ୍ପାନୀକୁ ଦେଇଥିବା ଜମି ମଧ୍ୟରେ କିଛି କାଜୁଗଛ ରହିଛି। ଏହାକୁ କେନ୍ଦ୍ର କରି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମହିଳାଙ୍କୁ ଡାଲକରି କମ୍ପାନୀ କାର୍ଯ୍ୟକୁ ବିରୋଧ କରୁଛନ୍ତି। ସୋମବାର ସନ୍ଧ୍ୟାରେ ଏହି ଘଟଣାକୁ କେନ୍ଦ୍ରକରି ତହସିଲ୍ କାର୍ଯ୍ୟାଳୟ ପରିସରରେ ହଳଦୀପଦା ଓ ଶରଧାପୁର ଲୋକଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ତହସିଲ୍ଦାରଙ୍କ ଉପସ୍ଥିତିରେ ଏକ ଆଲୋଚନା କରାଯାଇଥିଲା। ମାତ୍ର ଆଲୋଚନା ସରିବା ପରେ ହଳଦୀପଦାର କିଛି ବିଶୃଙ୍ଖଳିତ ଲୋକ ଶରଧାପୁର ଲୋକଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ଏହା ଉଗ୍ରରୂପ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ହଳଦୀପଦାର ପ୍ରଶାନ୍ତ ସାହୁ ସାମାନ୍ୟ ଆହତ ହୋଇଥିଲେ। ପ୍ରଶାନ୍ତ ନିଜେ ତାଙ୍କ ଗାଡ଼ିରେ ନିଜକୁ ଆଘାତ ଦେଇ ଗ୍ରାମବାସୀଙ୍କୁ ଧମକ ଦେଇ ଥାନାରେ ଦେଖିଦେବେ ବୋଲି କହିଥିବା ଭଜମନ ଅଭିଯୋଗ କରିଛନ୍ତି। ଏପରିକି ସେମାନେ ମାରଣାସ୍ତ୍ର ଧରି ଭଜମନ ଓ ତାଙ୍କ ସହାଯୋଗୀଙ୍କୁ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କୁ ଶରଧାପୁର ଗୋଷ୍ଠୀ ଆକ୍ରମଣ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପ୍ରଶାନ୍ତ ଓ ଭଜମନଙ୍କ ପକ୍ଷରୁ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବାରେ ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପୁସ୍ତକ 'ପ୍ରଫୁଲ୍ଲ-ସତ୍ୟ ସ୍ମୃତି' ଲୋକାର୍ପିତ



ନିରାକାରପୁର,୧୬।୬(ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁଠାରେ ପ୍ରାକ୍ତନ ଶିକ୍ଷକ ନେତା ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସପ୍ତମବାର୍ଷିକ ଶ୍ରାଦ୍ଧ ଓ ତାଙ୍କ ସହଧର୍ମିଣୀ ସତ୍ୟପ୍ରିୟା ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଙ୍ଘର ସଭାପତି ପଦ୍ମନାଭ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ଝିଅ ତଥା ସାହିତ୍ୟିକ ପ୍ରତିଭାରାଣୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଆଇନଜୀବୀ ନାରାୟଣ ମହାପାତ୍ର, ଶିକ୍ଷାବିତ୍ ବାଳମୁକୁନ୍ଦ ଦାଶ, ଦୀନବନ୍ଧୁ ଷଡ଼ଙ୍ଗୀ, ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତିଙ୍କ ସମେତ ଚକ୍ରଧର ଦାସ, ମୀନକେତନ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଟ୍ରଷ୍ଟ ତରଫରୁ "ପ୍ରଫୁଲ୍ଲ-ସତ୍ୟ-ସ୍ମୃତି' ପୁସ୍ତକ ଲୋକାର୍ପିତ ହୋଇଥିଲା। ଶେଷରେ ସ୍ୱର୍ଗତ ମହାନ୍ତିଙ୍କ ସୁପୁତ୍ର ପ୍ରଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୮୨ ୟୁନିଟ୍ ରକ୍ତ ସଂଗ୍ରହ

ଟାଙ୍ଗୀ,୧୬।୬(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ଗ୍ରାମପଞ୍ଚାୟତ ସମ୍ମୁଖରେ ଥିବା ରଜପଡ଼ିଆଠାରେ ମା' ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ରଜ ମହୋତ୍ସବ ସୋମବାର ତୃତୀୟ ଦିବସ ବେଶ୍ ଉତ୍ସାହଜନକ ଥିଲା। ଅନ୍ନପୂର୍ଣ୍ଣା ଫାଇନାନ୍ସ ସହଯୋଗରେ ସକାଳେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କୁହୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ସେଣ୍ଟ୍ରାଲ ରେଡ୍କ୍ରସ ବ୍ଲଡ୍ ବ୍ୟାଙ୍କ ମେଡିକାଲ ଅଫିସର ଡାକ୍ତର ଶୁଭ ନାରାୟଣ ମଲ୍ଲିକ ଓ ମିଶନ ରକ୍ତଦାନର ଅଧ୍ୟକ୍ଷ ହର ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ୮ ଜଣିଆ ଟିମ୍ ପକ୍ଷରୁ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ବସ୍ ମଧ୍ୟରେ ସ୍ୱେଚ୍ଛାସେବୀମାନଙ୍କ ରକ୍ତଦାନ ପ୍ରକ୍ରିୟାକୁ ସମ୍ପାଦନ କରି ମୋଟ୍ ୮୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା ଓ ଜିଲ୍ଲା ପରିଷଦ ସଭ୍ୟ ବିଜୟ ଜେନା ଆନୁଷ୍ଠାନିକ ଭାବରେ ନିଜେ ରକ୍ତଦାନ କରି ଉଦ୍ଘାଟନ କରିଥିଲେ। ଏହା ପରେ ସାଂସ୍କୃତିକ ସନ୍ଧ୍ୟାରେ ନୃତ୍ୟ ଗୀତରେ ଝୁମିଥିଲେ ଦର୍ଶକ। ପରେ ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତାର ତୃତୀୟ ରଜନୀରେ ପାରାଦ୍ୱୀପସ୍ଥିତ କଳା ସାଂସ୍କୃତିକ ପରିଷଦ ପକ୍ଷରୁ ସାମାଜିକ ନାଟକ "ଅଦେଖା ଲୁହ' ମଞ୍ଚସ୍ଥ ହୋଇଥିଲା।

## ରଜ ମହୋତ୍ସବରେ ପାରମ୍ପରିକ ପ୍ରତିଯୋଗିତା



ବେଗୁନିଆ,୧୬।୬(ସମିସ): ବେଗୁନିଆସଦରମହକୁମାରନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ର କାନନ ପରିସରରେ ପତିତପାବନ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବର ତୃତୀୟ ଦିନରେ ପାରମ୍ପରିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଝୋଟି, ଅନ୍ଧ ପୁଟୁଳି, କୁଇଜ୍ ଓ ମେହେନ୍ଦି ପ୍ରତିଯୋଗିତାରେ ମହିଳା, କିଶୋରୀ ବାଳିକା ଓ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ତିଳୋତ୍ତମା ମହାପାତ୍ର ଓ ପ୍ରଭାତୀ ଦାସ ବିଚାରକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ତଥା ଶିକ୍ଷାବିତ୍ ଦିବାକର ସାହୁ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଭାପତି ରଶ୍ମି ଚାନ୍ଦ କରଙ୍କ ସମେତ ସଦସ୍ୟମାନେ ପରିଚାଳନା କରିଥିଲେ।

## ସରିଲା ରଜ ମଉଜ; ପିଠା-ମିଠାରେ ବାସିଲା ଗାଁଠୁ ସହର





**ଜମୁଛି ଦୋଳିଖେଳର ଆସର; ଆଜି ବସୁମତୀ ସ୍ନାନ**

ଖୋର୍ଦ୍ଧା,୧୬।୬(ସମିସ): ରଜ ଦୋଳି ସାଙ୍ଗକୁ ପୁଚି ଖେଳ, ପିଠା, ମିଠା ଓ ପାନଖିଆ ସହ ଭଳିକି ଭଳି ଖେଳ, ନାଚ ଗୀତର ଆସରରେ ଜମିଲା ରଜ ପର୍ବ। ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ମଉଜ ହିଁ ମଉଜ। କିଶୋରୀ ଓ ଯୁବତୀମାନେ ରଜ ପର୍ବର ବେଶ୍ ମଜା ଉଠାଉଛନ୍ତି। ସଜବାଜ, ପହିଲି ରଜ, ରଜ ସଂକ୍ରାନ୍ତି ପରେ ଶେଷ ରଜକୁ ଧୁମ୍ଧାମ୍ରେ ପାଳନ କରିଛନ୍ତି। ଓଡ଼ିଶା ସଂସ୍କୃତି ଓ ପରମ୍ପରାର ପର୍ବ ରଜ। ଏହି ତିନିଦିଆ ପର୍ବର ଅନ୍ତିମ ଦିନ ବା ଶେଷ ରଜ ଆଜି ସରିଛି। ଏହାକୁ ଭୂମିଦହନ ମଧ୍ୟ କୁହାଯାଏ। ବର୍ଷରେ ଏହି ପର୍ବ ପାଳନ ପାଇଁ ଚାହିଁ ବସିଥିବା ଲୋକେ ଶେଷ ରଜକୁ ମଧ୍ୟ ଆନନ୍ଦ ଉତ୍ସାହର ସହ ପାଳନ କରିଛନ୍ତି। ଶେଷ ରଜର ସକାଳକୁ ଉତ୍ସାହର ସହ ସଭିଏଁ ସ୍ୱାଗତ କରିଛନ୍ତି। ପୂର୍ବ ଦୁଇଦିନ ପରି ସମାନ ଭାବରେ ଗାଁ ଗଣ୍ଡା ଚଳଚଞ୍ଚଳ ହୋଇଛି। ତରୁଣୀମାନେ ସଜବାଜ ହୋଇ ଶେଷ ରଜକୁ ପାଳନ କରିଛନ୍ତି। ପିଠା, ମିଠା, ପାନ ଓ ଦୋଳିର ଆସର ସାଙ୍ଗକୁ ବିଭିନ୍ନ ସ୍ଥାନରେ ପାରମ୍ପରିକ ନାଚଗୀତର ପ୍ରତିଯୋଗିତା, ଏହା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ରଜ ମାହୋଲକୁ ବେଶ୍ ରଙ୍ଗିଲା କରିଥିଲା। ମାଟି ଓ ମୌସୁମୀର ମିଳନ ପର୍ବ ହେଉଛି ରଜ। ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ। ମାଟି ମା' ରଜସ୍ୱଳା ହୁଅନ୍ତି। ଏହି ତିନିଦିନ ଚଷା ପୁଅ କୌଣସି ଚାଷ କାମ କରନ୍ତି ନାହିଁ। ଧରିତ୍ରୀ ମାତାକୁ ବିଶ୍ରାମ ଦିଆଯାଏ। କୃଷି କାର୍ଯ୍ୟରୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ମଧ୍ୟ ମାତି ଯାଇଛନ୍ତି କୃଷକ ଭାଇ। ମଙ୍ଗଳବାର ହେବ ବସୁମତୀ ସ୍ନାନ। ସକାଳୁ ମହିଳାମାନେ ବସୁଧା ମାତାଙ୍କୁ ପୂଜା କରିବେ।

## ଟାଙ୍କୋଳ ମା' ତାରା ଦେବୀଙ୍କ ପୀଠରେ ରଜ ମଉଜ ଉଦ୍ଯାପିତ



ନିରାକାରପୁର,୧୬।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍କୋଳ ମା' ତାରା ଦେବୀଙ୍କ ପୀଠରେ ଅନୁଷ୍ଠିତ ରଜ ମଉଜ-୨୦୨୫ର ଉଦ୍ଯାପନୀ ଅବସରରେ ଅନୁଷ୍ଠିତ ସଭାରେ ସରପଞ୍ଚ ବିରେଶ କୁମାର ରାଜଗୁରୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ବ୍ଲକ୍ ଅଧ୍ୟକ୍ଷା ରିଶ୍ମା ମାନ୍ଧାତା, ସମାଜସେବୀ ଆଲୋକ ସାହୁ, ବୁଦ୍ଧଦେବ ବିଷୋଇ, ପ୍ରଭାକର ଜୟସିଂହ, ଭାଗିରଥି ବେହେରା, ସୋମନାଥ ବେହେରା, ଉପେନ୍ଦ୍ର ରଣସିଂହ ଓ ବିଭୂତି ନାରାୟଣ ମିଶ୍ର ପ୍ରମୁଖ ମଞ୍ଚ ମଣ୍ଡନ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଗନ୍ଧର୍ବ ସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରଜଦୋଳି, ଦଉଡ଼ି ଡିଆଁ, ପୁଚି, ଝୋଟି ଓ ତାସ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ଓ କିଛି ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ।

## ବିଜ୍ଞାନ ବିଭାଗ ଉଦ୍ଘାଟନୀ ଉତ୍ସବରେ ମେଧାବୀ ସମ୍ବର୍ଦ୍ଧନା



ବାଣପୁର,୧୬।୬(ସମିସ): ବାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଥିବାବେଳେ ଚଳିତ ଶିକ୍ଷାବର୍ଷ ଲାଗି ପ୍ରଥମ ଥର ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ଖୋଲାଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜ କିଶୋର ଭୋପାଙ୍କ ସଭାପତିତ୍ୱରେ ସୋମବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ରାଜ୍ୟ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ବିଦ୍ୟାଳୟର ନୂତନ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ଶୁଭ ଉଦ୍ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗତ ମାଟ୍ରିକ୍ ଏବଂ ଯୁକ୍ତ ଦୁଇରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବାଣପୁର ବ୍ଲକ୍ ଓ ଏନ୍ଏସିର ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଶ୍ରେଣୀ ହାସଲ କରିଥିବା ୨ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଯୁକ୍ତ ଦୁଇରେ ୮୫ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବା ୯ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଅବିନାଶ ପଟ୍ଟନାୟକ ବିଦ୍ୟାଳୟରେ ପ୍ରାରମ୍ଭରୁ ମାଟ୍ରିକ୍ ଯାଏଁ ପାଠପଢ଼ା ବ୍ୟବସ୍ଥା ରହିଥିବାବେଳେ ଚଳିତ ବର୍ଷ ଯୁକ୍ତ ଦୁଇରେ ପ୍ରଥମ କରି ବିଜ୍ଞାନ ବିଭାଗ ଖୋଲାଯିବା ପାଇଁ ଅନୁମତି ଦିଆଯାଇଥିବାରୁ ବିଦ୍ୟାଳୟ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ଏବଂ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ କୃତଜ୍ଞତା ଜଣାଇଥିଲେ।

**■ ବଡ଼ଶଙ୍ଖ ଅସ୍ଥାୟୀ ରାସ୍ତା ଉପରେ ପାଣି**

## ନୂତନ ପୋଲରେ ଯାତାୟାତ ପାଇଁ ଫିଟିଲା ବାଟ

ଟାଙ୍ଗୀ,୧୬।୬(ସମିସ): ଟାଙ୍ଗୀ-କାଲୁପଡ଼ା ପୂର୍ତ୍ତବିଭାଗ ନିର୍ମାଣାଧୀନ ସ୍ଥାୟୀ ପୋଲ ପାଶ୍ୱର୍ରେ ଯାତାୟାତ ପାଇଁ କରାଯାଇଥିବା ଅସ୍ଥାୟୀ ରାସ୍ତାରେ ରବିବାର ପ୍ରବଳ ପାଣି



ସ୍ରୋତ ଯୋଗୁଁ ରାସ୍ତାରେ ପାଣି ଚାଲିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ସୋମବାର ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ସରିଥିବା ନୂତନ କଂକ୍ରିଟ ପୋଲର ଉଭୟ ପାଶ୍ୱର୍ରେ ମାଟି ପକାଇ ଯାତାୟାତ ପାଇଁ ରାସ୍ତା ନିର୍ମାଣ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଟାଙ୍ଗୀ କାଲୁପଡ଼ା ପୂର୍ତ୍ତବିଭାଗ ରାସ୍ତା ସମ୍ପ୍ରସାରଣ ସହ ବଡ଼ଶଙ୍ଖ ବ୍ରିଜ୍ ନବୀକରଣ ପାଇଁ ସରକାରଙ୍କ ବ୍ୟୟ ମଞ୍ଜୁରି ଅନୁମୋଦନ ପରେ କାର୍ଯ୍ୟାରମ୍ଭ କରାଯାଇଥିଲା। ତେବେ ମୌସୁମୀ ସହ ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ନିର୍ମାଣାଧୀନ ପୋଲ ପାଶ୍ୱର୍ରେ ହୋମ୍ ପାଇପ୍, ମାଟି ପକାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ବର୍ଷା ଆସିବା ପୂର୍ବରୁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଇଥିଲେ ମଧ୍ୟ କାର୍ଯ୍ୟରେ ମନ୍ଥର ଯୋଗୁଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ରବିବାର ରାତିରେ ଅସ୍ଥାୟୀ ରାସ୍ତା ଉପରେ ପାଣି ସ୍ରୋତ ଯିବାରେ ମାଟି ଧୋଇଯିବାରୁ ଚଳପ୍ରଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ଯାତାୟାତକୁ ନେଇ କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନିର୍ମାଣ ସରିଥିବା ବଡ଼ଶଙ୍ଖ ବ୍ରିଜ୍ ଉଭୟ ପାଶ୍ୱର୍ରେ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକୀୟ ବ୍ୟବସ୍ଥା କରାଯିବା ପରେ ଏବେ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ତେବେ ମଙ୍ଗଳବାରଠାରୁ ଭାରୀଯାନ ସହ ସମସ୍ତ ଯାନବାହନ ଚଳାଚଳରେ ସ୍ୱାଭାବିକ ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।


**ପଞ୍ଚାୟତରୁ ପଞ୍ଚାୟତ ମାଡୁଛି 'ମନରେଗା' ଦୁର୍ନୀତିର ଚେର**

# ଶ୍ରମିକ ବଦଳରେ ମେସିନ କରୁଛି କାମ

ଖୋର୍ଦ୍ଧା,୧୬।୬(ସମିସ):

ଖୋର୍ଦ୍ଧା ଜିଲ୍ଲାରେ ଏବେ ସବୁଠି ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) କାର୍ଯ୍ୟ ମେସିନରେ ଚାଲିଛି। ଶ୍ରମିକ କାର୍ଯ୍ୟ କରିବାର କେବଳ ମିଛ ବାହାନା କରାଯାଉଛି। ଜିଲ୍ଲାରେ 'ମନରେଗା' ଯୋଜନାରେ ଏଭଳି ମାଳ ମାଳ ଅଭିଯୋଗ ପ୍ରାୟ ସବୁ ବ୍ଲକ୍ର ବିଡିଓମାନଙ୍କ ନିକଟକୁ ଆସୁଛି। ଖୋର୍ଦ୍ଧା ବ୍ଲକ୍ରେ ଏଭଳି ମଧ୍ୟ ଅଭିଯୋଗ ଗୋଟିଏ ପରେ ଗୋଟିଏ ହେଉଛି। ମନରେଗା ଦୁର୍ନୀତିର ଚେର ଖୋର୍ଦ୍ଧା ବ୍ଲକ୍ କହିଲେ ଅତ୍ୟୁକ୍ତି ହେବନାହିଁ। ଗୋଟିଏ ପରେ ଗୋଟିଏ ପଞ୍ଚାୟତକୁ ଏ ଦୁର୍ନୀତିର ଚେର ମାଡ଼ିବସିଛି। ନିକଟରେ ନାଲିପଡ଼ା ଅର୍ଜୁନପୁର ପଞ୍ଚାୟତରେ ଶ୍ରମିକ ବଦଳରେ ମେସିନ କାମ କରୁଥିବା ସମ୍ପର୍କିତ ଖବର ପାଇଥିଲା। ଏନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମାତ୍ର ଅଭିଯୋଗ ଉପରେ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନି। ଫଳରେ ଠିକାଦାର ମନମାନୀ କରିଚାଲିଛନ୍ତି। ଏବେ ପୁଣି ସେହି ସମାନ ଘଟଣା ଦେଖିବାକୁ ମିଳିଛି ପୁରୁସାହି ପଞ୍ଚାୟତରେ।

ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲ୍ଲା ପୁରୁସାହି ପଞ୍ଚାୟତରେ ଶ୍ରମିକଙ୍କ ଦ୍ୱାରା ମନରେଗା କାର୍ଯ୍ୟ କରାଯାଉ ନ ଥିବାବେଳେ ଏଠାରେ ମେସିନ ଲଗାଇ ବେଧଡ଼କ ଭାବେ ଦିନବେଳେ କାମ ଚାଲିଛି। ପୁରୁସାହି ପଞ୍ଚାୟତର ଚାନ୍ଦପୁରରେ ଗୋକୁଳସାଗର





- ■ ଆରମ୍ଭରୁ ବୋର୍ଡ ଲାଗିଲା; ପରେ କାଢ଼ିନେଲେ
- ■ ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ: ବିଡିଓ

ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଏନେଇ ପ୍ରାୟ ୯ଲକ୍ଷ ଟଙ୍କାର ଅନୁଦାନ ଆସିଥିବା ସୂଚନା ମିଳିଛି। ଅମୃତ ସରୋବର ଯୋଜନାରେ ଏହି ପୋଖରୀର ଉନ୍ନତୀକରଣ ପାଇଁ ୨୦୨୫-୨୬ରେ ଅର୍ଥ ମଞ୍ଜୁର କରାଯାଇଛି। କାର୍ଯ୍ୟର କୋଡ୍ ନଂ-୨୪୨୩୦୧୦୦୨୦/ଡବ୍ଲ୍ୟୁଏଚ୍/୧୦୯୭୭୦୫୦ ରହିଛି। ମାତ୍ର ଉକ୍ତ ମଞ୍ଜୁର ଅର୍ଥରେ ଶ୍ରମିକମାନେ କାମ କରୁ ନ ଥିବା ଅଭିଯୋଗ ହେଉଛି। ଏଠାରେ ମେସିନ କାର୍ଯ୍ୟ ଚାଲୁଥିବା ନେଇ ଫଟୋ ଉଠାଇ ସ୍ଥାନୀୟ ଲୋକ ବ୍ଲକ୍ ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। କାର୍ଯ୍ୟ ଆରମ୍ଭରୁ ଏଠାରେ ବୋର୍ଡ ଲଗାଯାଇ କାର୍ଯ୍ୟର ବିବରଣୀ ସମ୍ପର୍କରେ ଲେଖାଯାଇଥିଲା। ମାତ୍ର କାର୍ଯ୍ୟ ଅଧାବେଳକୁ ଉକ୍ତ ବୋର୍ଡ ହଳଦିଆ ରଙ୍ଗ ମାରି ଲିଭାଯାଇଛି। ଏହାକୁ କୌଶଳ କରି ପୁଣି ଏକ ବୋର୍ଡ ମାରି ସରକାରୀ ଅର୍ଥ ହରିଲୁଟ୍ କରିବାକୁ ମସୁଧା ଚାଲିଥିବା କୁହାଯାଉଛି।

କିଛିଦିନ ତଳେ ନାଲିପଡ଼ା ଅର୍ଜୁନପୁର ପଞ୍ଚାୟତରେ ମନରେଗା ଯୋଜନାରେ ଦେଉଳ ପୋଖରୀ, ନରେନ୍ଦ୍ର ପୋଖରୀ ଓ ନୂଆ ପୋଖରୀ କାର୍ଯ୍ୟ ଆସିଥିଲା। ମାତ୍ର ଏହାକୁ ଶ୍ରମିକ ବଦଳରେ ମେସିନ କାର୍ଯ୍ୟ କରୁଥିବା ଖବର ପ୍ରକାଶ ପରେ ବିଡିଓ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମଲ୍ଲିପୁର, ଟାଙ୍ଗିଆପଡ଼ା ଏବଂ ଗୋଳବାଇ ପଞ୍ଚାୟତରେ ମଧ୍ୟ ସେହି ସମାନ ତରିକାରେ ମନରେଗା କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏନେଇ ବିଡିଓ କ୍ଷୀରାବ୍ଧି ତନୟା ସାହୁଙ୍କ କହିବା କଥା ଏଭଳି ଅଭିଯୋଗ ଆସିଛି। ଅଭିଯୋଗର ତଦନ୍ତ ନିଜେ ଘଟଣାସ୍ଥଳକୁ ଯାଇ କରିବି। କୌଣସି ବେଆଇନ କାର୍ଯ୍ୟକୁ ବରଦାସ୍ତ କରାଯିବନି। ସମସ୍ତଙ୍କୁ ମନରେଗା କାର୍ଯ୍ୟରେ ମେସିନ ନ ଲଗାଇବାକୁ କଡ଼ା ତାଗିଦ୍ କରାଯାଇଛି। ଏହାବାଦ୍ ଯେଉଁମାନେ ଏଭଳି ବେଆଇନ କାର୍ଯ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପୁଣି ବିମାନ ଅଘଟଣ; ବର୍ତ୍ତିଲେ ୨୫୦ ଯାତ୍ରୀ

## ଅବତରଣ ସମୟରେ ବାହାରିଲା ନିଆଁ




ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ବିମାନବନ୍ଦରରେ ବଡ଼ ଅଘଟଣ ଅଳ୍ପକେ ଟଳି ଯାଇଛି। ୨୫୦ ହଜ୍ ଯାତ୍ରୀଙ୍କ ଜୀବନ ବର୍ତ୍ତି ଯାଇଛି। ଅବତରଣ ସମୟରେ ସାଉଦି ଆରବିୟା ଏୟାରଲାଇନ୍ସର ବିମାନ ଏସ୍‌ଭି-୩୧୧୨ର ଚକରୁ ନିଆଁ ଏବଂ ଧୂଆଁ ବାହାରିଛି। ଏହା ଜାଣିବା ପରେ ପାଇଲଟ ବିମାନକୁ ତୁରନ୍ତ ଅଟକାଇ ଦେଇଛନ୍ତି। ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ସୂଚନା ଦେଇଛନ୍ତି। ପରେ ଦମକଳ ଟିମ୍ ପହଞ୍ଚି ଫୋମ୍ ଏବଂ ପାଣି ପକାଇ ଥିଲା। ପ୍ରାୟ ୨୦ ମିନିଟ ପରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ହୋଇଥିଲା। ରବିବାର ସକାଳ ୬ଟା୩୦ରେ ଏହି ଘଟଣା ଘଟିଥିଲା। ମାତ୍ର ଏହାର ଭିଡିଓ ଆଜି ସାମ୍ନାକୁ ଆସିଛି। ଏହି ବିମାନରେ ୨୪୨ ହଜ୍ ଯାତ୍ରୀ ବସିଥିଲେ। ବିମାନଟି ଶନିବାର ରାତି ୧୧ଟା୩୦ରେ ଜେଦା ବିମାନବନ୍ଦରରୁ ହଜ୍ ଯାତ୍ରୀଙ୍କୁ ଧରି ଭାରତ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥଇଲା। ଏହା ରବିବାର ସକାଳେ ଲକ୍ଷ୍ନୌରେ ପହଞ୍ଚି ଥିଲା। ରନ୍‌ୱେରେ ଅବତରଣ କରି ବିମାନ ଟ୍ୟାକ୍ସି-ୱେକୁ ଆସୁଥିବାବେଳେ ଏହି ଘଟଣା ଘଟିଥିଲା। ଏହି ସମୟରେ ସବୁ ଯାତ୍ରୀ ବିମାନ ଭିତରେ ଥିଲେ। ପରେ ବିମାନକୁ ଟ୍ୟାକ୍ସି-ୱେକୁ ନିଆଯାଇଥିଲା। ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଇଞ୍ଜିନିୟରିଂ ଟିମ୍ ବିମାନର ତ୍ରୁଟି ସୁଧାରିବାକୁ ଯାଞ୍ଚ କରୁଛନ୍ତି, କିନ୍ତୁ ସୋମବାର ଦ୍ୱିପହର ସୁଦ୍ଧା ଏହାକୁ ଠିକ୍ କରାଯାଇପାରି ନାହିଁ। କାରଣ ବିମାନର ବାମ ଚକ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି।

## ଏୟାର ଇଣ୍ଡିଆର ପିଛା ଛାଡୁନି ଯାନ୍ତ୍ରିକ ତ୍ରୁଟି




■ ହଂକଂ ଫେରିଲା ବିମାନ

■ ରବିବାର ଫେରିଥିଲା ଦୁଇଟି ବିମାନ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁ ନାହିଁ। ହଂକଂରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ (ଏଆଇ-୩୧୫) ସୋମବାର ଅଧାବାଟରୁ ଫେରି ଯାଇଛି। ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡିଛି। ଏହି ବିମାନଟି ମଧ ବୋଇଂ ୭୮୭-୮ ଡ୍ରିମଲାଇନର ଥିଲା। ଏହା ପୂର୍ବରୁ ରବିବାର ମଧ ସମାନ ଘଟଣା ଘଟିଥିଲା। ବୋଇଂର ଦୁଇଟି ଡ୍ରିମଲାଇନର ବିମାନ ଅଧାରାସ୍ତାରୁ ଫେରି ଯାଇଥିଲା। ଏହା ମଧ୍ୟରୁ ଗୋଟିଏ ଲଣ୍ଡନରୁ ଚେନ୍ନାଇ ଏବଂ ଅନ୍ୟଟି ଜର୍ମାନୀର ଫ୍ରାଙ୍କଫ୍ରଟରୁ ହାଇଦରାବାଦ ଆସୁଥିଲା। ଉଭୟେ ସୋମବାର ଅବତରଣ କରିଥାନ୍ତେ।

ଚେନ୍ନାଇ ଆସୁଥିବା ବ୍ରିଟିଶ ଏୟାରୱେଜର ବୋଇଂ ୭୮୭-୮ ଡ୍ରିମଲାଇନରକୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଫେରିବାକୁ ପଡିଥିଲା। ଲୁଫ୍ତହଂସା ଏୟାରଲାଇନ୍ସ (ଜର୍ମାନୀ)ର ବୋଇଂ ୭୮୭-୯ ଡ୍ରିମଲାଇନରକୁ ବୋମା ଧମକ ମିଳିଥିଲା। ଏହି କାରଣରୁ ବିମାନକୁ ଅବତରଣ କରିବାକୁ ଅନୁମତି ଦିଆଯାଇ ନ ଥିଲା ଏବଂ ଫେରିବାକୁ ପଡିଲା। ଗତ ୧୨ ତାରିଖରେ ଅହମଦାବାଦରୁ ଉଡ଼ାଣ କରିବାର ଦୁଇ ମିନିଟ୍ ମଧରେ ଏକ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ବିମାନରେ ଯାତ୍ରା କରୁଥିବା ୨୪୧ ଜଣଙ୍କ ମୃତ୍ୟୁ ହୋଇଥିଲା। କେବଳ ଜଣେ ବର୍ତ୍ତି ଯାଇଥିଲେ। ସୂଚନା ଅନୁଯାୟୀ ଲଣ୍ଡନରୁ ଚେନ୍ନାଇ ଆସୁଥିବା ବ୍ରିଟିଶ ଏୟାରୱେଜ୍ ବିମାନ ବିଏ-୩୫ ଡ୍ରିମଲାଇନର୍ ୭୮୭-୮ ଯାନ୍ତ୍ରିକ ତ୍ରୁଟି (ଫ୍ଲାପ୍ ବିଫଳତା) ଯୋଗୁଁ ଡୋଭର ଚାରିପାଖରେ ବୁଲି ପରେ ହିଥ୍ରୋକୁ ଫେରି ଯାଇଥିଲା। ତେବେ ଏହାର ଉଡ଼ାଣ ସମୟ,କେତେ ଯାତ୍ରୀ ଏବଂ କର୍ମଚାରୀଙ୍କ ଥିଲେ, କେତେ ସମୟ ପର୍ଯ୍ୟନ୍ତ ବିମାନ ଆକାଶରେ ଘୂରି ବୁଲିଥିଲା ତାହା କମ୍ପାନୀ ପକ୍ଷରୁ କୁହାଯାଇ ନାହିଁ। ଲାଇଭ୍ ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଅନୁଯାୟୀ ଏହି ବିମାନ ରବିବାର ୧୨ଟା୪୦ ରେ ଉଡ଼ାଣ କରି ଭୋର ୩ଟା୩୦ ରେ ଚେନ୍ନାଇରେ ପହଞ୍ଚିବାର ଥିଲା। ବିମାନଟି ଅପରାହ୍ନ ୧ଟା ୧୬ରେ ଉଡ଼ାଣ ଆରମ୍ଭ କରିଥିଲା। ବିମାନବନ୍ଦରକୁ ଫେରିବା ପୂର୍ବରୁ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଘୂରି ବୁଲିଥିଲା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାଇପ୍ରସ ରାଷ୍ଟ୍ରପତି ନିକୋଶ କ୍ରିଷ୍ଟୋଡୋଲିଡେସ ଦେଶର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ ଅଫ୍ ଦ ଅର୍ଡର ଅଫ ମକାରିଓ୍ୱସ ୩' ପ୍ରଦାନ କରୁଛନ୍ତି।

## ଗାଜାରେ ପୁଣି ଇସ୍ରାଏଲ ଆକ୍ରମଣ; ୩୮ ମୃତ



ତେଲ ଆଭିଭ, ୧୬।୬ (ଏଜେନ୍ସି): ଇରାନ ସହ ସଂଘର୍ଷ ମଧ୍ୟରେ ଇସ୍ରାଏଲ ପୁଣି ଗାଜାରେ ଆକ୍ରମଣ କରିଛି। ଖାଦ୍ୟ ବଣ୍ଟନ କେନ୍ଦ୍ରକୁ ନିଶାଣ କରି ଇସ୍ରାଏଲ ସେନା ସୋମବାର ଅତର୍କିତ ଗୁଳିମାଡ଼ କରିଛି। ଏଥିରେ ଅତିକମରେ ୩୮ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହଯାଇଛି। ମାନବିକ ସହାୟତା କେନ୍ଦ୍ରକୁ ନିଶାଣ କରି ହୋଇଥିବା ଏହା ସବୁଠୁ ଭୟଙ୍କର ଆକ୍ରମଣ ଥିଲା। ବଣ୍ଟନ ବ୍ୟବସ୍ଥାକୁ ପ୍ରଭାବିତ କରିବା ପାଇଁ ଇସ୍ରାଏଲ ଏଭଳି ହୀନ କାର୍ଯ୍ୟ କରିଥିଲା। ସଂଘର୍ଷ ଯୋଗୁଁ ଘର ହରାଇଥିବା ହଜାର ହଜାର ପାଲେଷ୍ଟିନୀୟ ଆଶ୍ରୟ ସ୍ଥଳରେ ରହୁଛନ୍ତି। ଏମାନେ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ ଖାଦ୍ୟ ଆଣିବା ଲାଗି ଇସ୍ରାଏଲ ନିୟନ୍ତ୍ରଣାଧୀନ ରିଲିଫ କେନ୍ଦ୍ରକୁ ଯାଉଥିଲେ। ଏହି ସମୟରେ ଲୋକଙ୍କୁ ଘଉଡାଇବା ପାଇଁ ଇସ୍ରାଏଲ ସେନା ଗୁଳିମାଡ଼ କରିଥିଲା।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଜୟ ରୂପାଣୀଙ୍କ ଅନ୍ତିମ ସଂସ୍କାର



ଅହମଦାବାଦ, ୧୬।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଲିସ ସୁରକ୍ଷା ମଧ୍ୟରେ ରୂପାଣୀଙ୍କ ପାର୍ଥିବ ଶରୀରକୁ ରାଜକୋଟ ସ୍ଥିତ ଘର ପ୍ରକାଶ ସୋସାଇଟିକୁ ନିଆଯାଇଥିଲା। ଏଠାରେ ଅନ୍ତିମ ଦର୍ଶନ ପାଇଁ ମୃତଦେହକୁ ରଖାଯାଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଗୁଜରାଟ ରାଜ୍ୟପାଳ ଦେବବ୍ରତ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ରମନ୍ତ୍ରୀ ସିଆର ପଟେଲ ସମେତ ଅନେକ ନେତା ଘରେ ପହଞ୍ଚି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପରେ ରାମନାଥ ପରା ଶ୍ମଶାନ ଘାଟକୁ ନିଆଯାଇଥିଲା। ଏହି ଶେଷ ଯାତ୍ରା ହଜାର ହଜାର ଲୋକ ସାମିଲ ହୋଇଥିଲେ।

## ବର୍ଷକୁ ଶହେ ପରମାଣୁ ଅସ୍ତ୍ର ନିର୍ମାଣ କରୁଛି ଚୀନ୍

ବେଜିଂ, ୧୬।୬ (ଏଜେନ୍ସି): ବିଶ୍ୱରେ ପରମାଣୁ ଅସ୍ତ୍ରଶସ୍ତ୍ରକୁ ନେଇ ପ୍ରତିଯୋଗିତା ଲାଗି ରହିଛି। ପରମାଣୁ ଶକ୍ତି ସମ୍ପନ୍ନ ୯ ରାଷ୍ଟ୍ର କ୍ରମାଗତ ଭାବେ ନିଜ ଆଣବିକ ଶକ୍ତି ବୃଦ୍ଧି କରି ଚାଲିଛନ୍ତି। ଏହି କ୍ଷେତ୍ରରେ ଚୀନ୍ ସବୁଠୁ ଆଗରେ ରହିଛି। ଏହି ଦେଶ ବର୍ଷକୁ ହାରାହାରି ଶହେ ନୂଆ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି। ଏହା ସହିତ ଚୀନ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ସଂଖ୍ୟା ୬୦୦ରେ ପହଞ୍ଚି ଯାଇଛି। ସ୍ୱିଡେନ ସ୍ଥିତ ଥିଙ୍କଟାଙ୍କ ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ସିପ୍ରି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାର ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ବ୍ୟତୀତ ଆମେରିକା, ରୁଷ, ଭାରତ, ପାକିସ୍ତାନ, ଉତ୍ତର କୋରିଆ ଏବଂ ଇସ୍ରାଏଲ ଭଳି ଦେଶ ମଧ୍ୟ ସେମାନଙ୍କର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଆଧୁନିକୀକରଣ କରୁଛନ୍ତି।

ଭାରତ ପାଖରେ ଏବେ ୧୮୦ ପରମାଣୁ ଅସ୍ତ୍ରଶସ୍ତ୍ର ଅଛି। ୨୦୨୩ରେ ଏହି ସଂଖ୍ୟା ୧୭୨ ଥିଲା। ଅର୍ଥାତ ଭାରତ ନିଜ କ୍ଷମତାକୁ ମଧ୍ୟ ସାମାନ୍ୟ ବୃଦ୍ଧି କରିଛି। ସିପ୍ରି ଅନୁଯାୟୀ ଭାରତ ଏବେ କ୍ୟାନିଷ୍ଟରାଇଜଡ୍ ମିସାଇଲ୍ ପ୍ରଯୁକ୍ତିବିଦ୍ୟା ବିକଶିତ କରୁଛି। ଏହା ସାହାଯ୍ୟରେ ଯୁଦ୍ଧ ପରିସ୍ଥିତି ପୂର୍ବରୁ ମଧ୍ୟ କ୍ଷେପଣାସ୍ତ୍ର ନିୟୋଜିତ କରାଯାଇପାରିବ।

# ପହଲଗାମ ଆକ୍ରମଣ ପାଇଁ ପାଣ୍ଠି ଯୋଗାଇଥିଲା କିଏ?

■ ପ୍ରଶ୍ନ ଉଠାଇଲା ଏଫ୍‌ଏଟିଏଫ

■ ଏହା ପଛରେ ଆର୍ଥିକ ନେଟ୍‌ୱର୍କ ସାମିଲ ରହିଛି



ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ସଂସ୍ଥା ଫାଇନାନ୍‌ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ) ପହଲଗାମ ଆକ୍ରମଣକୁ ନେଇ ବଡ଼ ଟିପ୍ପଣୀ ଦେଇଛି। ଏପ୍ରିଲ ୨୨ରେ ହୋଇଥିବା ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ଆତଙ୍କବାଦକୁ ଦମନ କରିବା ପାଇଁ ଦେଶଗୁଡିକ କି ପଦକ୍ଷେପ ନେଉଛନ୍ତି ତାହାର ଯାଞ୍ଚକୁ ଆହୁରି ଜୋରଦାର କରାଯିବ ବୋଲି ଏଫ୍‌ଏଟିଏଫ୍ ଘୋଷଣା କରିଛି। ଆତଙ୍କ ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କୁ ସମର୍ଥନ ବିନା ପହଲଗାମ ଭଳି ଆକ୍ରମଣ କରାଯାଇପାରିବ ନାହିଁ ବୋଲି କୁହାଯାଇଛି। ପହଲଗାମ ଆକ୍ରମଣ ପାଇଁ ପାଣ୍ଠି ଯୋଗାଣ ମଧ କରାଯାଇଛି। ଆତଙ୍କବାଦୀ ଲୋକଙ୍କୁ ମାରୁଛନ୍ତି ଏବଂ ଆହତ କରୁଛନ୍ତି। ଏହା ମାଧ୍ୟମରେ ସାରା ବିଶ୍ୱରେ ଭୟ ସୃଷ୍ଟି କରୁଛନ୍ତି। ପହଲଗାମ ଏବଂ ଅନ୍ୟ ଆତଙ୍କବାଦୀ ଆକ୍ରମଣ ପାଣ୍ଠି ଯୋଗାଣ ବିନା ହୋଇପାରିବ ନାହିଁ। ଏଭଳି ଆକ୍ରମଣ ବନ୍ଧୁକ ଏବଂ ବାରୁଦରେ ହୁଏ ନାହିଁ। ଏହା ପଛରେ ଆର୍ଥିକ ନେଟ୍‌ୱର୍କ ସାମିଲ ରହିଛି। ଆତଙ୍କବାଦୀଙ୍କ ସହାୟକମାନେ ଏଥିପାଇଁ ପାଣ୍ଠି ଦେଇଛନ୍ତି। ପହଲଗାମ ଆକ୍ରମଣର ୫୫ ଦିନ ପରେ ଏଫଏଟିଏଫ୍ ପକ୍ଷରୁ ଏହି ବିବୃତ୍ତି ଦିଆଯାଇଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ସହାୟତା ଦେଉଛି ଏବଂ ବାହାରୁ ପାଣ୍ଠି ଆଣି ସେହି ଅର୍ଥରେ ଅସ୍ତ୍ରଶସ୍ତ୍ର କିଣି ଆତଙ୍କବାଦୀଙ୍କୁ ଯୋଗାଉ ଥିବା ନେଇ ଭାରତ ଅଭିଯୋଗ କରିବା ସମୟରେ ଏଫଏଟିଏଫ ପକ୍ଷରୁ ବଡ଼ ଟିପ୍ପଣୀ ଦିଆଯାଇଛି।

ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନକୁ ପୁଣିଥରେ ଏଫଏଟିଏଫର ଧୂସର ତାଲିକାରେ ସାମିଲ କରାଯାଇପାରେ। ପହଲଗାମ ଆକ୍ରମଣରେ ଜଣେ ନେପାଳୀଙ୍କ ସମେତ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ ଏଫଏଟିଏଫ ଏସିଆ-ପାସିଫିକ୍ ଗ୍ରୁପ୍ (ଏପିଜି) ବୈଠକ ଅଗଷ୍ଟ ୨୫ ତାରିଖରେ ହେବାକୁ ଯାଉଛି। ଏହା ପରେ ଅକ୍ଟୋବର ୨୦ରେ କାର୍ଯ୍ୟ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକ ପୂର୍ବରୁ ଭାରତ ପାକିସ୍ତାନ ବିରୋଧରେ ଏକ ଡୋଜିଅର୍ ପ୍ରସ୍ତୁତ କରୁଛି। ଏଥିରେ ପାକିସ୍ତାନ କିପରି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛି ଏବଂ ମନି ଲଣ୍ଡରିଂ କରି ଏଫଏଟିଏଫ ନିୟମ ଉଲ୍ଲଂଘନ କରୁଛି ତାହାର ପ୍ରମାଣ ଦିଆଯିବ। ୨୦୧୮ରେ ପାକିସ୍ତାନକୁ ଏଫଏଟିଏଫର ଧୂସର ତାଲିକାରେ ରଖାଯାଇଥିଲା। ଏହା ପରେ ପାକିସ୍ତାନ ମନି ଲଣ୍ଡରିଂ ଏବଂ ଆତଙ୍କବାଦ ପାଣ୍ଠି ଯୋଗାଣ ରୋକିବା ପାଇଁ ଏକ କାର୍ଯ୍ୟ ଯୋଜନା ଦେଇଥିଲା। ୨୦୨୨ ମସିହାରେ ପାକିସ୍ତାନକୁ ଏହି ତାଲିକାରୁ ବାହାର କରି ଦିଆଯାଇଥିଲା। ସୂତ୍ର ଅନୁସାରେ ମନି ଲଣ୍ଡରିଂ ଏବଂ ଆତଙ୍କବାଦକୁ ପାଣ୍ଠି ଯୋଗାଣ ନିୟମ ପାଳନ ବିଫଳ ହୋଇଥିବା ପାକିସ୍ତାନକୁ ପୁଣିଥରେ ଧୂସର ତାଲିକାରେ ସାମିଲ କରିବା ପାଇଁ ଭାରତ ଦାବି ଉପସ୍ଥାପନ କରିବ।

## ମଡେଲଙ୍କୁ ତଣ୍ଟିକାଟି ହତ୍ୟା; ପ୍ରେମିକ ଗିରଫ



ଚଣ୍ଡିଗଡ଼, ୧୬।୬ (ଏଜେନ୍ସି): ହରିୟାଣା ସୋନିପଥର ଖରଖୌଦା ଅନ୍ତର୍ଗତ ରିଲାଏନ୍ସ କେନାଲରୁ ସୋମବାର ଜଣେ ମଡେଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ତଣ୍ଟି କଟା ଯାଇ କେନାଲକୁ ଫୋପାଡ଼ି ଦିଆଯାଇଛି। ଏହାକୁ ନେଇ ରାଜ୍ୟରେ ଚାଞ୍ଚଲ୍ୟ ଖେଳି ଯାଇଛି। ହାତ ଏବଂ ଛାତିରେ ଥିବା ଟାଟୁରୁ ତାଙ୍କୁ ଚିହ୍ନଟ କରାଯାଇଛି। ସେ ଲୋକପ୍ରିୟ ମଡେଲ ଶୀତଲ ଓରଫ ସିମି ଚୌଧୁରୀ ବୋଲି ଜଣାପଡ଼ିଛି। ସେ ଦୁଇ ଦିନ ତଳେ ପାନିପଥ ସ୍ଥିତ ଘରୁ ଆଲ୍‌ବମ୍ ସୁଟିଂ ପାଇଁ ଯାଇ ଆଉ ଫେରି ନ ଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ତାଙ୍କ ପ୍ରେମିକ ସୁନୀଲକୁ ଗିରଫ କିରିଛି। ଆଉ କିଛି ରିପୋର୍ଟରେ ସୁନୀଲଙ୍କୁ ସିମି ବାହା ହୋଇ ସାରିଥିଲେ ବୋଲି କୁହାଯାଇଛି। ଶୀତଲଙ୍କ ଭଉଣୀ ନେହା କହିଛନ୍ତି ଯେ ସେ ଗତ ୧୪ ତାରିଖରେ ତାଙ୍କୁ ଭିଡିଓ କଲ୍ କରିଥିଲେ। ପ୍ରେମିକ ମାଡ଼ ମାରୁଥିବା କହିଥିଲେ। ସୁନୀଲ ତାଙ୍କୁ ଜୋର ଜବରଦସ୍ତି ନେଇଯିବାକୁ ପ୍ରୟାସ କରୁଛି। ଏହା ପରେ କଲ୍ କଟି ଯାଇଥିଲା। ଏବେ ତାଙ୍କ ମୃତଦେହ ମିଳିଛି। ଏହା ପୂର୍ବରୁ ପାନିପଥର ଦିଲ୍ଲୀ ପାରାଲାଲ କେନାଲ ନିକଟରେ ସୁନୀଲଙ୍କ କାର୍ ଥିବା ଦେଖିବାକୁ ମିଳିଥିଲା। ତେବେ ଶୀତଲ ସେହି କାର୍‌ରେ ନ ଥିଲେ। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ପୁଲିସ ସୁନୀଲକୁ ଗିରଫ କରିଛି। ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ଶୀତଲ ତାଙ୍କ ଭଉଣୀ ନେହାଙ୍କ ସହ ପାନିପତରେ ରହୁଥିଲେ। ଗତ ୧୪ରେ ଆଲବମ୍ ସୁଟିଂ ପାଇଁ ନିଜ ଟିମ୍ ସହ ଅହର ଗାଁକୁ ଯାଇଥିଲେ। ଭିଡିଓ କଲ୍ କଟିଯିବା ପରେ ରାତି ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ଏହା ପରେ ଆଉ ତାଙ୍କ ସହ କୌଣସି ପ୍ରକାରର ଯୋଗଯୋଗ ହୋଇ ପାରି ନ ପାରିବାରୁ ଭଉଣୀ ପୁରୁଣା ଶିଲ୍ପାଞ୍ଚଳ ପୁଲିସ୍ ଷ୍ଟେସନରେ ଅଭିଯୋଗ କରିଥିଲେ। ଏହା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। କେନାଲରୁ ମୃତଦେହ ମିଳିଥିଲା। ବେକକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଥିଲା।

## ବାଣ କାରଖାନାରେ ବିସ୍ଫୋରଣ; ୪ ମହିଳା ମୃତ

ଅମରୋହା, ୧୬।୬ (ଏଜେନ୍ସି):ଉତ୍ତର ପ୍ରଦେଶ ଅମରୋହାର ଅତାରସୀ ଗ୍ରାମର ଜଙ୍ଗଲରେ ଥିବା ଏକ ବାଣ କାରଖାନାରେ ସୋମବାର ଦ୍ୱିପହରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିରେ କାରଖାନାରେ କାମ କରୁଥିବା ୪ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ଜଣେ ମହିଳା ଆଜି ପ୍ରଥମ ଥର ପାଇଁ ଚାକିରିରେ ଯୋଗ ଦେଇଥିଲେ। ୯ ଜଣ ମଧ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଜଣେ ଯୁବତୀ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖାଯାଉଛି। ତାଙ୍କ ମୁହଁ ଏବଂ ଶରୀର ଜଳି ଯାଇଛି।

ସୂଚନା ଅନୁଯାୟୀ ସକାଳେ ୨୫ ମହିଳା ଏବଂ ପୁରୁଷ କାରଖାନାରେ କାମ କରୁଥିଲେ। ଏହି ସମୟରେ ଜଣେ ଶ୍ରମିକଙ୍କ ଶିଶୁ ଝୁରୁଝୁରି ବାଣ ଲଗାଇ ଦେଇଥିଲେ। ଏହା ପରେ ମହଜୁଦ ଥିବା ବାଣ ଏବଂ ବାରୁଦରେ ନିଆଁ ଲାଗି ଯାଇଥିଲା। ୧୫ ମିନିଟ ଯାଏଁ ବିସ୍ଫୋରଣ ହେବାରେ ଲାଗିଥିଲା। ଏହା ଏତେ ଭୟଙ୍କର ଥିଲା ଯେ କାରଖାନାର କୋଠା ଏବଂ ଟିଣ ଆଜବେଷ୍ଟସ ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଛି। ମହିଳାଙ୍କ ମୃତଦେହ ଏଭଳି ଭାବେ ଜଳି ଯାଇଛି ଯେ ଚିହ୍ନଟ କରିବା କଷ୍ଟସାଧ ହୋଇଯାଇଛି। ମୃତଦେହ ଏଣେତେଣେ ପଡ଼ି ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛି।

## ନେପାଳ ପଳାଇବାକୁ ଯୋଜନା କରିଥିଲେ ସୋନମ



### ହନିମୁନ୍ ମର୍ଡର

ସିଲଂ, ୧୬।୬ (ଏଜେନ୍ସି): ମେଘାଳୟରେ ହନିମୁନ୍ ମନାଇବାକୁ ଯାଇ ହତ୍ୟାର ଶିକାର ହୋଇଥିବା ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀଙ୍କ ମାମଲାରେ ନୂଆ ପ୍ରମାଣ ମିଳିଛି। ପତ୍ନୀ ସୋନମ ଏବଂ ତାଙ୍କର ଶେଷ ଭିଡିଓ ସାମ୍ନାକୁ ଆସିଥିବାବେଳେ ହତ୍ୟାରେ ବ୍ୟବହୃତ ଅସ୍ତ୍ର ଉଦ୍ଧାର କରାଯାଇଛି। ପୁଲିସ ଏହାର ଫଟୋ ଜାରି କରିଛି। ୫ ଜଣ ଅଭିଯୁକ୍ତ ଷଡ଼ଯନ୍ତ୍ର କରି ରାଜାଙ୍କୁ ହତ୍ୟା କରିଥିଲେ। ବିଶାଲ ଚୌହାନ ପ୍ରଥମେ ରାଜାଙ୍କ ଉପରେ ପ୍ରହାର କରିଥିଲା। କାତିରେ ବାରମ୍ବାର ଆକ୍ରମଣ କରାଯାଇଥିଲା। ଏହି ସମୟରେ ରାଜା ନିଜକୁ ବଞ୍ଚାଇବା ପାଇଁ ମଧ ପ୍ରୟାସ କରିଥିଲେ। ଏହି କାତିକୁ ଅଭିଯୁକ୍ତ ଗୌହାଟୀ ରେଳ ଷ୍ଟେସନରୁ କିଣିଥିଲେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ହତ୍ୟା ପରେ ପତ୍ନୀ ସୋନମ ନେପାଳ ପଳାଇବା ପାଇଁ ଯୋଜନା କରିସାରିଥିଲେ। ଟ୍ରେନ କିମ୍ବା ବସ୍‌ରେ ଯିବାକୁ ଚାହୁଁଥିଲେ। ଟ୍ରେନ୍ ନ ମିଳିବାରୁ ସେ ବସ୍‌ରେ ଉତ୍ତର ପ୍ରଦେଶ ପହଞ୍ଚି ଥିଲେ। ଏଠାରୁ ଗୋରଖପୁର ସୋନୌଲି ଦେଇ ନେପାଳ ଯାଇଥାନ୍ତେ। ଏଥିପାଇଁ ସେ ଗତ ୮ ତାରିଖ ରାତିରେ ବାରାଣସୀରୁ ଗୋରଖପୁର ଯିବାକୁ ଚାହୁଁଥିଲେ। ସୋନମଙ୍କ ସହ ବସ୍‌ରେ ଯାତ୍ରା କରିଥିବା ଗାଜିପୁରର ଉଜାଲା ଯାଦବ କହିଛନ୍ତି ଯେ ସେ ଟ୍ରେନରେ ନ ମିଳିବାରୁ ବସ୍‌ରେ ଚଢ଼ିଥିଲେ। ସୋନମ ବହୁତ ଚିନ୍ତିତ ଥିଲେ। ବାରମ୍ବାର ପ୍ରଶ୍ନ କରି ଚାଲିଥିଲେ। ଗୋରଖପୁର କେତେ ଦୂର? ବସ୍ କେତେ ଘଣ୍ଟା ଅଟକିବ? କେତେ ଘଣ୍ଟା ଲାଗିବ ବୋଲି ପଚାରି ଚାଲିଥିଲେ। ସୋନମ ମଧ ତାଙ୍କୁ ମୋବାଇଲ ମାଗିଥିଲେ। ଗୋଟାଏ ନମ୍ବର ଡାଏଲ କରି ପୁଣି ଡିଲିଟ କରିଦେଇଥିଲେ। ସୀମା ପାର କରିବାରେ ସାହାଯ୍ୟ କରୁଥିବା ଏଜେଣ୍ଟଙ୍କର ଏହି ନମ୍ବର ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ଏହା ମଧ୍ୟରେ ଆଜି ରାଜାଙ୍କ ତେର କାର୍ଯ୍ୟକ୍ରମ ଚାଲିଛି। ଏଥିରେ କେବଳ ପରିବାର ଲୋକ ଏବଂ ସମ୍ପର୍କୀୟ ସାମିଲ ହୋଇଛନ୍ତି। ସୋନମଙ୍କ ଭାଇ ଗୋବିନ୍ଦ ମଧ ସାମିଲ ହୋଇଛି। ଜେରା ପାଇଁ ତାଙ୍କୁ ସିଲଂ ପୁଲିସ ଡାକିଛି ବୋଲି କହିଛନ୍ତି। ଅନ୍ୟପଟେ ଦେବ ସିଂହ ନାମକ ଫଟୋଗ୍ରାଫର ସାମାଜିକ ଗଣମାଧମରେ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ରାଜା ଏବଂ ସୋନମଙ୍କୁ ଦେଖିବାକୁ ମିଳୁଛି।

## ଭାଇ ପାଇଁ ଅଲଗା ହେଲେ ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡି ବ୍ରାର

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡି ବ୍ରାର ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଲରେନ୍ସର ଭାଇ ଅନମୋଲ ବିଷ୍ଣୋଇ ପାଇଁ ଦୁଇ ବନ୍ଧୁ ଏବେ ବଇରୀ ପାଲଟି ଯାଇଛନ୍ତି। କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଲରେନ୍ସ ବିଷ୍ଣୋଇ ଓ ବ୍ରାରର କିଛି ସହଯୋଗୀଙ୍କୁ ଜେରା କରିବା ପରେ ପୁଲିସକୁ ଏହି ବିବାଦ ସମ୍ପର୍କରେ ସୂଚନା ମିଳିଛି। ଲରେନ୍ସ ବିଷ୍ଣୋଇ ଏବେ ଅହମଦାବାଦ ସାବରମତି ଜେଲ୍‌ରେ ଥିବାବେଳେ ବ୍ରାର ପୁଲିସ୍‌ର ମୋଷ୍ଟୱାଣ୍ଟେଡ ତାଲିକାରେ ରହିଛି। ସେ ଆମେରିକାରେ ଲୁଚି ଆପରାଧିକ କାର୍ଯ୍ୟକଳାପରେ ସାମିଲ ରହିଛି। ଲରେନ୍ସ ମଧ ଜେଲ୍‌ରୁ ଅପରାଧ ଘଟାଉଛି। ସୂଚନା ଅନୁଯାୟୀ ଲରେନ୍ସ ବିଷ୍ଣୋଇ ଠାରୁ ଅଲଗା ହେବା ପରେ ବ୍ରାର ଅଜରବୈଜାନ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ସହ ହାତ ମିଳାଇଛି। ସେହିପରି ଲରେନ୍ସ କାନାଡାରୁ ରହି ଅପରାଧ ଘଟାଉଥିବା ନୋନି ରାଣା ଓରଫ ସୂର୍ଯ୍ୟ ପ୍ରତାପ ସହ ଚୁକ୍ତି କରିଛି। ଏହାକୁ ନେଇ ନିକଟରେ ପଞ୍ଜାବ, ରାଜସ୍ଥାନ, ହରିୟାଣା ଓ ଦିଲ୍ଲୀ ପୁଲିସ୍‌ର ବରିଷ୍ଠ ଅଧିକାରୀମାନେ ଜାତୀୟ ତଦନ୍ତକାରୀ ଏଜେନ୍ସି ସହ ବୈଠକ କରିଥିଲେ। ଗତବର୍ଷ ନଭେମ୍ବରରେ କାଲିଫର୍ଣ୍ଣିଆରେ ଅନମୋଲକୁ ଗିରଫ କରାଯିବା ପରେ ଦୁଇ ଗ୍ୟାଙ୍ଗଷ୍ଟରଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଅନମୋଲ ବେଆଇନ ଭାବେ ଆମେରିକାରେ ପ୍ରବେଶ କରୁଥିବାବେଳେ ଧରା ପଡ଼ିଥିଲା।

ଅନମୋଲ ନାଁରେ ଅନେକ ହତ୍ୟା ମାମଲା ରହିଛି। ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନସିପି ନେତା ବାବା ସିଦ୍ଦିକୀଙ୍କ ହତ୍ୟା କାଣ୍ଡରେ ମଧ ସେ ସାମିଲ ଥିଲା। ଗିରଫ ହେବା ପରେ ତା'କୁ ପ୍ରତ୍ୟର୍ପଣ ପାଇଁ ଭାରତ ସରକାର ଅନୁରୋଧ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡିବେ । ରାଜନେତାଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ଯୋଜନା ମୁତାବକ କାମ ହେବ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ଯାନବାହନ ଚଳାଚଳ ସମୟରେ ସତର୍କ ରୁହନ୍ତୁ ।

**କୁମ୍ଭ:** ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ଆଜିର ଐତିହ୍ୟ

- ୧୭୯୯ - ନେପୋଲିଅନ୍ ବୋନାପାର୍ଟ ଇଟାଲୀକୁ ନିଜ ସାମ୍ରାଜ୍ୟରେ ସାମିଲ୍ କଲେ ।
- ୧୮୫୫ - ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନ୍ୟୁୟର୍କରେ ପହଞ୍ଚିଲା ।
- ୧୯୩୮ - ଜାପାନ ଚୀନ୍ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୯୪ - ସିକାଗୋରେ ଫିଫା ବିଶ୍ୱକପ୍ ଫୁଟବଲ୍‌ର ଆରମ୍ଭ ।

# ଇନ୍‌ଷ୍ଟାଗ୍ରାମ୍ ଅନୁଗାମୀଙ୍କ ସଂଖ୍ୟା କମିବାରୁ...

ଏବେ ସାମାଜିକ ଗଣମାଧ୍ୟମରେ ସମସ୍ତେ ସକ୍ରିୟ । ଆଜିକାଲି ଛୋଟ ପିଲା, ଯୁବପିଢ଼ି, ବୟସ୍କ, ପୁରୁଷ, ମହିଳା ସମସ୍ତେ ରିଲ୍ସ କରୁଛନ୍ତି । ତେବେ ଏ ରିଲ୍ସ କେବଳ ଲୋକଙ୍କୁ ଚର୍ଚ୍ଚିତ କରୁ ନାହିଁ, ବରଂ ସମ୍ପର୍କରେ ଫାଟ ସୃଷ୍ଟି କରୁଥିବା ଦେଖାଯାଇଛି । ଉତ୍ତର ପ୍ରଦେଶ ହାପୁରରେ ରିଲ୍ସକୁ ନେଇ ଏକ ଅଜବ ମାମଲା ସାମ୍ନାକୁ ଆସିଛି । ଏଠାରେ ରିଲ୍ସ ପାଇଁ ସମ୍ପୃକ୍ତ ମହିଳା ନିଜ ସ୍ୱାମୀଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି । ତେବେ ସମ୍ପୃକ୍ତ ମହିଳାଙ୍କ ଇନଷ୍ଟାଗ୍ରାମ୍‌ରେ ଅନୁଗାମୀଙ୍କ ସଂଖ୍ୟା କମିବାରୁ ସେ ଥାନାରେ ପହଞ୍ଚିଛନ୍ତି । ଘରେ ବାସନ ମାଜିବାରୁ ତାଙ୍କର ଦୁଇ ଜଣ ଅନୁଗାମୀ କମିଯାଇଥିବା ସେ କହିଛନ୍ତି । ଏହି ଘଟଣାରେ ରାଗିକି ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ମହିଳାଙ୍କର ଇନଷ୍ଟାଗ୍ରାମ୍‌ରେ ୬୩୫ ଜଣ ଅନୁଗାମୀ ଅଛନ୍ତି । ସେ ବହୁତ ପରିଶ୍ରମ କରି ରିଲ୍ସଗୁଡ଼ିକ ତିଆରି କରୁଥିବା କହିଛନ୍ତି । ହେଲେ ଘରେ ବାସନ ମାଜି ମାଜି ତାଙ୍କର ଦୁଇ ଜଣ ଅନୁଗାମୀ କମି ଯାଇଥିବା କଥା ସେ କହିଛନ୍ତି । ଯାହାକି ତାଙ୍କୁ ଭଲ ଲାଗିଲା ନାହିଁ । ସେହିପରି ମହିଳାଙ୍କ ସ୍ୱାମୀ କହିଛନ୍ତି, ଯେମିତି ତାଙ୍କ ଫଲୋର୍ସଙ୍କ ସଂଖ୍ୟା କମ୍ ହୁଏ, ସେ ଖାଇବାକୁ ଦେଇ ନ ଥାନ୍ତି । କେବଳ ସେତିକି ନୁହେଁ, ନୀଳ ଡ୍ରମରେ ଭୂତ ଭିଡିଓ କରି ଭୟଭୀତ କରାନ୍ତି । ମହିଳା ଜଣକ ପୂର୍ବରୁ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ମିଥ୍ୟା ଅଭିଯୋଗ ଆଣିଥିବା ତାଙ୍କ ସ୍ୱାମୀ କହିଛନ୍ତି । ଅନ୍ୟପଟେ ଏହି ମାମଲାକୁ ନେଇ ଥାନାଧିକାରୀ ଦୁଇଜଣଙ୍କୁ ୪ ଘଣ୍ଟା ପର୍ଯ୍ୟନ୍ତ କାଉନସିଲିଂ କରିଥିଲେ । ଏହା ପରେ ଦୁଇଜଣଙ୍କ ମଧ୍ୟରେ ବୁଝାମଣା ହୋଇଥିଲା । ତେବେ ମହିଳା ଜଣଙ୍କର ରିଲ୍ସ କରି ଫଲୋର୍ସ ବୃଦ୍ଧି କରିବା ହେଉଛି ଏକ ନିଶା । ସେହିପରି ବୁଝାମଣା ସମୟରେ ସେ ଦିନକୁ ଦୁଇଟି ରିଲ୍ସ କରିବା କଥା କହିଥିଲେ । ଏହି କଥାରେ ସ୍ୱାମୀ ସହମତି ପ୍ରକାଶ କରିବାରୁ ଆପୋଷ ବୁଝାମଣା ହୋଇଥିଲା ।






# ଦୀପିକାଙ୍କ ପରେ ଅଲ୍ଲୁ

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍, ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ ‘ସ୍ପିରିଟ୍’ରୁ ବାଦ୍ ପଡ଼ିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ଏବେ ସନ୍ଦୀପ ତାଙ୍କର ଅନ୍ୟ ଏକ ଚଳଚ୍ଚିତ୍ରରୁ ତେଲୁଗୁ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କୁ ବାଦ୍ ଦେଇଥିବା ଜଣାପଡ଼ିଛି । ଏବେ ଅଲ୍ଲୁଙ୍କ ସ୍ଥାନ ନେବେ ଜୁନିୟର ଏନ୍‌ଟିଆର୍ । ତେବେ ଏନେଇ ଅଲ୍ଲୁ କି ସନ୍ଦୀପ ବିଧିବଦ୍ଧ ଭାବେ କିଛି ନାହାନ୍ତି । କିଛି ଦିନ ପୂର୍ବରୁ ସନ୍ଦୀପ ପ୍ରଭାସଙ୍କ ମେଗା ବଜେଟ୍ ଫିଲ୍ମ ‘ସ୍ପିରିଟ୍’ରୁ ଦୀପିକାଙ୍କୁ ବାଦ୍ ଦେଇଥିଲେ । ତେବେ ଦୀପିକା ସେଟ୍‌ରେ ଆଠ ଘଣ୍ଟା କାମ କରିବା ସହ ଅଧିକ ପାରିଶ୍ରମିକ ଓ ଫିଲ୍ମର ଲାଭରୁ ସେୟାର୍ ମାଗିବାରୁ ତାଙ୍କୁ ସନ୍ଦୀପ ବାଦ୍ ଦେଇଥିବା ଚର୍ଚ୍ଚା ହେଉଛି । ଅପରପକ୍ଷରେ ସନ୍ଦୀପ ଦୀପିକାଙ୍କ ନାମ ନ ନେଇ ତାଙ୍କ କାହାଣୀ ଲିକ୍ କରି ଦେଇଥିବା ଟ୍ୱିଟର୍‌ରେ ଅଭିଯୋଗ ଆଣିଥିଲେ । ତେବେ ଏହି ବିବାଦ ସମୟରେ ଅଲ୍ଲୁ ଓ ଦୀପିକାଙ୍କ ଆଗାମୀ ଫିଲ୍ମର ଟିଜର୍ ଆସିଥିଲା । ଏଟ୍‌ଲିଙ୍କ ଫିଲ୍ମ ‘AA22xA6’ ଏହି ଦୁଇ ତାରକାଙ୍କୁ ଦେଖିବାକୁ ମିଳିବ । ଏହାର ସୁଟିଂ ଚଳିତବର୍ଷ ହେବ । ତେବେ ସନ୍ଦୀପ ତାଙ୍କ ଫିଲ୍ମରୁ ଅଲ୍ଲୁଙ୍କୁ କାହିଁକି ବାଦ୍ ଦେଲେ ସେସମ୍ପର୍କରେ ସ୍ପଷ୍ଟ କିଛି ଜଣାପଡ଼ିନାହିଁ ।

# ଗାଁ’ର ଘରେ ଘରେ ଇଞ୍ଜିନିୟର



ପାଠପଢ଼ା ପରେ ଜୀବନରେ ସମସ୍ତେ କିଛି ନା କିଛି କରିବାକୁ ଲକ୍ଷ୍ୟ ରଖିଥାନ୍ତି । କିଏ ଡାକ୍ତର ତ ଆଉ କିଏ ଇଞ୍ଜିନିୟର ହେବାକୁ ପ୍ରସ୍ତୁତି କରିଥାନ୍ତି । ଏହି କ୍ରମରେ ଭାରତରେ ଏମିତି ଏକ ଗାଁ ରହିଛି ଯେଉଁଠି ଘରେ ଘରେ ଇଞ୍ଜିନିୟର । ଏଥିପାଇଁ ଏହି ଗାଁ’ଟି ‘ଇଞ୍ଜିନିୟରଙ୍କ ଗାଁ’ ଭାବେ ଜଣାଯାଏ । ତାମିଲନାଡୁର ପୋଚାକ୍କୁଡି ଗାଁ’ଟି ଏକ ସ୍ୱତନ୍ତ୍ର ପେସା ପାଇଁ ଚର୍ଚ୍ଚାରେ ରହିଛି । ଗାଁ’ ରେ ୮୦୦ ବାସିନ୍ଦା ଅଛନ୍ତି । ତନ୍ମଧ୍ୟରୁ ୨୦୦ରୁ ଅଧିକ ଜଣ ଇଞ୍ଜିନିୟର ଅଛନ୍ତି । ଗାଁ’ର ଏହି ଯାତ୍ରା ଆରମ୍ଭ ହୋଇଥିଲା ଅଶୀ ଦଶକରେ । ସେତେବେଳେ ଜଣେ ସ୍କୁଲ ଶିକ୍ଷକ ଏହି ଗାଁ’ର ପିଲାମାନେ କିପରି ଉଚ୍ଚ ଶିକ୍ଷା ଗ୍ରହଣ କରି ସହରରେ ଚାକିରି କରିବେ, ଅଫିସର ହେବେ ସେ ନେଇ ସ୍ୱପ୍ନ ଦେଖିଥିଲେ । ଶିକ୍ଷକଙ୍କ ସ୍ୱପ୍ନ ପୂରା କରିବାକୁ ଗାଁ’ଯାକ ଲୋକେ ଚାଷକାମରେ ନିୟୋଜିତ ରହିଥିଲେ । ଚାଷକାର୍ଯ୍ୟରୁ ଯାହା ରୋଜଗାର ହୋଇଥିଲା ସେଥିରେ ସେ ପିଲାମାନଙ୍କୁ ପାଠ ପଢ଼ାଇଥିଲେ । ପିଲାମାନେ ମଧ୍ୟ ସାଇକଲ ଜରିଆରେ ବହୁ ଦୂର ଦୂରାନ୍ତକୁ ଯାଇ ସ୍କୁଲ କଲେଜରେ ପାଠ ପଢ଼ିଥିଲେ । ଧୀରେ ଧୀରେ ଗାଁ’ର ପିଲାମାନେ ଇଞ୍ଜିନିୟର ହେବାକୁ ଲାଗିଲେ । ବଡ଼ ହୋଇ ଇଞ୍ଜିନିୟର ହେବା ଏହି ଗାଁର ପିଲାମାନଙ୍କ ପାଇଁ ସତେ ଯେମିତି ଏକ ପରମ୍ପରା ପାଲଟିଗଲା । ତେଣୁ ପରବର୍ତ୍ତୀ ସମୟରେ ଏହି ଗାଁ’ର ପିଲାମାନଙ୍କୁ ସିଧାସଳଖ ସେ କେଉଁ ବ୍ରାଞ୍ଚ ନେଇ ଇଞ୍ଜିନିୟରିଂ ପଢ଼ିବେ ବୋଲି ପଚରାଗଲା । ଏହି ଗାଁ’ର କେବଳ ପୁରୁଷମାନେ ଯେ ଇଞ୍ଜିନିୟର ହୋଇଛନ୍ତି ତାହା ନୁହେଁ, ବରଂ ଝିଅମାନେ ମଧ୍ୟ ଇଲେକ୍ଟ୍ରୋନିକ୍ସ, କମ୍ପ୍ୟୁଟର ସାଇନ୍ସ କିମ୍ବା ସିଭିଲ ଇଞ୍ଜିନିୟରିଂରେ ବେଶ୍ ନାଁ କମାଇଛନ୍ତି । ବିଶେଷ କଥା ହେଉଛି, ଏହି ଗାଁ’ର ଏକ ନିଜସ୍ୱ କୋଚିଂ ସେଣ୍ଟର, ଇଣ୍ଟରନେଟ୍ ଲ୍ୟାବ୍ ଆଦି ରହିଛି । ଏଠାରେ ପିଲାମାନେ ଭବିଷ୍ୟତରେ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖନ୍ତି ।





# ଧାଡ଼ିରେ ବିହନ ବୁଣିବ ଡ୍ରମ୍ ସିଡର୍



ଅଧିକାଂଶ ଚାଷୀ ଧାନ ଚାଷକୁ ମୁଖ୍ୟ ଫସଲ ଭାବେ ଚାଷ କରନ୍ତି । ତେବେ ପାରମ୍ପରିକ ପ୍ରଣାଳୀରେ ଧାନ ଚାଷ କରାଯାଉଥିବାରୁ ନର୍ସରୀ ପ୍ରସ୍ତୁତ କରିବାଠୁ ନେଇ ତଳି ରୁଆ ଆଦି କାମରେ ଅଧିକ ଶ୍ରମ ଓ ସମୟ ଲାଗିଥାଏ । ଏଥିପାଇଁ ଚାଷୀ ଅଧିକ ଖର୍ଚ୍ଚାନ୍ତ ହୁଅନ୍ତି । ତେଣୁ ବର୍ତ୍ତମାନ ଚାଷୀମାନେ ଆଧୁନିକ କୃଷି ଯନ୍ତ୍ରପାତି ଉପଯୋଗ କରି ଏହି ସମସ୍ୟାକୁ ଦୂର କରିପାରୁଛନ୍ତି । ଏମିତି ଏକ କୃଷି ଉପକରଣ ହେଉଛି ଡ୍ରମ୍ ସିଡର୍ । ଚାଷୀଙ୍କ କାମକୁ ସହଜ କରିପାରୁଥିବା ଏହି ଯନ୍ତ୍ରପାତିଟି ଆୟ ବୃଦ୍ଧିରେ ସହାୟକ ହୋଇଥାଏ । ଧାନ ବିହନକୁ ସିଧା ବୁଣିବା ପାଇଁ ଏହି ଯନ୍ତ୍ରଟି ଅଧିକ ଲାଭପ୍ରଦ । ଡ୍ରମ୍ ସିଡର୍ ମନୁଷ୍ୟ ଚାଳିତ ଏକ ଯନ୍ତ୍ରପାତି । ଏହା ମାଧ୍ୟମରେ ଗଜା ଧାନକୁ ସିଧା ବୁଣାଯାଇଥାଏ । ତେଣୁ ଯେଉଁ ଅଞ୍ଚଳରେ ବର୍ଷା ହେଉଛି, ସେହି ସ୍ଥାନରେ ଚାଷୀମାନେ ଡ୍ରମ୍ ସିଡର ସାହାଯ୍ୟରେ ସହଜରେ ଧାନ ବୁଣାବୁଣି କାମ କରିପାରିବେ । ଏହି ଯନ୍ତ୍ରରେ ବୁଣାବୁଣି କାମ ସାରିବା ଦ୍ୱାରା ରୁଆରେ ହେଉଥିବା ଅତିରିକ୍ତ ଖର୍ଚ୍ଚରୁ ଆଶ୍ୱସ୍ତି ମିଳିଥାଏ । ଡ୍ରମ୍ ସିଡର୍ ୬ଟି ଶକ୍ତ ପ୍ଲାଷ୍ଟିକ୍ ଡବାରୁ ନିର୍ମିତ ଏକ ଉପଯୋଗୀ କୃଷି ଯନ୍ତ୍ର । ଏହାର ଲମ୍ବ ୨୫ ସେମି ଏବଂ ଚଉଡ଼ା ୧୮ ସେମି । ପ୍ରତ୍ୟେକ ଡବାରେ ପାଖାପାଖି ଦେଢ଼ରୁ ଦୁଇ କିଲୋ ଧାନ ବିହନ ଭରା ଯାଇପାରିବ । ଏହି ଯନ୍ତ୍ରର ମୋଟ୍ ଓଜନ ହେଉଛି ଛଅ କିଲୋ । ଏଥିରେ ଏକାଥରକରେ ୬ରୁ ୧୨ ଧାଡ଼ିରେ ଧାନ ବୁଣାଯାଇପାରିବ । ଏହି ଯନ୍ତ୍ର ସହାୟତାରେ ଦିନରେ ପାଖାପାଖି ୨.୫ ଏକର ବୁଣା କାମ ହୋଇଥାଏ । ଏଥିପାଇଁ ପ୍ରଥମେ ଧାନ ବିହନକୁ ୧୨ ଘଣ୍ଟା ପାଇଁ ପାଣିରେ ଭିଜାଇ ପରେ ଏହାକୁ ଝୋଟ ଅଖାରେ ୨୪ ଘଣ୍ଟା ଢାଙ୍କି ରଖାଯାଏ । ଏହା ଦ୍ୱାରା ଭଲ ଗଜା ହୋଇଥାଏ । ମେସିନ୍‌ରେ ବିହନ ପକାଇବା ପୂର୍ବରୁ ଏହାକୁ ଅଧଘଣ୍ଟା ଶୁଖାଇବା ଆବଶ୍ୟକ । ବଜାରରେ ବିଭିନ୍ନ କମ୍ପାନୀର ଡ୍ରମ୍ ସିଡର୍ ଉପଲବ୍ଧ ରହିଛି । ଏହି ମେସିନ୍ ଉପରେ ସରକାରଙ୍କ ତରଫରୁ ୫୦ ପ୍ରତିଶତ ରିହାତି ଦିଆଯାଉଛି ।

# ଧାନ ବିହନ ଚୟନ ଓ ବିଶୋଧନ

ବର୍ତ୍ତମାନ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି । ବର୍ଷା ଜଳକୁ ବିନିଯୋଗ କରି ଚାଷୀମାନେ ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି । ତେଣୁ ଧାନରେ ଖରୁଡ଼ି ବୁଣାକାର୍ଯ୍ୟ ଶେଷ କରିବାକୁ ଏହା ଉପଯୁକ୍ତ ସମୟ । ଏଥିପାଇଁ ଚାଷୀମାନେ ଜମିର କିସମ ଅନୁସାରେ ଧାନ ବିହନ କିସମ ଚୟନ କରିବା ଉଚିତ । ଅଧିକ ଅମଳକ୍ଷମ/ସଙ୍କର କିସମ ଧାନ ବିହନ ନିର୍ଭରଯୋଗ୍ୟ ସଂସ୍ଥାଠାରୁ ସଂଗ୍ରହ କରିବା ଜରୁରି । ସେହିପରି ଧାନ ବିହନ ୧୦୦ଟି ଗଣି ଗଜା କରି ଚାଷ କରିବା ଆବଶ୍ୟକ । ଏଥିପାଇଁ ଚାଷୀମାନେ ୫ମ, ଷଷ୍ଠ ଓ ୭ମ ଦିନ ଗଜାଧାନ ଗଣି ୮୫%ରୁ ଅଧିକ ଅଙ୍କୁରୋଦଗମକ୍ଷମ ବିହନକୁ ଚୟନ କରନ୍ତୁ । ଧାନ ଖରୁଡ଼ି ବୁଣା/ ବତୁରୁ ବୁଣା/ଧାନ ତଳି ପାଇଁ ଧାନକୁ ବିଶୋଧନ କରିବା ଦ୍ୱାରା ପ୍ରାଥମିକ ଅବସ୍ଥାରେ ରୋଗପୋକରୁ ଫସଲକୁ ସୁରକ୍ଷା ମିଳିଥାଏ । ତେଣୁ ବିହନକୁ ଖରାରେ ଶୁଖାଇ ଭୌତିକ ଭାବରେ ବିହନ ବିଶୋଧନ କରିପାରିବେ । ବିହନ ବିଶୋଧନ ଜୈବିକ ବା ରାସାୟନିକ ଉପାୟରେ କରାଯାଇଥାଏ । ପ୍ରାକୃତିକ କୃଷି କରୁଥିଲେ ବିହନକୁ ବୀଜାମୃତ, ଜୈବିକ ଉପାୟରେ ଜୈବ ଫିମ୍ପିନାଶକ ଟ୍ରାଇକୋଗାମାଭିରିଡି ୫ଗ୍ରାମ/ପ୍ରତି କିଗ୍ରା ବିହନରେ ମିଶାଇ ବିଶୋଧନ କରାଯାଇଥାଏ । ରାସାୟନିକ ଉପାୟରେ କ୍ୟାପଟାନ ବା ଥିରମ, କାର୍ବେଣ୍ଡାଜିମ୍ ଆଦି ଅନୁମୋଦିତ ପରିମାଣରେ ପ୍ରୟୋଗ କରି ବିହନ ବିଶୋଧନ କରାଯାଇପାରେ ।



## କୃଷି ପାଣିପାଗ


### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି ।
- କାଳବୈଶାଖୀ ବର୍ଷା ହେତୁ ଲତା ଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ ତଥା ରଞ୍ଜା ମଜବୁତ କରି ଦିଅନ୍ତୁ ।
- ଅତ୍ୟଧିକ ପବନରୁ ରକ୍ଷା ପାଇବା ପାଇଁ କଖାରୁ ଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ ।
- ଭେଣ୍ଡି ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୭୦ କିଗ୍ରା ଡିଏପି ୧୧ କିଗ୍ରା ମ୍ୟୁରେଟ୍ ଅଫ୍ ପଟାସ ସହିତ ୧୨ କିଗ୍ରା ୟୁରିଆ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ିକୁ ୪୫ ସେମି ଏବଂ ଗଛକୁ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ ।
- ଗାଈଗୋରୁମାନଙ୍କୁ ସଫା ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ । ଘାସ ଚରିବା ପାଇଁ ପଶୁମାନଙ୍କୁ ଶୁଖିଲା ପାଗରେ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡ଼ନ୍ତୁ ।

## ସଫଳ ଚାଷୀ

# ଆପ୍‌ରୁ ଫସଲର ଦେଖାରଖା

**ସମ୍ପ୍ରତି ଜମି ପ୍ରସ୍ତୁତିଠୁ ନେଇ ବିହନ ବୁଣିବା, କୀଟନାଶକ ସିଞ୍ଚନ, ଫସଲ କଟା, ରୋଗପୋକ ଚିହ୍ନଟ ସହ ଔଷଧ ସିଞ୍ଚନ ଆଦି ସ୍ମାର୍ଟ ତରିକାରେ ହୋଇପାରୁଛି । ଏହା ଦ୍ୱାରା କେବଳ ଚାଷୀଙ୍କ ଖର୍ଚ୍ଚ ଓ ଶ୍ରମ ହ୍ରାସ ହେଉଛି ତାହା ନୁହେଁ, ଅଧିକ ଉତ୍ପାଦନ ହୋଇପାରୁଛି । ତେବେ ସ୍ମାର୍ଟ ତରିକା ଆପଣାଇ ଚାଷରୁ ଲାଭ ପାଉଥିବା ଜଣେ ଚାଷୀ ହେଉଛନ୍ତି ମହାରାଷ୍ଟ୍ର, ଅମରାବତୀ ଜିଲ୍ଲାର ଖରପୀ ଗାଁ’ର ଗୌରବ ବିଜୱେ ।**





ଗୌରବ ୧,୨୦୦ରୁ ଉର୍ଦ୍ଧ୍ୱ କମଳା ଗଛକୁ ନେଇ ବଗିଚାଟେ କରିଛନ୍ତି । ଏହି ବଗିଚାକୁ ସ୍ମାର୍ଟ ଫାର୍ମର ପରିଣତ କରିବାକୁ ବିଜୟ ମହାଭିସ୍ତାରା-ଏଆଇ ଏବଂ ସୌରଚାଳିତ ସେନ୍ସର ଉପଯୋଗ କରିଛନ୍ତି । ଜମିରେ ଲଗାଇଥିବା ସୌରଚାଳିତ ସେନ୍‌ସର ମାଟିର ଆର୍ଦ୍ରତା, ତାପମାତ୍ରା, ପୋଷକତତ୍ତ୍ୱ ସୂଚନା ବିଷୟରେ ସାଟେଲାଇଟ୍ ଜରିଆରେ ସିଧା ମୋବାଇଲ୍ ଆପ୍‌କୁ ପଠାଇଥାଏ । ଯାହା ଫଳରେ ଗୌରବ ପ୍ରତିଦିନ ସକାଳୁ ମୋବାଇଲ୍ ସାହାଯ୍ୟରେ ତାଙ୍କ ବଗିଚାରେ ଥିବା କମଳା ଗଛକୁ ପାଣି, ଖତ କିମ୍ବା କୀଟନାଶକ ଆବଶ୍ୟକ କି ନାହିଁ ତାହାର ସୂଚନା ପାଇପାରୁଛନ୍ତି । ସ୍ମାର୍ଟ ପ୍ରଣାଳୀ ପାଇଁ ସେ ପାଖାପାଖି ୬୦,୦୦୦ଟଙ୍କା ନିବେଶ କରିଛନ୍ତି । ଏହା ଯୋଗୁଁ ଜଳ ଅପଚୟ ୫୦% ହ୍ରାସ ହୋଇଥିବାବେଳେ କୀଟନାଶକ ଖୁବ୍ କମ୍ ଉପଯୋଗ ହେଉଛି । ତେଣୁ ସ୍ମାର୍ଟ ତରିକାରେ ଚାଷ କରିବା ଦ୍ୱାରା ବର୍ତ୍ତମାନ ପ୍ରତି ଗଛରୁ ୧,୦୦୦ରୁ ୧,୫୦୦ କମଳା ଫଳ ଅମଳ ହେଉଛି । ମୋବାଇଲ୍ ଆପ୍ ସାହାଯ୍ୟରେ ଫସଲର ଦେଖାରଖା ସହଜ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଗୌରବଙ୍କ ପରି ସ୍ମାର୍ଟ ଚାଷ କରିବାକୁ ଆଗଭର ହୋଇଛନ୍ତି । କେବଳ ସେତିକି ନୁହେଁ, ସାମାଜିକ ଗଣମାଧ୍ୟମରେ ମଧ୍ୟ ଗୌରବଙ୍କ ଚାଷକୁ ନେଇ ବେଶ୍ ଚର୍ଚ୍ଚା ଲାଗିରହିଛି । ଅଧୁନା ଅଧିକାଂଶ ଯୁବକ ଚାକିରି ଅନ୍ୱେଷଣରେ ବିଦେଶକୁ ଯାଉଥିବାବେଳେ ଗୌରବ ଗାଁ’ରେ ରହି ଚାଷ କାର୍ଯ୍ୟରେ ଭାଗ୍ୟ ବଦଳାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।


ସକାଳ
THE SAKALA
www.sakalaepaper.com

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ

# ଭାରତ-ପାକିସ୍ତାନ ମୁକାବିଲା ଅକ୍ଟୋବର ୫ରେ

ଦୁବାଇ,୧୬।୬ (ଏଜେନ୍ସି):

ଭାରତ ଓ ଶ୍ରୀଲଙ୍କା କଲମ୍ବୋଠାରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ କିଏ କାହା ସହ ଖେଳିବ ସେ ସମ୍ପର୍କରେ କାର୍ଯ୍ୟସୂଚୀ ଆଜି ଘୋଷଣା କରାଯାଇଛି। ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଭାରତର ୨ଟି ହାଇଲେଭଲ ମୁକାବିଲା ମଧ୍ୟରୁ ପାକିସ୍ତାନ ସହ ମୁକାବିଲା ଶ୍ରୀଲଙ୍କାର କଲମ୍ବୋଠାରେ ଅକ୍ଟୋବର ୫ରେ ଓ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ସହ ଲଢ଼େଇ ଭାଇଜାଗ୍‌ରେ ଅକ୍ଟୋବର ୧୨ରେ ଖେଳାଯିବ। ବେଙ୍ଗାଲୁରୁରେ ସେପ୍ଟେମ୍ବର ୩୦ରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ଏଥିରେ ଭାରତ ସହ ଶ୍ରୀଲଙ୍କା ଖେଳିବ। ଅକ୍ଟୋବର ୧ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଟି-୨୦ ଚାମ୍ପିଅନ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ଟୁର୍ଣ୍ଣାମେଣ୍ଟ ଫର୍ମାଟ ଅନୁଯାୟୀ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ପରେ ପଏଣ୍ଟ ତାଲିକାରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲରେ ନଂ-୧ ଟିମ୍ ସହ ନଂ-୪ ଓ ନଂ-୨ ଟିମ୍ ସହ ନଂ-୩ ଟିମ୍ ଖେଳିବ। ଏହି ମ୍ୟାଚ୍ ଦୁଇଟି ଅକ୍ଟୋବର ୨୯ ଓ ୩୦ରେ ଖେଳାଯିବ। ପ୍ରଥମ ସେମିଫାଇନାଲ ଖେଳିବାକୁ ପାକିସ୍ତାନ ଯୋଗ୍ୟତା ଅର୍ଜନ କଲେ ସେହି ମ୍ୟାଚଟି ଶ୍ରୀଲଙ୍କାର କଲମ୍ବୋରେ ଏବଂ ପାକିସ୍ତାନ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ତାହା ମଧ୍ୟ କଲମ୍ବୋରେ ଖେଳାଯିବ।




### ବେଙ୍ଗାଲୁରୁରେ ଉଦ୍‌ଘାଟନୀ ମୁକାବିଲା

ବିଶ୍ୱକପ୍‌ର ଉଦ୍‌ଘାଟନୀ ମୁକାବିଲା ବେଙ୍ଗାଲୁରୁରେ ଖେଳାଯିବ। ସେପ୍ଟେମ୍ବର ୩୦ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଭାରତ ସହ ଶ୍ରୀଲଙ୍କାର ମୁକାବିଲା ହେବ। ପରେ ଭାରତର ପରବର୍ତ୍ତୀ ମ୍ୟାଚ୍ ପାକିସ୍ତାନ ସହ କଲମ୍ବୋରେ ଅକ୍ଟୋବର ୫ରେ ଖେଳାଯିବ। ଭାରତ ତାହାର ଅନ୍ୟ ମ୍ୟାଚ ଦକ୍ଷିଣ ଆଫ୍ରିକା ସହ ଅକ୍ଟୋବର ୯ରେ, ଅଷ୍ଟ୍ରେଲିଆ ସହ ଅକ୍ଟୋବର ୧୨ରେ, ଇଂଲଣ୍ଡ ସହ ଅକ୍ଟୋବର ୧୯ରେ, ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୨୩ରେ ଓ ବାଂଲାଦେଶ ସହ ଶେଷ ଲିଗ୍ ମ୍ୟାଚ୍ ଅକ୍ଟୋବର ୨୬ରେ ଖେଳିବ। ପାକିସ୍ତାନ ସହ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ଭାରତ ଏହି ମ୍ୟାଚ୍‌ଟି କଲମ୍ବୋରେ ଖେଳିବ।

### କଲମ୍ବୋରେ ଖେଳାଯିବ ୧୧ ମ୍ୟାଚ୍

ଏସୀୟ କ୍ରିକେଟ କାଉନ୍ସିଲ ଦ୍ୱାରା ବୁଝାମଣା ଅନୁଯାୟୀ ଭାରତ ଓ ପାକିସ୍ତାନ ଆୟୋଜନ କରୁଥିବା ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦେଶ ଅନ୍ୟ ଦେଶରେ ଖେଳିବ ନାହିଁ। ଏହା ଫଳରେ ଆଇସିସି ମହିଳା ବିଶ୍ୱକପ୍ ଭାରତ ଆୟୋଜନ କରୁଥିବାରୁ ପାକିସ୍ତାନ ଭାରତରେ କୌଣସି ମ୍ୟାଚ୍ ଖେଳିବ ନାହିଁ। ଏଣୁ ନିରପେକ୍ଷ ଭେନ୍ୟୁ ଭାବେ ଶ୍ରୀଲଙ୍କାର କଲମ୍ବୋକୁ ଚିହ୍ନଟ କରାଯାଇଛି। ଏଠାରେ ପାକିସ୍ତାନ ତାହାର ସମସ୍ତ ୭ଟି ଯାକ ଲିଗ୍ ମ୍ୟାଚ୍ ଖେଳିବ। ଏହା ଛଡ଼ା ଶ୍ରୀଲଙ୍କାର ୪ଟି ଲିଗ୍ ମ୍ୟାଚ୍ ମଧ୍ୟ ଏଠାରେ ଖେଳାଯିବ। ସମସ୍ତ ମ୍ୟାଚ୍ ଗୁଡ଼ିକ ଭାରତୀୟ ସମୟ ଅନୁସାରେ ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ଶ୍ରୀଲଙ୍କା ଏଠାରେ ଅଷ୍ଟ୍ରେଲିଆ ସହ ଅକ୍ଟୋବର ୪, ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୧୪, ଦକ୍ଷିଣ ଆଫ୍ରିକା ସହ ଅକ୍ଟୋବର ୧୭ ଓ ବାଂଲାଦେଶ ସହ ଅକ୍ଟୋବର ୨୦ରେ ଖେଳିବ। ପାକିସ୍ତାନ ଯଦି ସେମିଫାଇନାଲ ଓ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ ତେବେ କଲମ୍ବୋରେ ଦଳ ଦୁଇଟିଯାକ ମ୍ୟାଚ୍ ଖେଳିବ। ନଚେତ ଏହା ବେଙ୍ଗାଲୁରୁରେ ଖେଳାଯିବ।

### ଦିନିକିଆ ମହିଳା ବିଶ୍ୱକପ୍ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୩୦।୯ | ଭାରତ-ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧।୧୦ | ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ | ଇନ୍ଦୋର |
| ୨।୧୦ | ପାକିସ୍ତାନ-ବାଂଲାଦେଶ | କଲମ୍ବୋ |
| ୩।୧୦ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା | ବେଙ୍ଗାଲୁରୁ |
| ୪।୧୦ | ଶ୍ରୀଲଙ୍କା-ଅଷ୍ଟ୍ରେଲିଆ | କଲମ୍ବୋ |
| ୫।୧୦ | ଭାରତ-ପାକିସ୍ତାନ | କଲମ୍ବୋ |
| ୬।୧୦ | ନ୍ୟୁଜିଲାଣ୍ଡ-ଦକ୍ଷିଣ ଆଫ୍ରିକା | ଇନ୍ଦୋର |
| ୭।୧୦ | ଇଂଲଣ୍ଡ-ବାଂଲାଦେଶ | ଗୌହାଟୀ |
| ୮।୧୦ | ପାକିସ୍ତାନ-ଅଷ୍ଟ୍ରେଲିଆ | କଲମ୍ବୋ |
| ୯।୧୦ | ଭାରତ-ଦକ୍ଷିଣ ଆଫ୍ରିକା | ଭାଇଜାଗ୍ |
| ୧୦।୧୦ | ନ୍ୟୁଜିଲାଣ୍ଡ-ବାଂଲାଦେଶ | ଭାଇଜାଗ୍ |
| ୧୧।୧୦ | ଇଂଲଣ୍ଡ-ଶ୍ରୀଲଙ୍କା | ଗୌହାଟୀ |
| ୧୨।୧୦ | ଭାରତ-ଅଷ୍ଟ୍ରେଲିଆ | ଭାଇଜାଗ୍ |
| ୧୩।୧୦ | ବାଂଲାଦେଶ-ଦକ୍ଷିଣ ଆଫ୍ରିକା | ଭାଇଜାଗ୍ |
| ୧୪।୧୦ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୧୫।୧୦ | ପାକିସ୍ତାନ-ଇଂଲଣ୍ଡ | କଲମ୍ବୋ |
| ୧୬।୧୦ | ଅଷ୍ଟ୍ରେଲିଆ-ବାଂଲାଦେଶ | ଭାଇଜାଗ୍ |
| ୧୭।୧୦ | ଶ୍ରୀଲଙ୍କା-ଦକ୍ଷିଣ ଆଫ୍ରିକା | କଲମ୍ବୋ |
| ୧୮।୧୦ | ପାକିସ୍ତାନ-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୧୯।୧୦ | ଭାରତ-ଇଂଲଣ୍ଡ | ଇନ୍ଦୋର |
| ୨୦।୧୦ | ଶ୍ରୀଲଙ୍କା-ବାଂଲାଦେଶ | କଲମ୍ବୋ |
| ୨୧।୧୦ | ପାକିସ୍ତାନ-ଦକ୍ଷିଣ ଆଫ୍ରିକା | କଲମ୍ବୋ |
| ୨୨।୧୦ | ଅଷ୍ଟ୍ରେଲିଆ-ଇଂଲଣ୍ଡ | ଇନ୍ଦୋର |
| ୨୩।୧୦ | ଭାରତ-ନ୍ୟୁଜିଲାଣ୍ଡ | ଗୌହାଟୀ |
| ୨୪।୧୦ | ପାକିସ୍ତାନ-ଶ୍ରୀଲଙ୍କା | କଲମ୍ବୋ |
| ୨୫।୧୦ | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା | ଇନ୍ଦୋର |
| ୨୬।୧୦ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | ଗୌହାଟୀ |
| ୨୬।୧୦ | ଭାରତ-ବାଂଲାଦେଶ | ବେଙ୍ଗାଲୁରୁ |
| ୨୯।୧୦ | ପ୍ରଥମ ସେମିଫାଇନାଲ | ଗୌହାଟୀ/କଲମ୍ବୋ |
| ୩୦।୧୦ | ଦ୍ୱିତୀୟ ସେମିଫାଇନାଲ | ବେଙ୍ଗାଲୁରୁ |
| ୨।୧୧ | ଫାଇନାଲ | କଲମ୍ବୋ/ବେଙ୍ଗାଲୁରୁ |

## ଏଏଫ୍‌ସି ମହିଳା ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

# ଭାରତୀୟ ଦଳରେ ପ୍ୟାରୀ, ମନୀଷା

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆଗାମୀ ଏଏଫ୍‌ସି ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ସୋମବାର ୨୪ ଜଣିଆ ଭାରତୀୟ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ କ୍ରିପସନ୍ ଛେତ୍ରୀ ଘୋଷଣା କରିଥିବା ଦଳରେ ଓଡ଼ିଶାର ଦୁଇଜଣ ମହିଳା ଫୁଟ୍‌ବଲ ଖେଳାଳି ରହିଛନ୍ତି। ସେମାନେ ହେଲେ ଦୁଇ ଅଭିଜ୍ଞ ଫରୱାର୍ଡ ପ୍ୟାରୀ ଖାଖା ଓ ମନୀଷା ନାୟକ। ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଭାରତ ବ୍ୟତୀତ ଆୟୋଜକ ଥାଇଲାଣ୍ଡ, ଇରାକ, ମଙ୍ଗୋଲିଆ ଓ ତିମୋର ଲିଷ୍ଟ ରହିଛି। ଭାରତ ଜୁନ ୨୩ରେ ମଙ୍ଗୋଲିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୯ ରେ ତିମୋର ଲିଷ୍ଟ, ଜୁଲାଇ ୨ରେ ଇରାକ ଓ ଜୁଲାଇ ୫ରେ ଥାଇଲାଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ଗ୍ରୁପ୍‌ର ବିଜେତା ୨୦୨୬ ମାର୍ଚ୍ଚରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏସିଆନ୍ କପ୍‌ର ମୁଖ୍ୟ ଟୁର୍ଣ୍ଣାମେଣ୍ଟକୁ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।



# 'ପଟୌଦୀ' ଐତିହ୍ୟ ଅକ୍ଷୁଣ୍ଣ ରଖାଯାଉ: ସଚିନ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): କ୍ରିକେଟ୍‌ର ଭଗବନା ଭାବେ ବିବେଚିତ ହେଉଥିବା ସଚିନ ତେନ୍ଦୁଲକର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ଏକ ଅନୁରୋଧ କରିଛନ୍ତି। ଯେଉଁଥିରେ ସେ କହିଛନ୍ତି, ଇଂଲଣ୍ଡ ମାଟିରେ ଭାରତୀୟ ଦଳ ଯେଉଁ ଟେଷ୍ଟ ସିରିଜ ଖେଳୁଛି ତାହାର ନାମକୁ ପଟୌଦୀ ଐତିହ୍ୟ ସହ ଅକ୍ଷୁଣ୍ଣ ରଖାଯାଉ। ପୂର୍ବରୁ ଉଭୟ ବିସିସିଆଇ ଓ ଇସିବି ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜର ନାମକୁ 'ଆଣ୍ଡରସନ-ତେନ୍ଦୁଲକର' ଟ୍ରଫି ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏମ୍‌ଏକେ ପଟୌଦୀଙ୍କ ନାମରେ ପୂର୍ବରୁ ପ୍ରଦାନ କରାଯାଉଥିବା 'ପଟୌଦୀ ଟ୍ରଫି'କୁ ଅବସର ଦିଆଯାଇଥିଲା। ଏବେ କିନ୍ତୁ ସଚିନଙ୍କ ଅନୁରୋଧ ପରେ 'ପଟୌଦୀ'ଙ୍କ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଆଗାମୀ ଟେଷ୍ଟ ସିରିଜର ବିଜୟୀ ଅଧିନାୟକ କିମ୍ବା ଶ୍ରେଷ୍ଠ ଖେଳାଳିଙ୍କୁ 'ପଟୌଦୀ ପଦକ' ପ୍ରଦାନ କରିବା ନେଇ ନିଷ୍ପତ୍ତି ନେଇଛି।

■ ଜାତୀୟ ବଡିବିଲ୍ଡିଂ

# ପିଙ୍କି ଚାମ୍ପିଅନ; ଜିତେନ୍ଦ୍ରଙ୍କୁ ୨ ରୌପ୍ୟ

ଭୁବନେଶ୍ୱର, ୧୬।୬ (ସମିସ): ଉତ୍ତର ପ୍ରଦେଶର ଗାଜିଆବାଦ୍‌ଠାରେ ଦ୍ୱିତୀୟ ମିଷ୍ଟର ଇଣ୍ଡିଆ ବଡିବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ସିନିଅର ବଡିବିଲ୍ଡିଂ ଓ ଫିଜିକ୍ସ ସ୍ପୋର୍ଟ୍ସ ଚାମ୍ପିଅନସିପ୍‌ରେ ଦୁଇ ଓଡ଼ିଆ ପ୍ରତିଯୋଗୀ ପିଙ୍କି ବେହେରା ଓ ଜିତେନ୍ଦ୍ର ବାରିକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମହିଳା ବଡିବିଲ୍ଡିଂରେ ପିଙ୍କି ଚାମ୍ପିଅନ ହୋଇ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିଭଳି ଜିତେନ୍ଦ୍ର ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ପୁରୁଷ ଫିଜିକ୍ସ ୬୫ କିଗ୍ରା ଓ ୭୫ କିଗ୍ରାରେ ଏହି ସଫଳତା ପାଇଛନ୍ତି।

# ଯମଜ ପୁତ୍ର ସନ୍ତାନର ପିତା ହେଲେ ନୀତୀଶ

ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଭାରତୀୟ କ୍ରିକେଟର୍ ନୀତୀଶ ରାଣାଙ୍କ ଲାଗି ଖୁସି ଖବର। ପ୍ରଥମଥର ଲାଗି ପିତୃତ୍ୱ ଲାଭ କରିଛନ୍ତି ଏହି ବାମହାତୀ ବ୍ୟାଟର୍। ନୀତୀଶଙ୍କ ପତ୍ନୀ ସାଚି ମାରୱାହ ଯମଜ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ସୋମବାର ନୀତୀଶ ଏହି ଖୁସି ଖବରକୁ ତାଙ୍କ ପ୍ରଶଂସକଙ୍କୁ ଶେୟାର କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ପାଇଁ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ନୀତୀଶ ଗତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ୨୦୧୯ ରେ ସେ ଇଣ୍ଟେରିୟର ଡିଜାଇନର ସାଚିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସାଚି ମାତୃତ୍ୱ ଲାଭ କରିବାକୁ ଯାଉଥିବା ସୂଚନା ନୀତୀଶ ଗତ ମାର୍ଚ୍ଚରେ ପ୍ରଶଂସକଙ୍କୁ ଜଣାଇଥିଲେ।



## ଭାରତୀୟ କ୍ରିକେଟ ଦଳର ଇଂଲଣ୍ଡ ଟୁର୍

# ଦଳ ସହ ଆଜି ଯୋଗଦେବେ ଗମ୍ଭୀର

ଲଣ୍ଡନ,୧୬।୬ (ଏଜେନ୍ସି): ବ୍ୟକ୍ତିଗତ କାରଣ ଲାଗି ସ୍ୱଦେଶ ଫେରିଥିବା ଭାରତୀୟ କ୍ରିକେଟ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ଆସନ୍ତାକାଲି ବା ମଙ୍ଗଳବାର ଲଣ୍ଡନରେ ଦଳ ସହ ଯୋଗଦେବେ। ଗମ୍ଭୀର ମା' ମେଡିକାଲରେ ଭର୍ତ୍ତି ହେବାରୁ ସ୍ୱଦେଶ ଫେରି ଆସିଥିଲେ। ଏବେ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଥେଷ୍ଟ ଉନ୍ନତି ହେବାରୁ ସେ ଲଣ୍ଡନ ଆସିଛନ୍ତି। କେଣ୍ଟରେ ଭାରତ-ଏ' ସହ ସିନିୟର ଦଳ ଖେଳିଥିବା ଅଭ୍ୟାସ ମ୍ୟାଚ୍ ଆଜି ଶେଷ ହୋଇଛି। କିନ୍ତୁ ଏହାର ଫଳାଫଳ ସମ୍ପର୍କରେ କୌଣସି ତଥ୍ୟ ଅବଗତ କରାଯାଇନାହିଁ। କିନ୍ତୁ ଏହି ମ୍ୟାଚ୍ ଖେଳାଳିଙ୍କ ଲାଗି ବେଶ ଲାଭଜନକ ହୋଇଛି ବୋଲି ସହକାରୀ କୋଚ୍ ରିୟାନ ଟେନ୍ ଡୋଏଶ୍ଚେଟ ମ୍ୟାଚ୍‌ରେ ଦାୟିତ୍ୱ ତୁଲାଇଥିଲେ। ଟେଷ୍ଟ କ୍ରିକେଟରୁ ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଅବସର ନେବା ପରେ ତାଙ୍କ ଶୂନ୍ୟସ୍ଥାନ ପୂରଣ ଲାଗି ପ୍ରଚେଷ୍ଟା ଚାଲିଛି। ଭାରତୀୟ ଦଳକୁ ଫେରିଥିବା କରୁଣ ନାୟାର ଓ ଆଦୌ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ସାଇ ସୁଦର୍ଶନ ଏହି ସ୍ଥାନ ପୂରଣ କରିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରି ନାୟାର ତାଙ୍କ ଦାବି ଉପସ୍ଥାପନ କରିଛନ୍ତି। ଅଭିମନ୍ୟୁ ଈଶ୍ୱରନ ଓ ଧ୍ରୁବ ଜୁରେଲ ମଧ୍ୟ ଭଲ ସ୍କୋର କରିଛନ୍ତି।

ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲିଡ୍ସରେ ଜୁନ୍ ୨୦ରୁ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତର ଉଭୟ ସ୍ପିନର ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବଙ୍କୁ ଖେଳାଇବା ଲାଗି ହରଜଭନ ସିଂହ ପରାମର୍ଶ ଦେଇଛନ୍ତି।

# ଅଶ୍ୱିନଙ୍କ ନାମରେ ବଲ୍ ଟାମ୍ପରିଂ ଅଭିଯୋଗ

ଚେନ୍ନଇ, ୧୬।୬ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ତାମିଲନାଡୁ ପ୍ରିମିଅର ଲିଗ୍ (ଟିଏନ୍‌ପିଏଲ୍)ର ଚଳିତ ୯ମ ସଂସ୍କରଣରେ ବେଶ୍ ଚର୍ଚ୍ଚାରେ ରହିଆସିଛନ୍ତି। ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଅଶ୍ୱିନଙ୍କ ନାମରେ ଗୁରୁତର ବଲ୍ ଟ୍ୟାମ୍ପରିଂ ଭଳି ଅଭିଯୋଗ ଆସିଛି। ସିଏଚେମ୍ ମଦୁରାଇ ପାନ୍ଥର୍ସ ଫ୍ରାଞ୍ଚାଇଜ ପକ୍ଷରୁ ଏହି ଅଭିଯୋଗ ଟିଏନ୍‌ପିଏଲ୍ ନିକଟରେ ଲିଖିତ ଭାବେ କରାଯାଇଛି। ଅଶ୍ୱିନ ଡିଣ୍ଡିଗଲ୍ ଡ୍ରାଗନ୍ସ ଦଳର ନେତୃତ୍ୱ ନେଉଥିବାବେଳେ ଗତ ରବିବାର ମଦୁରାଇ ପାନ୍ଥର୍ସ ବିପକ୍ଷ ମ୍ୟାଚରେ ସେ ବଲ୍ ଟ୍ୟାମ୍ପରିଂ କରିଥିବା ଏହି ଅଭିଯୋଗରେ କୁହାଯାଇଛି। ଏହି ମ୍ୟାଚରେ ଫିଲ୍ଡିଂ ସମୟରେ ଡ୍ରାଗନ୍ସ ଅଧିନାୟକ ଅଶ୍ୱିନ ଯେଉଁ ଟାୱେଲରେ ବଲ୍‌କୁ ପୋଛୁଥିଲେ ସେଥିରେ କେମିକାଲ ବୋଳାଯାଇଥିଲା। ଯାହା ବଲ୍‌ର ସ୍ଥିତିକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଥିଲା। ତେବେ ତାମିଲନାଡୁ କ୍ରିକେଟ୍ ସଂଘ ପକ୍ଷରୁ ଭିଡିଓ ରିଭ୍ୟୁ କରାଯିବାପରେ ବଲ୍ ଟାମ୍ପରିଂ ଅଭିଯୋଗକୁ ଖଣ୍ଡନ କରାଯାଇଛି।

## ଏସିଆନ୍ ପାରା ବ୍ୟାଡ୍‌ମିଣ୍ଟନ

# ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୧୬।୬ (ସମିସ): ଓଡ଼ିଶା ପାରାବ୍ୟାଡ୍‌ମିଣ୍ଟନ କ୍ରୀଡ଼ା ଲାଗି ଗର୍ବର ସମୟ। ଥାଇଲାଣ୍ଡରେ ଆସନ୍ତାକାଲିଠାରୁ ହେବାକୁ ଯାଉଥିବା ଏସିଆନ ପାରାବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଲାଗି ଓଡ଼ିଶାର ୪ଜଣ ଖେଳାଳି ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେମାନେ ହେଲେ ଦୀପରଞ୍ଜନ ବିଶୋଇ, ଜି ଦିଲାଶ୍ୱର ରାଓ, ଶୁଭ୍ରଜିତ ମହାରଣା ଓ ନୁରୁଲ ହାସନ ଖାନ୍। ଏମାନେ ଏସିଆ ମହାଦେଶର ଶ୍ରେଷ୍ଠ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ସହ ମୁକାବିଲା କରିବେ। ଭାରତୀୟ ଦଳରେ ୪ଜଣ ଖେଳାଳି ସାମିଲ ହେବା ଅର୍ଥ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଦେଶ ତଥା ଦେଶ ବାହାରେ ଏକ ଶକ୍ତିହେବାକୁ ଯାଉଛି। ସରକାରୀ ସହାୟତା ଓ ପାରା କ୍ରୀଡ଼ା ସଂଗଠନର ଉଦ୍ୟମ ବଳରେ ଏହା ସମ୍ଭବ ହୋଇପାରିଛି। ଏହି କ୍ରୀଡ଼ାବିତ୍‌ମାନଙ୍କୁ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଥାଇଲାଣ୍ଡରେ ଗତକାଲି ଶେଷ ହୋଇଥିବା ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଦିଲାଶ୍ୱର ରାଓ ପୁରୁଷ ଯୁଗଳ ବିଭାଗରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେ ଏସ୍‌ଏଲ୩-୪ କାଟେଗୋରୀରେ ଦିନେଶ ରାଜେୟାଙ୍କ ସହ ମିଶି ଏହି ସଫଳତା ପାଇଥିଲେ। କାଂସ୍ୟ ପଦକ ମୁକାବିଲାରେ ନେପାଳର ଅଧିକାରୀ ପ୍ରକାଶ ଓ ଭୂଟାନର ଚେୟାଙ୍କ କୁଏନ୍‌ଚାପଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ତାଙ୍କୁ କାଂସ୍ୟ ପଦକ ମିଳିଥିଲା।



# ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସ୍‌ଙ୍କ ଦ୍ୱାଦଶ ବିଶ୍ୱରେକର୍ଡ

ଷ୍ଟକହୋଲମ, ୧୬।୬ (ଏଜେନ୍ସି): ସ୍ୱିଡେନର ଆର୍ମଣ୍ଡ ଡୁପ୍ଲାଣ୍ଟିସ ପୋଲ୍ ଭଲ୍ଟରେ ପୁଣିଥରେ ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଘରୋଇ ମାଟିରେ ରବିବାର ଅନୁଷ୍ଠିତ ଷ୍ଟକହୋଲମ୍ ଡାଏମଣ୍ଡ ଲିଗ୍‌ରେ ୨୫ ବର୍ଷୀୟ ଅର୍ମାଣ୍ଡ ୬.୨୮ ମିଟର ଉଚ୍ଚକୁ ଡେଇଁଥିଲେ। ଯାହାକି ପୁରୁଷ ପୋଲ୍ ଭଲ୍ଟରେ ନୂଆ ବିଶ୍ୱରେକର୍ଡ ହୋଇଛି। ଆମେରିକା ଜନ୍ମିତ ଡବଲ୍ ଅଲିମ୍ପିକ ଚାମ୍ପିଅନ ଡୁପ୍ଲାଣ୍ଟିସ ଏଥିସହ ୧୨ଥର ଲାଗି ନିଜ ନାମରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଫେବୃଆରୀ ୨୮ ରେ ଫ୍ରାନ୍ସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ସେ ୬.୨୭ ମିଟର ଡେଇଁ ନୂଆ ରେକର୍ଡର ଅଧିକାରୀ ରହିଥିଲେ। ୨୦୨୦ ମସିହାରେ ଡୁପ୍ଲାଣ୍ଟିସ ୬.୧୭ ମିଟର ଉଚ୍ଚକୁ ଡେଇଁ ପ୍ରଥମଥର ଲାଗି ବିଶ୍ୱରେକର୍ଡ କରିଥିଲେ।

## ଖଣ୍ଡିତର ସର୍ବଭାରତୀୟ କବାଡ଼ିରେ ବର୍ଷା ପ୍ରତିବନ୍ଧକ

# ପୁରୁଷ ଓ ମହିଳାରେ ଯୁଗ୍ମ ଚାମ୍ପିଅନ

ରସୁଲପୁର,୧୬।୬ (ସମିସ):

ଯାଜପୁର କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ଖଣ୍ଡିତରଠାରେ ଚାଲିଥିବା ୭୭ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରବଳ ବର୍ଷା ଯୋଗୁ ଉଭୟ ପୁରୁଷ ଓ ମହିଳା ବିଭାଗ ଫାଇନାଲ ଖେଳ ସମ୍ଭବପର ହୋଇପାରି ନ ଥିଲା। ଫଳରେ ଉଭୟ ବର୍ଗରେ ଫାଇନାଲରେ ପ୍ରବେଶ କରିଥିବା ଦୁଇ ଦଳକୁ ଯୁଗ୍ମ ବିଜେତା ଘୋଷିତ କରାଯାଇଥିଲା। ଏହା ମଧ୍ୟରୁ ମହିଳା ବିଭାଗରେ ପୂର୍ବ ରେଳବାଇ ଓ ଦକ୍ଷିଣପୂର୍ବ ରେଳବାଇ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥାନ୍ତା। ବର୍ଷା ଯୋଗୁ ଫାଇନାଲ ମ୍ୟାଚ୍ ସମ୍ଭବ ହୋଇ ନ ପାରିବାରୁ ପୂର୍ବ ରେଳବାଇ ଓ ଦକ୍ଷିଣପୂର୍ବ ରେଳବାଇ ଯୁଗ୍ମ ଭାବେ ଚଳିତ ସଂସ୍କରଣ ବିଜେତା ହୋଇଛନ୍ତି। ଏଥିସହ ପୁରସ୍କାର ରାଶି (ଚାମ୍ପିଅନ ୫୦ ହଜାର ଓ ରନର୍ସଅପ୍ ୩୦ ହଜାର)କୁ ଉଭୟ ଦଳ ମଧ୍ୟରେ ସମାନ ଭାବେ ୪୦ ହଜାର ଟଙ୍କା ଲେଖାଏ ଭାଗ କରାଯାଇଛି। ସେହିଭଳି ପୁରୁଷ ବିଭାଗ ଫାଇନାଲ ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ବିଳାସପୁର ମଧ୍ୟରେ ଖେଳାଯିବାର ଥିଲା। ଫାଇନାଲ ହୋଇ ନ ପାରିବାରୁ ଉଭୟ ଯୁଗ୍ମ ବିଜେତା ହୋଇଥିଲେ। ଉଭୟ ଦଳ ୧.୨୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ହାସଲ କରିଥିଲେ। ପୁରୁଷ ବିଭାଗରେ ଚାମ୍ପିଅନ ୧.୫ ଲକ୍ଷ ଓ ରନର୍ସଅପ୍ ୧ ଲକ୍ଷ ଟଙ୍କା ରହିଥିଲା। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ।



ପୂର୍ବରୁ ମହିଳା ବିଭାଗରେ ସୋମବାର ସକାଳେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ପୂର୍ବ ରେଳବାଇ ୩୪-୨୦ ପଏଣ୍ଟରେ ଭୁବନେଶ୍ୱରର କିଟ୍-କିସ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ବିଳମ୍ବିତ ରାତିରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣପୂର୍ବ ରେଳବାଇ ୪୦-୧୫ରେ ପଶ୍ଚିମବଙ୍ଗର ଅଶୋକ ସଂଘକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଅପରପକ୍ଷରେ ପୁରୁଷ ବିଭାଗର ସେମିଫାଇନାଲରେ ବିଳାସପୁର ୩୯-୨୧ ପଏଣ୍ଟରେ ଭୋପାଳକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନିତ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ୪୩-୨୦ ପଏଣ୍ଟରେ ଦିଲ୍ଲୀକୁ ହରାଇ ଟାଇଟଲ ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲା।

ଉଦ୍‌ଯାପନ ଦିବସରେ କୋରାଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଯାଜପୁର କବାଡ଼ି ସଂଘ ସଭାପତି ପ୍ରଦୀପ କୁମାର ସେଠୀ ଓ ସମ୍ପାଦକ ସମରେନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS